


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୩ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 June 2026
Vol.No. 36 ■ No.163 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬
ସାଇ ସାଧନା ସେବାଶ୍ରମ
ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ
(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)
୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬
Only for ST/SC Students
(Not for Service Holders)
ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Contact No: 9437294587, 9437443950, 9937557158


## ଲକ୍ଷ୍ନୌର କୋଚିଂ ସେଣ୍ଟରରେ ଭୟାବହ ଅଗ୍ନିକାଣ୍ଡ: ଜୀବନ୍ତ ଜଳିଗଲେ ୧୫ ଛାତ୍ରଛାତ୍ରୀ

### ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ସହାୟତା ରାଶି ଘୋଷଣା

ନୂଆଦିଲ୍ଲୀ,୨୨/୬ : ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଉତ୍ତର-ପଶ୍ଚିମ ଲକ୍ଷ୍ନୌର ଆଲିଗଞ୍ଜ ଅଞ୍ଚଳରେ ଥିବା ଏକ କୋଠାରେ ଭୟାବହ ଅଗ୍ନିକାଣ୍ଡ ଘଟି ଅତିକମରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଏହି କୋଠାରେ ଏକ କୋଚିଂ ସେଣ୍ଟର ଚାଲୁଥିଲା, ଯେଉଁଠାରେ ନିଆଁ ଲାଗିବା ପରେ ଅନେକ ଛାତ୍ରଛାତ୍ରୀ ଫସି ରହିଥିଲେ। ସୂଚନା ଅନୁସାରେ ନିଆଁ ଏତେ ଭୟଙ୍କର ଥିଲା ଯେ ଭିତରେ ଥିବା ଛାତ୍ରଛାତ୍ରୀମାନେ ବାହାରକୁ ଆସିବା ସମ୍ଭବ ହୋଇନଥିଲା । ପ୍ରାଣ ବିକଳରେ କିଛି ଛାତ୍ରଛାତ୍ରୀ କୋଠାର ପ୍ରଥମ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖାଯାଉଛି ଯେ, ଜଣେ ବ୍ୟକ୍ତି ଝରକା ବାଟେ ବାହାରକୁ ଆସି ବଞ୍ଚିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ସେ କୋଠାର ଏକ ଧାରକୁ ଧରି ରଖିବାରେ ଅସମର୍ଥ ହୋଇ ତଳେ ଥିବା ବାଡ଼ ଉପରେ ପଡ଼ିଯାଉଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନିଆଁ ପ୍ରାୟ ଏକ ଘଣ୍ଟା ଧରି ଜଳିବା ପରେ ଅଗ୍ନିଶମ ବାହିନୀ ଏହାକୁ ଆୟତ୍ତ କରିଥିଲେ । ନିଆଁ ଲିଭିବା ପରେ କୋଠା ଭିତରୁ ୧୬ଟି ମୃତଦେହ ଉଦ୍ଧାର କରାଯାଇଛି । ଘଟଣା ପରେ ଉତ୍ତର ପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଭେଟି ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ଏବଂ ଅଗ୍ନିଶମ ବିଭାଗ ଅଗ୍ନିକାଣ୍ଡର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ଜାରି ରଖିଛନ୍ତି ।




◆◆ପୃଷ୍ଠା ୭

## ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ

ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟବ୍ୟାପୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଂଚିଛି। ଏହି ବୃହତ୍ ଅଭିଯାନ ସମାପ୍ତ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଥିବାବେଳେ, ଆସନ୍ତା ୨୮ ଜୁନ ଏହାର ଶେଷ ତାରିଖ। ଅବଶିଷ୍ଟ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସମସ୍ତ ଜିଲ୍ଲାରେ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସୋମବାର ସୁଦ୍ଧା ରାଜ୍ୟର ୯୯.୮୬ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଞ୍ଚାଇ ଦିଆଯାଇଛି। ସଂଖ୍ୟା ଦୃଷ୍ଟିରୁ ଏହା ୩ କୋଟି ୩୩ ଲକ୍ଷ ୫୧ହଜାର ୯୬୭ ଜଣ ଭୋଟରଙ୍କୁ ଫର୍ମ ବଂଟନ କରାଯାଇଛି। ଶତପ୍ରତିଶତ ବଣ୍ଟନ ଲକ୍ଷ୍ୟ ହାସଲ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅବଶିଷ୍ଟ ଭୋଟରଙ୍କ ସହ ନିରନ୍ତର ସମ୍ପର୍କ ରକ୍ଷା କରି ଫର୍ମ ବଣ୍ଟନ କାର୍ଯ୍ୟ ଜାରି ରଖିଛନ୍ତି।

## ସକ୍ରିୟ ହେଲା ମୌସୁମୀ: ୪୮ ଘଣ୍ଟାରେ ସାରା ଓଡ଼ିଶା ଛୁଇଁବ



ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗକୁ ବଢିବା ପାଇଁ ସ୍ଥିତି ଅନୁକୂଳ ହୋଇଛି । ୪୮ ଘଣ୍ଟା ମଧ୍ୟରେ ସାରା ଓଡିଶା ଛୁଇଁବ ମୌସୁମୀ । ଏହାସହ ରାଜ୍ୟରେ ଟ୍ରପ ଲାଇନ ସକ୍ରିୟ ରହିଛି । ଆହୁରି ୫ ଦିନ ଯାଏ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ଆଜି ଭୁବନେଶ୍ୱର ଓ କଟକରେ ଝିପି ଝିପି ବର୍ଷା ହେଉଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାର ବର୍ଷା ସମ୍ଭାବନା ରହିଛି ।କୋରାପୁଟ, ରାୟଗଡା, କନ୍ଧମାଳ, ବରଗଡ଼ ଜଗତସିଂହପୁର, କେନ୍ଦ୍ରାପଡା ଭଦ୍ରକ ଓ ବାଲେଶ୍ୱର ଏହି ୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆସନ୍ତାକାଲି ବି ମାଲକାନଗିରି, କୋରାପୁଟ, ନବରଙ୍ଗପୁର ରାୟଗଡ଼ା ଓ ଗଜପତିରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ଏହି ଜିଲ୍ଲାଗୁଡିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ଆସନ୍ତା ୨ ଦିନ ବର୍ଷା ପ୍ରଭାବରେ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇବ । ଜୁନ୍ ଶେଷ ସପ୍ତାହ ବେଳକୁ ଉତ୍ତର ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଥିବାବେଳେ ଜୁଲାଇ ପ୍ରଥମ ସପ୍ତାହରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଆଗପଛ ହୋଇ ଦୁଇଟି ଲଘୁଚାପ ବଙ୍ଗୋପସାଗରରେ ଆସୁଥିବାରୁ ଜୁଲାଇ ପହିଲାରୁ ମୌସୁମୀ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି।

◆◆ପୃଷ୍ଠା ୭

## ବିଜେଡି-କଂଗ୍ରେସକୁ ଝଟ୍କା: ବିଧାୟକଙ୍କ ଅଯୋଗ୍ୟତା ଆବେଦନ ଖାରଜ

ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଅଭିଯୋଗକୁ ନେଇ ଉଭୟ ବିଜୁ ଜନତା ଦଳ ଓ କଂଗ୍ରେସକୁ ଲାଗିଛି ବଡ଼ ଝଟକା । ଦୁଇ ଦଳ ପକ୍ଷରୁ ଦାଖଲ କରାଯାଇଥିବା ଅଯୋଗ୍ୟତା ଆବେଦନକୁ କରାଯାଇଛି ଖାରଜ । ବାଚସ୍ପତିଙ୍କ ନିଷ୍ପତ୍ତି ପରେ ଆରମ୍ଭ ହୋଇଯାଇଛି ବୟାନବାଜି । ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ । ବିଜେଡି ଓ କଂଗ୍ରେସର ୧୧ ବିଧାୟକଙ୍କ ଭୋଟ ପାଇ ବିଜୟୀ ହୋଇଥିଲେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ । କ୍ରସ ଭୋଟ୍ ପରେ ଦଳ ପକ୍ଷରୁ ସମସ୍ତ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ତାପରେ ଏହି ବିଧାୟମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଆବେଦନ କରିଥିଲେ ଉଭୟ ଦଳ । ସାମ୍ବିଧାନିକ ଓ ଆଇନଗତ ଦିଗର ତର୍ଜମା କରି ବାଚସ୍ପତି ଉଭୟ କଂଗ୍ରେସ ଓ ବିଜେଡିର ଆବେଦନକୁ ଖାରଜ କରିଛନ୍ତି । ବାଚସ୍ପତି ସୁରମା ପାଢୀ କହିଛନ୍ତି, ଦଳ ପକ୍ଷରୁ ଦିଆଯାଇଥିବା ପିଟିସନ ସଂପୂର୍ଣ୍ଣ ନଥିଲା । ତଥ୍ୟ ପ୍ରମାଣ ଅଭାବ ଯୋଗୁଁ ପିଟିସନ ଖାରଜ ହୋଇଛି । ପ୍ରତି ଆବେଦନରେ ଏନ୍‌କ୍ଲୋଜର ପେପରରେ ଦସ୍ତଖତ ନାହିଁ । ସେହିପରି ଯିଏ ପିଟିସନର ସତ୍ୟପାଠ ଦେବା କଥା, ସେ ଦେଇନାହାନ୍ତି । ରୁଲ୍ ୬ର ସବ୍‌ରୁଲ୍ ୬ ଏବଂ ୭ ଅନୁସାରେ ପ୍ରୁଫ୍ ଆଉ ଫ୍ୟାକ୍ଟ ନଥିବାରୁ ପିଟିସନ ଖାରଜ ହୋଇଛି । ବାଚସ୍ପତି ବିଜେଡି ଓ କଂଗ୍ରେସର ଆବେଦନକୁ ଖାରଜ କରିବା ପରେ ଆରମ୍ଭ ହୋଇଛି ବୟାନବାଜି । ପିସିସି ସଭାପତି କଟାକ୍ଷ କରି କହିଛନ୍ତି, ବାଚସ୍ପତି ଆବଶ୍ୟକୀୟ ନଥିପତ୍ର ମାଗିଥିଲେ ଭଲ ହୋଇଥାନ୍ତା । କ୍ରସ ଭୋଟ୍ ବାଚସ୍ପତିଙ୍କ ଦଳକୁ ଦିଆଯାଇଛି ସେ କେମିତି ନିଜ ଦଳ ବିରୋଧରେ ନିଷ୍ପତ୍ତି ନେବେ । କୋର୍ଟର ଦ୍ୱାର ଖୋଲା ଅଛି, କୋର୍ଟରେ ଦଲିଲ୍ ଦେବୁ । ବିଜେଡି ମଧ ବାଚସ୍ପତିଙ୍କ ନିଷ୍ପତିକୁ ନେଇ ବର୍ଷିଛି। ବାଚସ୍ପତିଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ନିଜ ନିଜ ଦଳ ଉପରେ ବର୍ଷିଛନ୍ତି ନିଲମ୍ବିତ ବିଧାୟକ । ଆଗକୁ ଏହି ବିଧାୟକଙ୍କ ରାଜନୈତିକ ଭବିଷ୍ୟତ କଣ ହେବ ? କେଉଁ ଦଳରେ ସାମିଲ ହେବେ ? ତା ଉପରେ ରହିଛି ସମସ୍ତଙ୍କ ନଜର ।



## ଗ୍ୟାସ ଲିକ୍ ଘଟଣା- ଚେନ୍ନାଇରେ ପହଂଚିଲେ ରାଜ୍ୟ ସରକାରଙ୍କ ଟିମ୍

ଭୁବନେଶ୍ୱର, ୨୨/୬ (ନି.ପ୍ର): ଚେନ୍ନାଇରେ ଘଟିଥିବା ଦୁର୍ଭାଗ୍ୟଜନକ ଗ୍ୟାସ ଲିକ୍ ଘଟଣା ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଟିମ୍ ଚେନ୍ନାଇରେ ପହଞ୍ଚିଛନ୍ତି। ଟିମ୍‌ର ନେତୃତ୍ୱ ନେଉଥିବା ଶ୍ରମ ଓ ଇଏସଆଇ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ରାଜେଶ ଅଗ୍ରୱାଲାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ମୃତ ଶ୍ରମିକଙ୍କ ମୃତଦେହ ଗତକାଲି ରାତିରେ ଚେନ୍ନାଇକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଜି ତାଙ୍କର ବ୍ୟବଚ୍ଛେଦ ପରୀକ୍ଷା (ପୋଷ୍ଟମର୍ଟମ) କରାଯିବ।

## ‘ସୂର୍ଯ୍ୟଗ୍ରାମ’ ହେବ ପାହାଡ଼ପୁର: ସର୍ଭେ ଆରମ୍ଭ କଲା ବିଦ୍ୟୁତ୍ ବିଭାଗ

ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁର ହେବ ଦେଶର ଅନନ୍ୟ ସୂର୍ଯ୍ୟଗ୍ରାମ । ଗତ ୨୦ ତାରିଖରେ ପାହାଡ଼ପୁର ଗସ୍ତ ଅବସରରେ ଏହି ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଘୋଷଣାର ୨୪ ଘଣ୍ଟାରେ କାମ ଆରମ୍ଭ କରିଛି ବିଦ୍ୟୁତ ବିଭାଗ । ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଓ ବିଦ୍ୟୁତ ବିଭାଗର ତତ୍ପରତା ପାହାଡ଼ପୁରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ବିକାଶର ଆଉ ଏକ ପାଦ ଆଗକୁ ବଢ଼ାଇଛି ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁର । ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ୨୪ ଘଣ୍ଟା ନପୁରୁଣୁ ଆରମ୍ଭ ହୋଇଯାଇଛି ପାହାଡ଼ପୁରକୁ ସୂର୍ଯ୍ୟ ଗ୍ରାମରେ ରୁପାନ୍ତରିତ କରିବା କାମ । ଘରକୁ ଘର ବୁଲି ସର୍ଭେ କରୁଛନ୍ତି ଟାଟା ପାୱାର ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ । ଉପଭୋକ୍ତାଙ୍କୁ ବୁଝାଉଛନ୍ତି ଓ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରୁଛନ୍ତି । ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସବୁ ପାହାଡ଼ପୁରରୁ ଦିନିଆ ଛୁଟି ନେବ ଅଘୋଷିତ ବିଦ୍ୟୁତ କାଟ୍ ଓ ଲୋଭୋଲଟେଜ ସମସ୍ୟା । ଗାଁର ପ୍ରତ୍ୟେକ ଘର ସୌର ଶକ୍ତିରେ ଆଲୋକିତ ହେବ । ଲୋକଙ୍କୁ ମାଗଣା ବିଜୁଳି ମିଳିବ । ବଳକା ବିଦ୍ୟୁତ ଗ୍ରୀଡକୁ ବିକ୍ରି କରି ରୋଜଗାର ବଢ଼ାଇବପାରିବେ ଗ୍ରାମବାସୀ । ଏହା ଶୁଣିବା ପରେ ଗାଁରେ ଖୁସିର ଲହରି ଖେଳିଯାଇଛି । ପାହାଡ଼ପୁର ହେଲ ଦେଶର ଅନ୍ୟତମ ’ସୂର୍ଯ୍ୟ ଗ୍ରାମ,ବା ସୋଲାର ଭିଲେଜ୍’ । ପିଏମ୍ ମୁଫ୍‌ତ ସୂର୍ଯ୍ୟ ଘର ଯୋଜନା ମାଧ୍ୟମରେ ଗାଁର ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ପାହାଡ଼ପୁର ଗାଁରେ ପହଞ୍ଚି ପ୍ରଶାସନିକ ସ୍ତରରେ ସର୍ଭେ କାର୍ଯ୍ୟ ଜୋରଦାର କରାଯାଇଛି । ସୂଚନା ଅନୁଯାୟୀ, ଗାଁରେ ଥିବା ମୋଟ ୧୪୨ଟି ଘର ମଧ୍ୟରୁ ମାତ୍ର ୫୭ ପରିବାର ପକ୍କା ଘରେ ରହୁଥିବା




◆◆ପୃଷ୍ଠା ୭

## ୧୦ ବର୍ଷରେ ଇସ୍ତଫା ଦେବାରେ ଷଷ୍ଠ ପ୍ରଧାନମନ୍ତ୍ରୀ: କହିଲେ ପରିସ୍ଥିତି ପାଇଁ ମୁଁ ଦାୟୀ

ନୂଆଦିଲ୍ଲୀ,୨୨/୬ : ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମର ତାଙ୍କ ପଦରୁ ଇସ୍ତଫା ଦେବା ସମ୍ପର୍କରେ ଘୋଷଣା କରିଛନ୍ତି। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଜାତି ଉଦ୍ଦେଶ୍ୟରେ ତାଙ୍କ ଅଭିଭାଷଣରେ ସେ ଲୋକଙ୍କୁ ସୂଚନା ଦେଇଛନ୍ତି ଯେ, ସେ ଏହି ବିଷୟରେ ରାଜା ଚାର୍ଲ୍ସ ତୃତୀୟଙ୍କ ସହ କଥା ହୋଇଛନ୍ତି। ଏହା ବ୍ରିଟେନରେ ରାଜନୈତିକ ଅସ୍ଥିରତାକୁ ଆହୁରି ବଢ଼ାଇଛି । ଗତ ୧୦ ବର୍ଷ ମଧ୍ୟରେ ପଦ ଛାଡିବାରେ କୀର ଷ୍ଟାର୍ମର ହେଉଛନ୍ତି ଷଷ୍ଠ ପ୍ରଧାନମନ୍ତ୍ରୀ। ସେ କହିଛନ୍ତି ପରିସ୍ଥିତି ପାଇଁ ମୁଁ ଦାୟୀ। ତାଙ୍କ ଉପରେ ଗତ କିଛି ଦିନ ଧରି ଲେବର ପାର୍ଟି ନେତା ପଦରୁ ଇସ୍ତଫା ଦେବା ପାଇଁ ଚାପ ବଢ଼ିବାରେ ଲାଗିଥିଲା ଆଣ୍ଡି ବର୍ନହାମ ନୂତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେବାକୁ ନେଇ ଚାପ ବଢୁଥିଲା। ଗତ ସପ୍ତାହରେ, ଆଣ୍ଡି ବର୍ନହାମ ଉତ୍ତର ଇଂଲଣ୍ଡର ମେକରଫିଲ୍ଡ ଉପନିର୍ବାଚନରେ ଜଣେ ଦକ୍ଷିଣପନ୍ଥୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଏକ ବଡ଼ ବିଜୟ ହାସଲ କରିଥିଲେ। ଏହି ବିଜୟ ପ୍ରଧାନମନ୍ତ୍ରୀ ପଦ ପାଇଁ ତାଙ୍କର ଦାବିକୁ ଆହୁରି ମଜବୁତ କରିଥିଲା। ତାଙ୍କୁ ବର୍ତ୍ତମାନ ଶାସକ ଲେବର ପାର୍ଟିର ପରବର୍ତ୍ତୀ ନେତା ଏବଂ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ ଭାବରେ ବିବେଚନା କରାଯାଉଛି।



◆◆ପୃଷ୍ଠା ୭

## ପଶ୍ଚିମବଙ୍ଗ ସରକାରଙ୍କ ଜନକଲ୍ୟାଣକରୀ ଯୋଜନା ବର୍ଷା: ମହିଳାଙ୍କ ପାଇଁ ମାଗଣା ବସ୍ ସେବା

ନୂଆଦିଲ୍ଲୀ,୨୨/୬ : ପଶ୍ଚିମବଙ୍ଗର ବିଜେପି ସରକାର ଆଜି ବିଧାନସଭାରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍‌ରେ ଅନେକ ବଡ଼ ଘୋଷଣା କରାଯାଇଛି। ୧ ଲକ୍ଷ ସରକାରୀ ଚାକିରିଠାରୁ ଆରମ୍ଭ କରି ମହିଳାଙ୍କ ପାଇଁ ମାଗଣା ବସ୍ ସେବା ଏବଂ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨୦ ପ୍ରତିଶତ ବୃଦ୍ଧି ପାଇଁ ସରକାର ଘୋଷଣା କରିଛନ୍ତି। ଆଶାକର୍ମୀଙ୍କ ମାସିକ ପାରିଶ୍ରମିକ ୨ ହଜାର ଟଙ୍କାକୁ ସରକାର ବୃଦ୍ଧି କରିଛନ୍ତି। ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ବଜେଟ୍ ଉପସ୍ଥାପନ କରି କହିଛନ୍ତି, ରାଜ୍ୟରେ ଚାଲିଥିବା ସମସ୍ତ ସାମାଜିକ ପ୍ରକଳ୍ପ ଜାରି ରହିବ । ୧ ଲକ୍ଷ ଖାଲି ପଦ ପୂରଣ କରାଯିବ ଓ ଏଥିରୁ ୩୩ ପ୍ରତିଶତ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ରାଜ୍ୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା ବା ଡିଏ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି। ମୋଟ୍ ଡିଏ ୩୮ ପ୍ରତିଶତକୁ ବୃଦ୍ଧି ପାଇବ ଓ ପିଛିଲା ଭାବେ ଗତ ୧ ଏପ୍ରିଲରୁ ଲାଗୁ ହେବ। ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ମାସିକ ୫ ହଜାର ଟଙ୍କା ପେନସନ ଘୋଷଣା କରାଯାଇଛି। ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମା ୫ ବର୍ଷ ବଢ଼ାଯିବ ଓ ଏହା ଆଗାମୀ ଦୁଇ ବର୍ଷ ପାଇଁ ଲାଗୁ ହେବ।




## ବଦଳିଲା ୬୪ ସ୍ଥାନର ଇଂରାଜୀ ଉଚ୍ଚାରଣ : ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର, ୨୨/୬ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନମାନଙ୍କର ସଂଶୋଧିତ ଇଂରାଜୀ ବନାନ ସଙ୍କଳିତ ବିଜ୍ଞପ୍ତି ପ୍ରକାଶ ପାଇଛି ।୨୬ ଜିଲ୍ଲାର ମୋଟ ୬୪ଟି ସ୍ଥାନର ଇଂରାଜୀ ଉଚ୍ଚାରଣକୁ ପରିବର୍ତନ କରାଯାଇଛି। କେବଳ ଇଂରାଜୀ ଉଚ୍ଚାରଣରେ ସଂଶୋଧନ କରାଯାଇଥିବା ବେଳେ ନାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏନେଇ ସୋମବାର ଦିନ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

◆◆ପୃଷ୍ଠା ୭


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com

# ଭୋଟର ସଚେତନତା ପ୍ରତିଯୋଗିତା: ବିଜେତାଙ୍କ ପାଇଁ ରହିଛି ଆକର୍ଷଣୀୟ ନଗଦ ପୁରସ୍କାର

ଝାରସୁଗୁଡ଼ା, ୨୨/୦୬ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ବୃହତ ପ୍ରୟାସ ଆରମ୍ଭ ହୋଇଛି। 'କୌଣସି ଯୋଗ୍ୟ ମତଦାତା ଯେପରି ବାଦ୍ ନପଡ଼ନ୍ତି' ଶୀର୍ଷକକୁ ନେଇ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ଭୋଟର ସଚେତନତା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାଟି ରାଜ୍ୟସ୍ତରୀୟ ଭାବେ ଚଳିତ ମେ ୩୦ରୁ ଆରମ୍ଭ ହୋଇସାରିଥିବା ବେଳେ ଆସନ୍ତା ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ତିନୋଟି ବିଭାଗ ଯଥା– ସ୍ଲୋଗାନ ପ୍ରତିଯୋଗିତା, ସ୍କିଟ୍ (ନାଟିକା) ପ୍ରତିଯୋଗିତା ଏବଂ ରିଲ୍ ମେକିଂ ପ୍ରତିଯୋଗିତା ଅନ୍ତର୍ଭୁକ୍ତ କରାଯାଇଛି।

ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଇଲେକ୍ଟୋରାଲ ଲିଟରେସି କ୍ଲବ୍, ଏନ୍ଏସ୍ଏସ୍, ଏନସିସି ଏବଂ ଯୁବକ-ଯୁବତୀମାନଙ୍କୁ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ସ୍ୱତନ୍ତ୍ର ସଘନ ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମ ପୂରଣ ପ୍ରକ୍ରିୟା ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କିତ ବିଷୟ ଉପରେ ଆଧାରିତ ହେବ। ଏହି ପ୍ରତିଯୋଗିତା ସମ୍ବନ୍ଧୀୟ ସମସ୍ତ ବିସ୍ତୃତ ନିର୍ଦ୍ଦେଶାବଳୀ ଏବଂ ନିୟମାବଳୀ ଜିଲ୍ଲାପାଳଙ୍କ ଅଫିସିଆଲ୍ ୱେବସାଇଟ୍ ରେ ଉପଲବ୍ଧ ରହିଛି।

ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆଗ୍ରହୀ ଅଂଶଗ୍ରହଣକାରୀ ମାନେ ନିଜର ନାମ, ଠିକଣା ଓ ମୋବାଇଲ ନମ୍ବର ସହିତ ପ୍ରସ୍ତୁତ ସମସ୍ତ ଏଂଟ୍ରିକୁ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିପାରିବେ। ଏହା ବ୍ୟତୀତ ସେମାନେ ନିଜର ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କିମ୍ବା ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସରଙ୍କ ମାଧ୍ୟମରେ ମଧ୍ୟ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଝାରସୁଗୁଡ଼ାକୁ ଏହା ପଠାଇପାରିବେ। ସ୍କିଟ୍ ଏବଂ ରୀଲ୍ ପ୍ରତିଯୋଗିତା ପାଇଁ ନିଜ ପ୍ରସ୍ତୁତ ଭିଡିଓଗୁଡ଼ିକୁ ସୋସିଆଲ ମିଡିଆ ପ୍ରୋଫାଇଲରେ ପୋଷ୍ଟ କରିବା ସହ ଅଫିସିଆଲ୍ ହ୍ୟାଣ୍ଡେଲକୁ ନିଶ୍ଚିତ ଭାବେ ଟ୍ୟାଗ୍ କରିବେ।

କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକର୍ଷଣୀୟ ନଗଦ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ସ୍ଲୋଗାନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତାଙ୍କୁ କ୍ରମଶଃ ୩,୦୦୦ ଟଙ୍କା, ୨,୫୦୦ ଟଙ୍କା ଓ ୨,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ସ୍କିଟ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୩୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୨୦,୦୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୧୦,୦୦୦ ଟଙ୍କା ରହିଥିବା ବେଳେ ରିଲ୍ ମେକିଂ ପ୍ରତିଯୋଗିତାରେ ବିଜେତାମାନଙ୍କୁ କ୍ରମଶଃ ୨୦,୦୦୦ ଟଙ୍କା, ୧୦,୦୦୦ ଟଙ୍କା ଓ ୫,୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯିବ। ଜିଲ୍ଲାର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କୁ ଏହି ସୁଯୋଗର ସଦୁପଯୋଗ କରି ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

## ଚିନ୍ମୟ ଅମୃତ ବାହିନୀ ସମ୍ବର୍ଦ୍ଧନା ସଭା

ଗଞ୍ଜାମ, ୨୨/୦୬ (ନି.ପ୍ର): ଚିନ୍ମୟ ମିଶନ୍ ବ୍ରହ୍ମପୁର ତରଫରୁ ହୀରକ ଜୟନ୍ତୀ ଅବସରରେ ଚିନ୍ମୟ ଅମୃତ ବାହିନୀର ସମ୍ବର୍ଦ୍ଧନା ସଭା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଠାରେ ଚିନ୍ମୟ ମିଶନ ମୁଖ୍ୟ ସ୍ୱାମୀ ସଦାଶିବାନାନ୍ଦାଜିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସର୍ବଭାରତୀୟ ଚିନ୍ମୟ ଯୁବକେନ୍ଦ୍ରର ଉପଦେଷ୍ଟା ପୂଜ୍ୟ ସ୍ୱାମୀ ମିତ୍ରାନନ୍ଦଜୀ ଉଦଘାଟନ କରି ସ୍ୱାମୀ ଚିନ୍ମୟାନନ୍ଦଙ୍କୁ ଜଣେ ରାଷ୍ଟ୍ରଋଷି ଭାବରେ ପ୍ରତିପାଦନ କରିଥିଲେ। ଚିନ୍ମୟ ମିଶନ୍ ଓଡ଼ିଶାର ପ୍ରାନ୍ତୀୟ ମୁଖ୍ୟ ପୂଜ୍ୟ ସ୍ୱାମୀ ସଦାନନ୍ଦଜୀ ମହାରାଜ, ଦିବ୍ୟ ଜୀବନସଂଘର ବରିଷ୍ଠ ସ୍ୱାମୀ ଶିବ ଚିଦାନନ୍ଦଜୀ ଓ ଚିନ୍ମୟ ମିଶନ୍ ରାଉରକେଲାର ଆଚାର୍ଯ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦଜୀଙ୍କ ସମେତ ପାରଳାଖେମୁଣ୍ଡି, ସ୍ୱାମୀ ନିଗମାନନ୍ଦଜୀ, କଟକ ଜଗତପୁର ରାଉରକେଲା, ଜଟଣୀ, ଦେବଗଡର ପୁରୀ, କୋଇମ୍ବାତୁର, ଥିରୁବନ୍ତାପୁର ର ସ୍ୱାମୀଜୀ ଓ ସ୍ୱାମୀନୀଙ୍କ ସମେତ ଚିନ୍ମୟ ଯୁବା ବାହିନୀ ସଦସ୍ୟବୃନ୍ଦ ଯୋଗଦେଇଥିଲେ। ଚିନ୍ମୟ ମିଶନ୍ ବ୍ରହ୍ମପୁରର ସଭାପତି ଇଂ. ଜଗନ୍ନାଥ ପାଢ଼ୀ, ସମ୍ପାଦକ ତରୁଣ ପାଢ଼ୀ, କୋଷାଧ୍ୟକ୍ଷ ଅଖିଳ ପାତ୍ର, ଇଂ.ସୂର୍ଯ୍ୟକାନ୍ତ ପଣ୍ଡା, ସୁରେଶ ପଣ୍ଡା, ପବିତ୍ର ମୋହନ ପଣ୍ଡା, ଶ୍ରୀ ପୁରୁଷୋତ୍ତମ ଦାସ,କିର୍ତନ ସାହୁ, ପ୍ରକାଶ ପାଣିଗ୍ରାହୀ,ଅନିଲ କୁମାର ପାତ୍ର, ସୁବାସ ଦାସ, ସୁଚିତ୍ରା ବେହେରା,ଗୀତାଞ୍ଜଳି ସାହୁ, ସରିତା ଶତପଥୀ,ଅନିତା ପାଢ଼ୀ, ସିମାଚଳ ପାଣିଗ୍ରାହୀ, ଅଶ୍ୱିନୀ ରାଉତ ଓ ଯୁବ କେନ୍ଦ୍ରର ଅନେକ ସଦସ୍ୟ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଚିନ୍ମୟ ମିଶନ୍ ବ୍ରହ୍ମପୁରର ଉପଦେଷ୍ଟା ଡା. ସଙ୍କର୍ଷଣ ପାତ୍ର। ଏହି କାର୍ଯ୍ୟକ୍ରମରେ ତିନି ଶତରୁ ଅଧିକ ଚିନ୍ମୟ ପ୍ରେମୀ ଭକ୍ତଯୋଗଦାନ କରିଥିଲେ।

# ଭଦ୍ରକ ଇନ୍‌ଟାକ୍ ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ, ୨୨/୦୬ (ନି.ପ୍ର): ଭଦ୍ରକ ଇନ୍‌ଟାକ୍ ଚାପ୍ଟରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କନ୍‌ଭେନର ଦିଗମ୍ବର ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ କୁଆଁସସ୍ଥିତ ନିତ୍ୟାନନ୍ଦଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଡ଼. ଗୋଲକ ବିହାରୀ ସାହୁ, ଡ଼. ଭାଗବତ ପ୍ରସାଦ ତ୍ରିପାଠୀ, ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ର ମଂଚାସୀନ ହୋଇଥିଲେ । ବୈଠକ ଆରମ୍ଭରେ ଦିବଂଗତ ସଭ୍ୟ ଅଚ୍ୟୁତାନନ୍ଦ ସାମଲ, ଡ଼. ମାନସ ରଂଜନ ଲେଙ୍କା, ଡ଼. ପ୍ରଭାତ ନଳିନୀ ମହାପାତ୍ର ଓ ଅନାଦି ଚରଣ ଦାସଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଗୁଣାବଳୀ ଆଲୋଚିତ ହୋଇଥିଲା ଏବଂ ନୂଆ ସଭ୍ୟ ଅକ୍ଷୟ କୁମାର ହୋତା, ରବୀନ୍ଦ୍ର କୁମାର ମହାରଣା ଓ ଦିଲ୍ଲୀପ କୁମାର ନାୟକଙ୍କୁ ସ୍ୱାଗତ କରାଯାଇଥିଲା। ଇନ୍‌ଟାକ୍ ଶାଖାର ଆଠ ଜଣ ଆଜୀବନ ସଭ୍ୟ- ହରମୋହନ କୁଅଁର, ଗୟାଧର ପଣ୍ଡା, ଆଦିତ୍ୟ କୁମାର ନାୟକ, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ସାହୁ, ସତ୍ୟବ୍ରତ ମହାନ୍ତି, ଜଗନ୍ନାଥ ନାୟକ ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଲୋଗୋ ଓ ପରିଚୟପତ୍ର ବଂଟନ କରାଯାଇଥିଲା। ଇନ୍‌ଟାକ୍ ସଂଗଠନର ପ୍ରକୃତ ଉଦ୍ଦେଶ୍ୟ ଆମ ଜାତୀୟ ସଂପତିର ସୁରକ୍ଷା ତଥା ଐତିହାସିକ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର ସକାଶେ ଦୃଷ୍ଟିପାତ କରିବା ସହିତ ଏହାର ସଂରକ୍ଷଣ ପାଇଁ ତେର ଜଣ ବିଶିଷ୍ଟ ସବ୍‌କମିଟି ଗଢ଼ାଯାଇଥିଲା ଏବଂ ଏହାର ଆବାହକ ମନୋନୀତ ହୋଇଥିଲେ ଡ଼. ଭାଗବତ ତ୍ରିପାଠୀ । ଅନ୍ୟ ସଦସ୍ୟମାନେ ହେଲେ ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଗୋଲକ ବିହାରୀ ସାହୁ, ଡ଼. କ୍ଷୀରୋଦ କୁମାର ସାମଲ, ଲକ୍ଷ୍ମଣ କୁମାର ମହାନ୍ତି, ବାବୁଲାଲ୍ ଦାସ, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ହରମୋହନ କୁଅଁର, ଆଦିତ୍ୟ କୁମାର ଗୋସ୍ୱାମୀ, ବିଜୟ କୁମାର ମହାନ୍ତି, ଗୟାଧର ପଣ୍ଡା ଓ ମଦନ ମୋହନ ନାୟକ। ସବ୍‌କମିଟିର କାର୍ଯ୍ୟାନୁଷ୍ଠାନ ପାଇଁ ୫ ହଜାର ଟଙ୍କା ଇନ୍‌ଟାକ୍ ଫଣ୍ଡରୁ ଅଗ୍ରୀମ ପ୍ରଦାନ ପାଇଁ ପ୍ରସ୍ତାବ ଅନୁମୋଦନ କରାଗଲା। ଆଗାମୀ ବାର୍ଷିକ ଉତ୍ସବ ୨୦୨୬ ଡ଼ିସେମ୍ବରରେ କରାଯିବା ସହିତ ବିଶ୍ୱ ହେରିଟେଜ୍ ଦିବସ ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ପାଳନ କରାଯିବା ପାଇଁ ସ୍ଥିର କରାଗଲା । ସଂପ୍ରତି ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଚାନ୍ଦବାଲି ଠାରେ ମେରିଟାଇମ୍ ମ୍ୟୁଜିୟମ୍, ଐତିହାସିକ ସ୍ଥଳ ଗୋହିରାଟିକିରୀର ପୁନରୁଦ୍ଧାର ଓ ଆଗରପଡ଼ା ଠାରେ ହରେକୃଷ୍ଣ ମହତାବଙ୍କ ସ୍ମାରକୀ ଗୃହର ନିର୍ମାଣକାର୍ଯ୍ୟ ଚାଲୁଥିବାରୁ ଭଦ୍ରକ ଇନ୍‌ଟାକ୍ ଶାଖା ସନ୍ତୋଷ ପ୍ରକାଶ କରିଥିଲା । ଆଜିର ଉପସ୍ଥିତ ସଭ୍ୟମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ମଦନ ମୋହନ ନାୟକ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପଣ୍ଡା । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ଅଜିତ କୁମାର ଦାସ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା, ଯୁଧିଷ୍ଠିର ବାରିକ୍, ଚନ୍ଦ୍ରମୋହନ ମହାନ୍ତି, ଅଶୋକ କୁମାର ଦାସ, ଉଦୟନାଥ ମହାନ୍ତି, ସୁରେଶ କୁମାର ସାହୁ, ରତିକାନ୍ତ ମହାନ୍ତି, କଳ୍ପନା ବେହେରା, ବାଦଲ କିଶୋର ମହାପାତ୍ର, ଏସ୍.କାମିଲା ଓ ହୃଷିକେଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।

# ନିରାଶ୍ରୟା ଯୁବତୀକୁ କନ୍ୟାଦାନ କରି ମହାନତା ଦେଖାଇଲେ ସରପଞ୍ଚ

ଭୁବନ, ୨୨/୦୬ (ନି.ପ୍ର): ପବିତ୍ର ଶୀତଳ ଷଷ୍ଠୀରେ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ କରାଇ ଶୈବଭକ୍ତ ମାନେ ପୁଣ୍ୟ ଅର୍ଜନ କରୁଥିବା ବେଳେ ଜନୈକା ନିରାଶ୍ରୟ ଯୁବତୀକୁ କନ୍ୟା ଦାନ କରି ମାନବିକତା ଓ ମହାନତା ଦେଖାଇଛନ୍ତି ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ (ବି) ସରପଂଚ ଶ୍ରୀମତୀ ବୀଣାପାଣି ସାହୁ। ଏହି ଘଟଣା ଜଣାପଡ଼ିବା ପରେ ସରପଂଚ ଶ୍ରୀମତୀ ସାହୁଙ୍କ ନିକଟକୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ପ୍ରାପ୍ତ ସୂଚାନୁଯାୟୀ, ଭୁବନ ଥାନା ଅନ୍ତର୍ଗତ ଯମୁନାକୋଟ ଗ୍ରାମର ଅଦେତ୍ୟ ସାହୁଙ୍କ ପୁଅ ଅଭିମନ୍ୟୁଙ୍କ ସହିତ ବାରୁଆଁ ଗ୍ରାମର ଜନୈକା ଯୁବତୀଙ୍କ ଇନଷ୍ଟାଗ୍ରାମରୁ ଆରମ୍ଭ ହୋଇଥିବା ପ୍ରେମ ଧୀରେ ଧୀରେ ଆଗକୁ ବଢ଼ି ଚାଲିଲା । ଫୋନ କଲ୍, ଚାଟିଙ୍ଗ ଓ ଭିଡିଓ କଲିଙ୍ଗ ପରେ ଉଭୟଙ୍କର ୨୦୨୪ ମସିହା ମହା ଶିବରାତ୍ରି ଜଗରରେ ଭୁବନର ପ୍ରସିଦ୍ଧ ଶୈବପୀଠ ବୁଦ୍ଧେଶ୍ୱର ମନ୍ଦିରରେ ପ୍ରଥମ ଦେଖା ସାକ୍ଷାତ ହୋଇଥିଲା । ପରେ ଯୁବକ ଜଣକ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାଟ ତାରିଣୀ ମନ୍ଦିରରେ ସିନ୍ଦୂର ପିନ୍ଧାଇ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ଯୁବକ ବଳ ପୂର୍ବକ ତାଙ୍କ ଗର୍ଭନଷ୍ଟ କରାଇ ଆଉ ଧରାଛୁଆଁ ଦେଇନଥିଲେ। ଯୁବତୀଙ୍କ ଫୋନ୍ ନମ୍ବର ବ୍ଲକ କରିଦେଇ ଅନ୍ୟତ୍ର ବିବାହ ପାଇଁ ପ୍ରସ୍ତୁତି ଚଳାଇଥିବା ଜାଣିବା ପରେ ଯୁବତୀ ନ୍ୟାୟ ପାଇଁ ଭୁବନ ଥାନାରେ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗ ଆଧାରରେ ଭୁବନ ପୋଲିସ ସମ୍ପୃକ୍ତ ଧୋକାବାଜ ପ୍ରେମିକକୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଥିଲେ । ଏସବୁ ଘଟଣା ଯୁବତୀଙ୍କ ଘରେ ଜାଣିବା ପରେ ପରିବାର ବର୍ଗ ଝିଅକୁ ପର କରିଦେଇଥିଲେ । ବାଧ୍ୟ ହୋଇ ଯୁବତୀ ଜଣକ ତାଙ୍କ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବା ସହ ବାରୁଆଁ ଅଂଚଳର ଦରଦୀ ମଣିଷଙ୍କ ବନ୍ଧୁ ଭାବେ ପରିଚିତ ସରପଂଚ ଶ୍ରୀମତୀ ବୀଣାପାଣି ସାହୁଙ୍କୁ ଭେଟି ନିଜ ଦୁଃଖ କାହାଣୀ କହି ସହଯୋଗ ଲୋଡ଼ିଥିଲେ । ସରପଂଚ ଶ୍ରୀମତୀ ସାହୁ ପୁଅ ଘର ଲୋକଙ୍କ ସହ ଆଲୋଚନା କରି ଗତ ଶୁକ୍ରବାର ଦିନ କାମାକ୍ଷା ନଗର ସ୍ଥିତ ରାମେଶ୍ୱର ମନ୍ଦିରରେ ବିବାହ କରାଇଥିଲେ। ଶସ୍ତିକ ବିନୟ କୁମାର ସାହୁ ଓ ବୀଣାପାଣି ସାହୁ ଝିଅର ବାପା, ମା ସାଜି କନ୍ୟାଦାନ କରି ମହାପୁଣ୍ୟ ଅର୍ଜନ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଂଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ଓ ବୁଦ୍ଧିଜୀବୀ ମହଲରେ ସରପଂଚଙ୍କ ମହାନତାକୁ ନେଇ ଉଚ୍ଚ ପ୍ରଶଂସା କରାଯାଇଛି।

# ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ 'ସଇବର ଲ' ଆଣ୍ଡ୍ ଡିଜିଟାଲ୍ ଗଭର୍ଣ୍ଣେସ୍' ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର, ୨୨/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ତଥା ଛତିଶଗଡ଼ର ରାୟପୁର ସ୍ଥିତ କଳିଙ୍ଗ ୟୁନିଭରସିଟି ସହଯୋଗରେ ଆଜି ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍ ଠାରେ 'ସାଇବର୍ ଲ ଆଣ୍ଡ ଡିଜିଟାଲ ଗଭର୍ଣ୍ଣେସ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବରିଷ୍ଠ ଆଇନଜୀବୀ ତଥା ସେମିନାର କମିଟିର ଆବାହକ ଜୟକୃଷ୍ଣ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସାଇବର ଲ' ର ବିଭିନ୍ନ ଆଇନଗତ ପର୍ଯ୍ୟାୟ ଓ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ମଂଚାସୀନ ବକ୍ତା ଭାବରେ କଳିଙ୍ଗ ୟୁନିଭରସିଟି ର ଏସୋସିଏଟ୍ ପ୍ରଫେସର ଡ. ପାୟଲ ବୋହିରା ଯୋଗ ଦେଇ ସାଂପ୍ରତିକ ଡିଜିଟାଲ ଯୁଗରେ ସଇବର୍ କ୍ରାଇମ୍ ବୃଦ୍ଧି ପାଉଥିବା ବେଳେ ଜନସାଧାରଣ ସଚେତନତାପୂର୍ବକ ଏହାଠାରୁ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ଏବଂ ଏ ନେଇ କଣ ସବୁ ପ୍ରଚଳିତ ଆଇନ ରହିଛି ସେ ସଂପର୍କରେ ବିସ୍ତୃତ ବୁଝାଇଥିଲେ। ଆଜିର ଯୁଗରେ ମେନୁଆଲ୍ ସିଷ୍ଟମ ପରିବର୍ତ୍ତେ ପ୍ରତ୍ୟେକ କାର୍ଯ୍ୟ ପାଇଁ ଲୋକେ ଏ.ଆଇ, ଚାର୍ଜ ଜିପିଟି, ଗୁଗୁଲ ଆଦି ଆପ୍ ଉପରେ ଭରସା କରୁଥିବା ବେଳେ ମଣିଷ ଡିଜାଇନ୍ କରିଥିବା ଓ ଡାଟା ଫିଡ୍ କରିଥିବା ଏହି ଯନ୍ତ୍ର ଗଡୁକ ସୁବୁବେଳେ ଭରସାଯୋଗ୍ୟ ହୋଇନଥାଏ । ମଣିଷର ବିବେକ, ବିଚାର ଏବଂ ଭବିକା ଶକ୍ତି ଏହା ଭିତରେ ନଥାଏ। ବ୍ୟାଙ୍କିଙ୍ଗ୍ ସେବା ହେଉ କି ବ୍ୟବସାୟ, ଯେକୌଣସି କ୍ଷେତ୍ରରେ ମଧ୍ୟ ଜଣେ ସଇବର୍ ଠକାମୀର ଶୀକାର ହେଲେ ସଇବର୍ ସେଲ୍ କିମ୍ବା ପୋଲିସ ଠାରେ ଅଭିଯୋଗ କରିବାର ଆଇନ ଥିବା ବେଳେ ଲୋକେ ଆଇନକୁ ଠିକ ଭାବରେ ତର୍ଜମା କରିବାକୁ ହେବ ବୋଲି ବୁଝାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ଅନିମେଶ ପଣ୍ଡା, ସୁରମା ବହିଦାର ପ୍ରମୁଖ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ମୁଖ୍ୟବକ୍ତା ପ୍ରଫେସର ଡ. ପାୟଲ ବୋହିରାଙ୍କ ଠାରୁ ସାଇବର ଲ' ଓ ଡିଜିଟାଲ୍ ଗଭର୍ଣ୍ଣେସ୍ ର କାର୍ଯ୍ୟାବିଧିର ବିଭିନ୍ନ ଦିଗ ଉପରେ ଅବଗତ ହୋଇଥିଲେ।

## ସ୍କୁଲ ଛାତରୁ ଫ୍ୟାନ ଖସି ଛାତ୍ର ଆହତ

ଭଦ୍ରକ, ୨୨/୦୬ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାଳୟ ଠାରେ ଫ୍ୟାନ ଖସି ପଡ଼ିବାରୁ ଜଣେ ୮ମ ଶ୍ରେଣୀଛାତ୍ର ଆହତ ହୋଇଛନ୍ତି। ଆହତ ଛାତ୍ରଙ୍କ ନାମ ଓମ ପ୍ରକାଶ ବେହେରା(୧୩ବର୍ଷ)।ବିଦ୍ୟାଳୟରେ ପ୍ରାର୍ଥନା ପରେ ପିଲା ମାନେ ଶ୍ରେଣୀ ଗୃହରେ ଥିବା ବେଳେ ପ୍ରାୟ ସାଢ଼େ ସାତଟା ବେଳେ ଏଭଳି ଦୁର୍ଘଟଣା ଘଟିଛି। ହଠାତ ସ୍କୁଲ ଛାତରୁ ଫ୍ୟାନଟି ଖସି ଯାଇ ଟେବୁଲ ଉପରେ ପଡିଥିବା ବେଳେ ଓମ ପ୍ରକାଶଙ୍କ ମୁହଁ ରେ ଏହାର ପଙ୍ଖା ବାଜି ଯାଇଥିଲା। ଶ୍ରେଣୀରେ ୧୫ରୁ ଅଧିକ ପିଲା ଥିବା ବେଳେ ଅନ୍ୟ ମାନେ ଏଥିରୁ ଅଳ୍ପକେ ବର୍ତି ଯାଇଥିଲେ। ଆହତ ଅବସ୍ଥାରେ ସ୍କୁଲ କତୃପକ୍ଷ ଛାତ୍ର ଜଣଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭଦ୍ରକ ମେଡିକାଲ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ହୋଇଥିବା ଜଣାପଡିଛି। ଛାତ୍ର ଜଣଙ୍କର ନାକ ଓ ମୁହଁରେ ଗଭୀର କ୍ଷତ ହୋଇଥିବା ଜଣା ଯାଇଛି।

# ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ରାଜସ୍ୱ ସଚିବ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧକ୍ଷତାରେ ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ହାଇଟେକ୍ ସର୍ଭେ ଏବଂ ବନ୍ଦୋବସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବ ସମୀକ୍ଷା ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତିଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ଏବଂ ଜିଲ୍ଲାରେ ହାଇଟେକ୍ ସର୍ଭେ କାର୍ଯ୍ୟର ବର୍ତମାନ ସ୍ଥିତିର ସମୀକ୍ଷା କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ନିମନ୍ତେ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିୟମିତ ତଦାରଖ, ପରସ୍ପର ସମନ୍ୱୟ ଏବଂ କ୍ଷେତ୍ରସ୍ତରରେ ଦ୍ରୁତ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାକୁ ହାଇଟେକ୍ ସର୍ଭେ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ଭାବେ ଉପସ୍ଥାପିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଅନ୍ତିମ ପ୍ରକାଶନ ସମ୍ପନ୍ନ ହୋଇଥିବା ୯୩ଟି ଗ୍ରାମର ଖତିଆନ୍ (ଆରଓଆର) ଭୂଲେଖ ପୋର୍ଟାଲରେ ଅପଲୋଡ୍ କରାଯାଇ ସମ୍ପୃକ୍ତ ଜମିମାଲିକମାନଙ୍କ ମଧ୍ୟରେ ଉକ୍ତ ଜମିପଟ୍ଟା ବଂଟନ କରାଯାଇଛି। ଏହାସହିତ, ଅନ୍ତିମ ପ୍ରକାଶନ ପରେ ୟୁଏଲପିଆଇଏନ୍ ସୃଷ୍ଟି ପାଇଁ ବାକି ଥିବା ୬୯ଟି ଗ୍ରାମ ମଧ୍ୟରୁ ୧୦ଟି ଗ୍ରାମରୟୁଏଲପିଆଇଏନ୍ ସୃଷ୍ଟି କାର୍ଯ୍ୟ ସମ୍ପନ୍ନ ହୋଇଛି। ତହସିଲ ସ୍ତରରେ ଖତିଆନ୍ ପୁନଃ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଅବଶିଷ୍ଟ ଗ୍ରାମଗୁଡ଼ିକର ୟୁଏଲପିଆଇଏନ୍ ସୃଷ୍ଟି କରାଯାଇ ଭୂଲେଖ ପୋର୍ଟାଲରେ ଅପଲୋଡ୍ କରାଯିବ ଏବଂ ଜମିମାଲିକମାନଙ୍କୁ ପଟ୍ଟା ବଂଟନ କରାଯିବ। ଜିଲ୍ଲାରେ ହାଇଟେକ୍ ସର୍ଭେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଛି ଯେ, ଆଇଆଇସି ଟେକ୍ନୋଲୋଜିକ୍ ସହିତ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଜୁନ୍ ୮ ତାରିଖରୁ ଆବଶ୍ୟକୀୟ ମାନବସମ୍ବଳ ନିୟୋଜିତ କରାଯାଇଛି ଏବଂ ଜୁନ୍ ୧୫ ତାରିଖରୁ ତହସିଲ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତମାନ ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ତହସିଲରେ ସର୍ଭେ ଇଞ୍ଜିନିୟର ଏବଂ ଡାଟା ଏଂଟ୍ରି କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୨୨ ଜୁନ୍ ଠାରୁ ଅବଶିଷ୍ଟ ତିନୋଟି ତହସିଲରେ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବ। ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ ୯୫୪ଟି ଗ୍ରାମକୁ ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ ପାଇଁ ସୂଚିତ କରାଯାଇଥିବା ବେଳେ ୬୦୮ଟି ଗ୍ରାମରେ ଅନ୍ତିମ ଜମିପଟ୍ଟା ଓ ମାନଚିତ୍ର ପ୍ରକାଶନ ସମ୍ପନ୍ନ ହୋଇଛି। ୮୩୪ଟି ଗ୍ରାମରେ ଜମିପଟ୍ଟା ଖସଡ଼ା ପ୍ରକାଶନ ଏବଂ ୮୯୯ଟି ଗ୍ରାମରେ ଲ୍ୟାଣ୍ଡ ପାର୍ସେଲ ମ୍ୟାପ୍ (ଏଲପିଏମ) ବଂଟନ କାର୍ଯ୍ୟ ସମ୍ପନ୍ନ ହୋଇଛି। ବୈଠକରେ ଚଳିତ ବର୍ଷ ଜୁନ୍ ଠାରୁ ନଭେମ୍ବର ମଧ୍ୟରେ ଅବଶିଷ୍ଟ କାର୍ଯ୍ୟ ସମାପ୍ତ କରିବା ନିମନ୍ତେ ମାସଭିତିକ କାର୍ଯ୍ୟପନ୍ଥା ଉପସ୍ଥାପିତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ବକେୟା ଥିବା ୩୪୬ଟି ଗ୍ରାମର ଅନ୍ତିମ ମାନଚିତ୍ର ଓ ଜମିପଟ୍ଟା ପ୍ରକାଶନ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ସମ୍ପନ୍ନ କରିବା ନିମନ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଡିଏଲଆରଏସ୍ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକ ତଥା ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଉତ୍ତରାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଯୋଗ ଦେଇଥିଲେ ।

# ଦୁର୍ଗମ ଅଂଚଳରେ ଆଦିବାସୀଙ୍କ ଅତୁଟ ବିଶ୍ୱାସ : ବର୍ଷା ପାଇଁ ବିରିପାଣି ଯାତ୍ରା

ଜୟପୁର, ୨୨/୦୬ (ନି.ପ୍ର): ବିଜ୍ଞାନ ଯୁଗରେ ମଧ୍ୟ ପାରମ୍ପରିକ ବିଶ୍ୱାସ ଓ ଆଚାର-ବିଚାର ଆଦିବାସୀ ସମାଜରେ ଆଜି ବି ସମାନ ଭାବେ ଜୀବନ୍ତ ରହିଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଗଡପଦର ଗ୍ରାମରେ ଶନିବାର ପାଳିତ ହୋଇଛି ପ୍ରସିଦ୍ଧ ବିରିପାଣି ଯାତ୍ରା। ଏହି ଯାତ୍ରା ମାଧ୍ୟମରେ ଚଳିତ ବର୍ଷର ବର୍ଷା ପରିମାଣ ଓ ମୌସୁମୀର ଗତିବିଧି ସମ୍ପର୍କରେ ପୂର୍ବାନୁମାନ କରାଯାଉଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ଆଦିବାସୀ ସଂସ୍କୃତି ଓ ପରମ୍ପରା ପାଇଁ ପରିଚିତ କୋରାପୁଟ ଜିଲ୍ଲାରେ ବିଭିନ୍ନ ପର୍ବପର୍ବାଣୀ ଓ ଯାତ୍ରା ଅନୁଷ୍ଠିତ ହୋଇଥାଏ। ସେଥିମଧ୍ୟରୁ ଗଡପଦରର ବିରିପାଣି ଯାତ୍ରା ଅନ୍ୟତମ। ରାଜା-ରାଜୁଡ଼ା ଅମଳରୁ ଚାଲିଆସୁଥିବା ଏହି ପରମ୍ପରା ଅନୁଯାୟୀ ମୁଖ୍ୟ ପୂଜକ କିମ୍ବା ଶିରା ବର୍ଷାର ପରିମାଣ ସମ୍ପର୍କରେ ଆକଳନ କରିଥାନ୍ତି। ଚାଷବାସ ଉପରେ ନିର୍ଭରଶୀଳ ଏହି ଅଂଚଳର ଲୋକମାନେ ବର୍ଷାର ସ୍ଥିତି ଜାଣିବା ପାଇଁ ଏହି ଯାତ୍ରାକୁ ଅପେକ୍ଷା କରିଥାନ୍ତି।

ଯାତ୍ରା ଅବସରରେ ମା' ବିରିପାଣିଙ୍କ ପୀଠରେ ବିଧିବଦ୍ଧ ପୂଜାର୍ଚ୍ଚନା କରାଯାଇଥାଏ। ଭକ୍ତମାନେ ଛେଳି, କୁକୁଡ଼ା ଓ ପାରା ଆଦି ମାନସିକ ପୂରଣ ପାଇଁ ଅର୍ପଣ କରିଥାନ୍ତି। ପୂଜା ପରେ ଦେବୀଙ୍କ ପ୍ରତୀକ ଲାଠି ଧରି ପୂଜକମାନେ କଣ୍ଡାମାଳି ପାହାଡ଼ ଉପରକୁ ଯାଇଥାନ୍ତି। ସେଠାରେ ଥିବା ତିନୋଟି ଗର୍ତରେ ପୂଜାର୍ଚ୍ଚନା କରି ସେଥିରେ ଥିବା ପାଣିର ପରିମାଣ ଆଧାରରେ ବର୍ଷାର ଆକଳନ କରାଯାଇଥାଏ। ପରମ୍ପରା ଅନୁଯାୟୀ ସେହି ସ୍ଥାନରୁ ଆଣାଯାଇଥିବା ପାଣିକୁ ଦେବୀଙ୍କ ପୀଠରେ ପୂଜା ପରେ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥାଏ। ବିଶ୍ୱାସ ରହିଛି ଯେ, ଏହି ପବିତ୍ର ପାଣି ସେବନ କଲେ ବିଭିନ୍ନ ରୋଗ ଦୂର ହୋଇଥାଏ। ଏହାଛଡ଼ା ଛୋଟ ପିଲାମାନଙ୍କ ରୋଗ ନିବାରଣ ପାଇଁ ପୂଜକଙ୍କ ଦ୍ୱାରା ଲୁହା ସିଙ୍କୁଳିର ସ୍ପର୍ଶ ଦିଆଯାଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ବାଜା, ବାଜଣା ଓ ଭକ୍ତିମୟ ପରିବେଶ ମଧ୍ୟରେ ଆୟୋଜିତ ଏହି ଯାତ୍ରାରେ କୋରାପୁଟ ଜିଲ୍ଲା ସମେତ ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରୁ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଶଳା ଗଲେ ଜେଲ୍

ଜୟପୁର, ୨୨/୦୬ (ନି.ପ୍ର): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ କୋଟପାଡ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ ଓ ତାଙ୍କ ଶଳାଙ୍କୁ ଜୟପୁର ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି । କୋର୍ଟ ତାଙ୍କ ଜାମିନକୁ ଖାରଜ କରି ଜୟପୁର ସ୍ୱତନ୍ତ୍ର କାରାଗାରକୁ ପଠାଇଛନ୍ତି । ପୁଣି ଆସନ୍ତା ୪ ତାରିଖରେ ପରବର୍ତୀ ଶୁଣାଣି ହେବ । ପରବର୍ତୀ ଶୁଣାଣି ଯାଏ ଜୟପୁର ସ୍ଥିତ ସ୍ୱତନ୍ତ୍ର କାରାଗାରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀ ଓ ଶଳା ରହିବେ । ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ତାଙ୍କର କୋରାପୁଟ ଜିଲ୍ଲା ଜୟପୁରର ପାରାବେଡ଼ା ଅଂଚଳରେ ଥିବା ଭଡ଼ା ଘର ସମେତ ମୋଟ ୭ଟି ଠିକଣାରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ତାଙ୍କର ସମ୍ପତି ଠାବ କରିଛି ଭିଜିଲାନ୍ସ । ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ ଓ ତାଙ୍କ ପରିବାର ଲୋକଙ୍କର ୨ ଫ୍ଲାଟ୍, ୧୪ ଏକର ୩ଟି ଫାର୍ମ ହାଉସ୍ ଓ ୪୯ଟି ଦାମୀ ପ୍ଲଟ୍ ରହିଛି । ତାଙ୍କ ଘରୁ ପ୍ରାୟ ୯୪୦ ଗ୍ରାମ ସୁନା ଗହଣା, ୨ କେଜି ୫ ଶହ ଗ୍ରାମର ରୁପା ଗହଣା ଓ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ଜବତ କରାଯାଇଛି । ସେ ୬୦.୯୨ ଲକ୍ଷ ଟଙ୍କା ଜମା ରଖିଛନ୍ତି । ଟାଟା ହେରିଏର କାର୍ ଠାବ କରିଛି । ସେଠୀଙ୍କର ଗୋଟିଏଫ୍ଲାଟ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀର ମାଧିପୁର ମୌଜାର ହାଇଟେକ୍ ପ୍ଲାଜାରେ ରହିଛି । ଏହି ୨ବିଏଚକେ ଫ୍ଲାଟ୍ ପ୍ରାୟ ୧ହଜାର ବର୍ଗଫୁଟ ଜାଗାରେ ତିଆରି ହୋଇଛି । ତାଙ୍କର ଆଉ ଗୋଟିଏ ଫ୍ଲାଟ୍ ହେଉଛି ବେନାମୀ । ଏହି ଫ୍ଲାଟ କୋରାପୁଟର ଜୟପୁରର ପିଆର ପେଟାରେ ଇନ୍ଦିରା ଛକରେ ଅଛି । ସେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନାଁରେ ଏହି ଫ୍ଲାଟ୍ ରଖିଛନ୍ତି । ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଛି । ତାଙ୍କର ଦୁଇଟି ଯାକ ଫାର୍ମ ହାଉସ୍ କୋରାପୁଟ ଜିଲ୍ଲା ବୋରିଗୁମା ତହସିଲରେ ରହିଛି । ଏଥିରୁ ଗୋଟିଏ ୧୦.୦୩ ଏକରର ହୋଇଥିବା ବେଳେ ଅନ୍ୟଟି ୪.୩୫ ଏକର ଜାଗାରେ ରହିଛି । ୧୦.୦୩ ଏକର ବିଶିଷ୍ଟ ଫାର୍ମ ହାଉସରେ ସେ ଆମ୍ବ ଓ ନିଳଗିରି ଗଛ ଲଗାଇଛନ୍ତି । ସେହିପରି ଅନ୍ୟଟିରେ ସେ ନିଳଗିରି ଗଛ ଲଗାଇଛନ୍ତି । ସହକାରି ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କର ସମସ୍ତ୪୯ଟି ପ୍ଲଟ୍ କୋରାପୁଟ ଜିଲ୍ଲାରେ ରହିଛି । କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ଓ ପଟାଙ୍ଗୀ ଅଂଚଳରେ ତାଙ୍କର ଏହି ସବୁ ପ୍ଲଟ ରହିଛି । ଏଥିରୁ ୧୭ ପ୍ଲଟ୍ ହେଉଛି ବେନାମୀ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି । ତାଙ୍କର ଫ୍ଲାଟ, ଫାର୍ମ ହାଉସ୍ ଓ ପ୍ଲଟ୍ ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ମାପଚୁପ ଓ ହିସାବ କାର୍ଯ୍ୟ ଜାରି ରଖିଛି । ତାଙ୍କ ଘରୁ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ସହିତ ୯୪୦.୬୬ ଗ୍ରାମର ସୁନା ଓ ୨.୪୯୩ କେଜିର ରୁପା ଗହଣା ଜବତ କରାଯାଇଛି । ଜମା ବାବଦକୁ ସେ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କା ରଖିଛନ୍ତି । ତାଙ୍କର ଏକ ଚାରି ଚକିଆ ଗାଡ଼ି ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଅଛି । କିନ୍ତୁ ଉଭୟ ଗାଡ଼ି ବେନାମୀ ରହିଛି।

# ରାୟଗଡା କଲ୍ୟାଣସିଂପୁରରେ ଘଟିଥିବା ଅମାନୁଷିକ ଘଟଣାକୁ ସମାଜସେବୀଙ୍କ ନିନ୍ଦା

କନ୍ଧମାଳ, ୨୨/୦୬ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ଥାନା ଅର୍ନ୍ତଗତ ଇନ୍ତାଲିଗୁଡାରେ ଘଟିଥିବା ଅମାନୁସିକ ଘଟଣାକୁ କନ୍ଧମାଳ ଜିଲ୍ଲାରେ ସାମାଜିକ କର୍ମୀ ମାନଙ୍କ ତରଫରୁ ନିନ୍ଦା କରାଯାଇଛି । କନ୍ଧମାଳ ଜିଲ୍ଲାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀଙ୍କ ଉପରେ ହୋଇଥିବା ସାମୁହିକ ଆକ୍ରମଣ ଘଟଣା ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ କନ୍ଧମାଳ ଜିଲ୍ଲାରେ ମଧ୍ୟ ଏହାର ବିରୋଧ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷିରେ ଆଜି ଏକ ସାଧାରଣ ସଭା କରି ବିଭିନ୍ନ ସାମାଜିକ କର୍ମୀ ମାନେ ଏକାଠି ଭାବରେ ଏହିପରି ଘଟଣାକୁ ବିରୋଧ କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ମାନଙ୍କୁ ଦଣ୍ଡ ବିଧାନ ପାଇଁ ଦାବି କରିଛନ୍ତି। ସାମାଜିକ କର୍ମିଟିଏ ସର୍ବଦା ସମାଜର କଲ୍ୟାଣ ଦିଗରେ ଉପାନ୍ତ ଅଂଚଳ ବୁଲୁଥିବା ବେଳେ ତା'ର ସୁରକ୍ଷା ଓ ନିରାପତା ପ୍ରତି ସମାଜ ଓ ସରକାରଙ୍କର ଦାୟିତ୍ୱ ରହିବା ଏକାନ୍ତ ଆବଶ୍ୟକ । ମୂଖ୍ୟତଃ ମହିଳା ମାନଙ୍କର ସୁରକ୍ଷା ଓ ସ୍ୱେଚ୍ଛାସେବୀଙ୍କୁ ଉତମ ବ୍ୟବହାର ନହେଲେ ଆଗାମି ଦିନରେ ଗାଁ ଗାଁ ରେ ସାମାଜ ସଂସ୍କାର ଲୋପପାଇ କୁସଂସ୍କାର ଦାନା ବାନ୍ଧିବ ବୋଲି ଉପସ୍ଥିତ କର୍ମୀ ମାନେ ଆଲୋଚନା କରିଥିଲେ । ଏହି ସଭାରେ ଅଗ୍ରଣୀ ସମାଜସେବୀ ହରି ଶଙ୍କର ରାଉତ ଉପସ୍ଥିତ ରହି ଏହି କୁଣ୍ଠିତ ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଆଗାମି ଦିନରେ ଏହାର ପୁନାରବୃତି ନଘଟିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ଜନସାଧାରଣ ଓ ସରକାରଙ୍କୁ ନିବେଦନ କରିଛନ୍ତି ।

# ଗୃହିଣୀଙ୍କ ରନ୍ଧାଶାଳର ବଇଦ





**ପାରମ୍ପରିକ ଭାରତୀୟ ରୋଷେଇଘରେ ବ୍ୟବହୃତ ହେଉଥିବା ମସଲାମସଲି ଯେ ଖାଦ୍ୟକୁ କେବଳ ସୁଆଦିଆ ଓ ସୁଗନ୍ଧିତ କରେ ତା' ନୁହେଁ, ଅନେକ ମସଲାର ଔଷଧୀୟ ଗୁଣ ରହିଛି। ସେଥିରୁ କିଛି ଆମର ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରନ୍ତି, ଆଉ କିଛି ଦୀର୍ଘଜୀବନର ସୂତ୍ର ବତାନ୍ତି। କେତକ ମସଲା ଥଣ୍ଡା କାଶ ପାଇଁ ମହୌଷଧି, ପୁଣି ଦେହ ହାତ ଘୋଳାବିନ୍ଧା କି ଅମ୍ଳ ହେବା ଖୋଜାପଡ଼େ 'ଗୃହିଣୀଙ୍କ ରନ୍ଧାଶାଳର ବଇଦ'ମାନଙ୍କୁ। ଜିରା, ଧନିଆ, ମେଥି, ପାନମହୁରି, ସୋରିଷ, ଜୁଆଣି, ଅଦା, ରସୁଣ, ଅଳେଇଚ, ତେଜପତ୍ର, ହଳଦୀ, କସ୍ତୁରୀ ମେଥି, ଡାଲଚିନି, ଗୋଲମରିଚ, ଶୁଣ୍ଠି, ପିପ୍ପଳୀ ଆଦି ମସଲାଗୁଡ଼ିକ ରୋଷେଇରେ ବ୍ୟବହାର ହେବାସହିତ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ମସଲାମାନଙ୍କ ଉପକାରିତା ବିଷଦ୍ ଭାବେ ବର୍ଣ୍ଣନା କରାଯାଇଛି।**

ଜିରା: ଦୈନନ୍ଦିନ ପ୍ରସ୍ତୁତ କରାଯାଉଥିବା ତରକାରିରେ ବ୍ୟବହୃତ ହେଉଥିବା ମସଲା ଦ୍ରବ୍ୟ ମଧ୍ୟରେ ଜିରା ଏକ ପ୍ରମୁଖ ବ୍ୟବହାର ଉପଯୋଗୀ ତଥା ଔଷଧୀୟ ଗୁଣସମ୍ପନ୍ନ ଦ୍ରବ୍ୟ। ଏହା ଜିରାରାଇସ୍, ଡାଲି, ସନ୍ତୁଳା ଆଦିରେ ଫୁଟଣ ରୂପେ ବ୍ୟବହାର କରଯାଇଥାଏ। ଏହା ଖାଦ୍ୟର ଗୁଣବତ୍ତା, ବାସ୍ନା, ଖାଦ୍ୟର ସ୍ୱାଦ ବଢ଼ାଇବା ସହ ହଜମଶକ୍ତିକୁ ବୃଦ୍ଧି କରିଥାଏ। ଜିରା ମଧ୍ୟ ପାକସ୍ଥଳୀ ଓ ପାଚନ ତନ୍ତ୍ରକୁ ଠିକ୍ ରଖିବାରେ ସହାୟକ ହୋଇଥାଏ। ଜିରାକୁ ଖାଦ୍ୟଗ୍ରହଣ ପରେ ଚୋବାଇ ଖାଇବା ଦ୍ୱାରା ଗରିଷ୍ଠ ଖାଦ୍ୟ ହଜମ ହେବା ସହ ଶରୀରର ଓଜନକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।

ଜୁଆଣି: ବିଭିନ୍ନ ମସଲା ପ୍ରସ୍ତୁତିରେ ଏହାକୁ ବ୍ୟବହାର କରାଯାଇଥାଏ। ତା' ସହ ଏଥିରେ ଔଷଧୀୟ ଗୁଣ ମଧ୍ୟ ଭରିରହିଛି। ଏହାକୁ କଞ୍ଚା ଚୋବାଇ ଖାଇବା କିମ୍ବା ପାଣିରେ ବତୁରାଇ ଉକ୍ତ ପାଣିକୁ ସେବନ କରିବା ଦ୍ୱାରା ବିଭିନ୍ନ ପ୍ରକାର ପେଟ ସମସ୍ୟା ଦୂର ହୋଇଥାଏ। ଖାଇବା ହଜମ ହେବାରେ ସାହାଯ୍ୟ କରେ। ପାଟିର ଦୁର୍ଗନ୍ଧ ନାଶ କରେ।

ମେଥି: ମେଥି ମସଲା ପ୍ରସ୍ତୁତିରେ ଏକ ପ୍ରମୁଖ ଦ୍ରବ୍ୟ। ଏହା ଶରୀର ନିମନ୍ତେ ଅମୃତତୁଲ୍ୟ। ମେଥିକୁ ଉଷୁମ ପାଣିରେ ୨-୩ ଘଣ୍ଟା ବତୁରାଇ ଚୋବାଇ ଖାଇପାରନ୍ତି। ତା' ସହ ଉକ୍ତ ବତୁରା ପାଣିକୁ ସେବନ କରିବା ଦ୍ୱାରା ପେଟର ବିଭିନ୍ନ ସମସ୍ୟା ଦୂର ହେବା ସହ ଡାଇବେଟିସ୍‌କୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ। ମେଥି ପ୍ରତିଦିନ ଖାଇବା ଦ୍ୱାରା ଶରୀରରେ ମେଟାବୋଲିଜିମ୍ ବୃଦ୍ଧି ଘଟିବା ସହିତ ଓଜନକୁ ସନ୍ତୁଳିତ ରଖିଥାଏ। କେଶବୃଦ୍ଧି ପାଇଁ ତଥା କେଶ ଝଡ଼ିବା କମ୍ କରିବା ମଧ୍ୟ ମେଥି ବ୍ୟବହୃତ ହୁଏ। ପିଠା ପାଇଁ ବିରି ଓ ଚାଉଳ ବାଟିବା ବେଳେ ଗୋଟେ ଚାମଚ ମେଥି ମିଶାଇ ବାଟିଲେ ପିଠା ନରମ ହୁଏ, ଅମ୍ଳ ହେବାକୁ ଦିଏ ନାହିଁ।

ରସୁଣ: ଭାରତୀୟ ପ୍ରାଚୀନ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ରସୁଣ ଆମ ଶରୀର ପାଇଁ କିପରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ତାହା ବର୍ଣ୍ଣନା କରାଯାଇଛି। ପ୍ରତିଦିନ କଞ୍ଚା ରସୁଣ ୧-୩ ପାଖୁଡ଼ା ଖାଲି ପେଟରେ ଖାଇଲେ ତାହା ଶରୀର ପାଇଁ ଉପକାରୀ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଓ ବେଦନାନାଶକ ଉପାଦାନ ରହିଛି। ଏହା ବଦ ହଜମି, ଥଣ୍ଡା, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଡାଇବେଟିସ୍ ଓ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। କଞ୍ଚା ରସୁଣକୁ ଛୋଟ ଛୋଟ କରି କାଟି ଖାଇବା ଉଚିତ। କାରଣ ଏହି କଟା ରସୁଣ ବାୟୁ ସଂସ୍ପର୍ଶରେ ଆସିବା ଦ୍ୱାରା ଏଥିରେ ରହିଥିବା ଜୀବାଣୁନାଶକ ଦ୍ରବ୍ୟ ଅଧିକ କ୍ରିୟାଶୀଳ ହୋଇଥାଏ, ଯାହାକି ଆମ ଶରୀର ପାଇଁ ଯଥେଷ୍ଟ ଉପକାରୀ।

ହଳଦୀ: କଞ୍ଚାହଳଦୀକୁ ଶିଳରେ ବାଟି ଛୋଟ ଗିଲ ସଦୃଶ କରି ୨ରୁ ୩ଟି ଗୁଳା ଖାଲି ପେଟରେ ଖାଇବା ଦ୍ୱାରା ଶରୀରରେ କୃମି ନଷ୍ଟ ହୋଇଥାଏ। ତା'ସହ ପେଟର ଯାବତୀୟ ରୋଗ ନଷ୍ଟ ହେବାସହ ରକ୍ତ ପରିଷ୍କାର ରହିଥାଏ। ଏହା ଶରୀରରେ ଆଣ୍ଟିବାୟୋଟିକ୍ ସଦୃଶ କାମ କରିଥାଏ। କଞ୍ଚାହଳଦୀକୁ ପାଣିରେ ସିଝାଇ ଚାରି ଭାଗରୁ ଭାଗେ ରହିବା ପରେ ସେଥିରେ ମହୁ ମିଶାଇ ପିଇବା ଦ୍ୱାରା ବହୁ ଉପକାର ମିଳିଥାଏ। କଞ୍ଚା ହଳଦୀରେ ୧୦-୧୨ ପ୍ରତିଶତ ଜଳ, ୪-୧୨ ପ୍ରତିଶତ ଫ୍ୟାଟି ଅଏଲ୍, ୪-୧୪ ପ୍ରତିଶତ ଏସେନ୍ ?ସିଆଲ୍ ? ଅଏଲ, ୫-୧୩ ପ୍ରତିଶତ ମିନେରାଲ୍‌ସ ଏବଂ ୭୦ ପ୍ରତିଶତ କାର୍ବୋହାଇଡ୍ରେଟ୍ ଓ ଭିଟାମିନ୍-ଇ ମଧ୍ୟ ଥାଏ। ହଳଦୀ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ଧନିଆ: ଧନିଆ ଓ ଧନିଆ ପତ୍ର ଖାଦ୍ୟ ତଥା ମସଲାରେ ବ୍ୟବହାର ବହୁ ପୁରାତନ। ଏହା ହୃଦ୍‌ରୋଗ, ପେଟ ରୋଗ, ଅଜୀର୍ଣ୍ଣ, ବାନ୍ତି, ପେଟରେ ଅମ୍ଳ ହେବା ତଥା ବିଭିନ୍ନ ଚର୍ମରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଧନିଆ ପତ୍ର ଖାଦ୍ୟପଦାର୍ଥର ବାସ୍ନା ଓ ସ୍ୱାଦ ବଢ଼ାଇ ଥାଏ।

ପାନମହୁରି: ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ପାନମହୁରିକୁ ଘରୋଇ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଏହା ଏକ ସୁଗନ୍ଧ, ରୁଚିକର, ସୁସ୍ୱାଦୁ ଦ୍ରବ୍ୟ। ଏହା ବିଭିନ୍ନ ପେଟରୋଗ, ଅମ୍ଳନାଶକ, ବାୟୁନାଶକ, କୋଷ୍ଠକାଠିନ୍ୟ, ପାଟିର ଦୁର୍ଗନ୍ଧ ଦୂର କରିବା ସହ ପାଟିର ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ପାନମହୁରିରେ ଆସ୍‌ପେରିଟିକ୍ ଏସିଡ୍, ଭିଟାମିନ ସି, ଆମିନୋ ଏସିଡ୍, ମ୍ୟାଗ୍ନେସିୟମ୍, ମିନେରାଲ୍ ଆଦି ତତ୍ତ୍ୱ ରହିଛି। ଏହା ରକ୍ତଚାପ ସହ ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଏହାବ୍ୟତୀତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ହିଙ୍ଗୁ: ଭାରତୀୟ ରୋଷେଇରେ ହିଙ୍ଗୁର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବ୍ୟଞ୍ଜନର ସ୍ୱାଦ ଓ ସୁଗନ୍ଧ ପାଇଁ ମୁଖ୍ୟତଃ ହିଙ୍ଗୁ ବ୍ୟବହାର କରାଯାଇଥାଏ। ଡାଲିରେ ତଡ଼କା ଦେବା ପାଇଁ ହେଉ କି ତରକାରୀର ସ୍ୱାଦ ବୃଦ୍ଧି; ହିଙ୍ଗୁ ସବୁବେଳେ ଆବଶ୍ୟକ ହୋଇଥାଏ। କିନ୍ତୁ ହିଙ୍ଗୁର ମଧ୍ୟ ବହୁ ଔଷଧୀୟ ଗୁଣ ରହିଛି ଏକଥା ଜାଣିବା ଦରକାର। ଏହା ମୁଣ୍ଡବିନ୍ଧା, ଥଣ୍ଡା, କାଶ, ଛିଙ୍କ, ଚାପ ବା ମାଇଗ୍ରେନ୍ କାରଣରୁ ମୁଣ୍ଡବିନ୍ଧା ହେଉଥିଲେ ହିଙ୍ଗୁ ବ୍ୟବହାର ଦ୍ୱାରା ଯଥେଷ୍ଟ ଉପଶମ ମିଳିଥାଏ।

ଅଦା: ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡ଼ିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢ଼ାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଓ କାଶ ବ୍ୟତୀତ ଅଦା ଶ୍ୱାସଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଓ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାନ୍ତି, ତେବେ ଆପଣ ଅଦା ପାଣି ପିଇବା ଆରମ୍ଭ କରନ୍ତୁ। ସକାଳେ ଖାଲି ପେଟରେ ଅଦା ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ।

ଲୁଣ: ଖାଦ୍ୟରେ ଯେତେ ପ୍ରକାରର ମସଲା ପକାଇଲେ ମଧ୍ୟ ଲୁଣ ବିନା ଖାଦ୍ୟଦ୍ରବ୍ୟ ସ୍ୱାଦହୀନ ଅଟେ। ପାହାଡ଼ିଆ ବା ସହଦେବ ଲୁଣ ସ୍ୱଚ୍ଛ ଏବଂ ଏଥିରେ କିଛି ଖଣିଜ ମିଶିଥିବାରୁ ଏହା ସାମାନ୍ୟ ଅନ୍ୟ ରଙ୍ଗର ମଧ୍ୟ ହୋଇଥାଏ। ଏହି ଲୁଣ ମନ୍ଦିରମାନଙ୍କରେ ହେଉଥିବା ରୋଷେଇ ଓ ପୂଜାପର୍ବରେ ପ୍ରସ୍ତୁତ ଖାଦ୍ୟରେ ଅଧିକ ବ୍ୟବହୃତ ହୁଏ। ଏତଦ୍‌ବ୍ୟତୀତ କଳା ରଙ୍ଗର ଲୁଣ ମଧ୍ୟ ରହିଛି। ଏହି କଳା ଲୁଣରେ ଲୌହ ଓ ଗନ୍ଧକ ରହିଛି। ଏହାକୁ ଖାଦ୍ୟଦ୍ରବ୍ୟରେ ପକାଇ ଖାଇଲେ ଖାଦ୍ୟ ସହଜରେ ହଜମ ହୋଇଥାଏ। ଲୁଣଗୁଡ଼ା ସେକ ଭାବେ ମଧ୍ୟ ବ୍ୟବହୃତ କରାଯାଇଥାଏ।

ସୋରିଷ: ସୋରିଷକୁ ଜିରା, ଅଦା ଆଦି ମସଲା ସହ ମିଶାଇ ପାରମ୍ପରିକ ଓଡ଼ିଆ ଖାଦ୍ୟ ବେସର ପ୍ରସ୍ତୁତ କରାଯାଏ। ସୋରିଷ ମଞ୍ଜିକୁ ମୁଖ୍ୟତଃ ତେଲ ବାହାର କରିବାରେ ବ୍ୟବହାର କରାଯାଏ। ରୋଷେଇରେ, ଆଚାର ପ୍ରସ୍ତୁତ କରିବାରେ ମଧ୍ୟ ସୋରିଷ ତେଲ ବ୍ୟବ ?ହାର କରାଯାଏ। ସର୍ଦ୍ଦି ସମୟରେ ସୋରିଷ ତେଲକୁ ରସୁଣ ସହ ଫୁଟାଇ ଗୋଡ଼ ତଥା ପାଦରେ ଘସିଲେ, ଥଣ୍ଡା କମେ ଏବଂ ଗୋଡ଼ହାତ ବିନ୍ଧାବିନ୍ଧି କମିଥାଏ। ସୋରିଷ ଗଛର ପତ୍ରକୁ ଶାଗ ରୂପେ ମଧ୍ୟ ଖିଆଯାଏ।

ଗୋଲମରିଚ: ଅନେକ କ୍ଷେତ୍ରରେ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଗୋଲମରିଚକୁ କୌଣସି ଔଷଧ ସହ ସେବନ କଲେ ତାହା ଔଷଧର ପ୍ରଭାବକୁ ବୃଦ୍ଧି କରିଥାଏ। ଏଥିରେ କ୍ୟାଲ୍‌ସିୟମ୍, ଫସ୍‌ଫରସ୍ ଓ ଆଇରନ୍ ଭଳି ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ମହଜୁଦ୍ ଥାଏ। ଲେମ୍ବୁ ପାଣି ସହ ଗୋଲମରିଚ ଓ କଳାଲୁଣ ମିଶାଇ ଦୈନିକ ସେବନ କଲେ ପାଚନତନ୍ତ୍ର ମଜଭୁତ ରହିଥାଏ। ଗୋଲମରିଚ ଗୁଣ୍ଡରେ ସାମାନ୍ୟ ଘିଅ ମିଶାଇ ଖାଦ୍ୟ ସହ ସେବନ କରିପାରିବେ। ଏହାଦ୍ୱାରା କାଶ ଯୋଗୁଁ ହେଉଥିବା ଗଳା ଓ ଛାତି ଯନ୍ତ୍ରଣାରୁ ଲାଘବ ମିଳିଥାଏ। ଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ମିଶାଇ କୁଳି କଲେ ଦାନ୍ତ ମାଢ଼ି ଶକ୍ତ ହୋଇଥାଏ।

ଲବଙ୍ଗ: ପେଟ ଜନିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲବଙ୍ଗକୁ ଏକ ଭଲ ଘରୋଇ ଉପଚାର ଭାବରେ ବ୍ୟବହାର କରାଯାଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏଥିରେ ଥିବା ପୋଷକତତ୍ତ୍ୱ ହଜମ ଓ ଅନ୍ତଃନଳୀ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। ଏହା ହଜମକାରୀ ଏନ୍‌ଜାଇମ୍‌ର ଉତ୍ପାଦନକୁ ମଧ୍ୟ ବଢ଼ାଇଥାଏ। ଯାହାଫଳରେ ପେଟ ଫୁଲିବା, ଗ୍ୟାସ୍ ଓ ଅପଚ ଭଳି ବିଭିନ୍ନ ହଜମ ପ୍ରକ୍ରିୟା ହ୍ରାସ ହୋଇଥାଏ। ଲବଙ୍ଗଗୁଡ଼ିକ ଆଣ୍ଟି-ପ୍ଲେକ୍ ଓ ଆଣ୍ଟି-ମାଇକ୍ରୋବିୟଲ୍ ଗୁଣରେ ଭରପୁର ଅଟେ। ଦାନ୍ତକୁ ସୁସ୍ଥ ରଖିବାରେ ଏମାନେ ବହୁତ ସାହାଯ୍ୟ କରନ୍ତି।

ତେଜପତ୍ର: ତେଜପତ୍ର ହେଉଛି ଏକ ଔଷଧ ଯାହା ଆମ ରୋଷେଇ ଘରେ ସହଜରେ ଉପଲବ୍ଧ। ଏହା ଏମିତି ଏକ ଜଡ଼ିବୁଟି ଯାହାର ଅନେକ ଲାଭ ଅଛି। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ତେଜପତ୍ରର ଜଳ ଓଜନହ୍ରାସ ପ୍ରକ୍ରିୟାରେ ସାହାଯ୍ୟ କରେ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ଅଟେ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କୋଷ୍ଠକାଠିନ୍ୟ ଓ ଅଦୃଶ୍ୟତା ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରେ।

# ପିଲାଙ୍କ ହୋମୱ୍ୱାର୍କ ପାଇଁ, ପିତାମାତାଙ୍କୁ ହୃଦ୍‌ଘାତ !



ସାଧାରଣତଃ ପିଲାଙ୍କୁ ହୋମୱ୍ୱାର୍କରେ ବାପା ମା' ସାହାଯ୍ୟ କରନ୍ତି। କିନ୍ତୁ, ଚୀନରେ ପିଲାଙ୍କର ଏହି ହୋମୱ୍ୱାର୍କ ଏବେ ପିତାମାତାଙ୍କ ପାଇଁ କାଳ ସାଜିଛି। ପିଲାଙ୍କୁ ହୋମୱ୍ୱାର୍କ ତଥା ଖାସ କରି ଗଣିତ ପାଠରେ ସାହାଯ୍ୟ କରିବାକୁ ଯାଇ ପିତାମାତାମାନେ ହୃଦ୍‌ଘାତର ଶିକାର ହେଉଥିବା ଜଣାପଡ଼ିଛି। ଯାହା ସଭିଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ନିକଟରେ ହଙ୍ଗୌଜୋରେ ବାସ କରୁଥିବା ଡଙ୍ଗ୍ ନାମ୍ନୀ ଜଣେ ୪୦ ବର୍ଷିୟ ମହିଳା ସନ୍ଧ୍ୟା ସମୟରେ ନିଜ ପୁଅକୁ ଗଣିତ ହୋମୱ୍ୱାର୍କ କରିବାରେ ସାହାଯ୍ୟ କରୁଥିଲେ। ପିଲାଟିକୁ ଗଣିତ ବୁଝାଇଥିଲେ, ସେ ବୁଝିବାରେ ବିଫଳ ହେବାରୁ ମହିଳା ଜଣଙ୍କ ସେହି ସମୟରେ ନିଜ ଧୈର୍ଯ୍ୟ ହରାଇ ବସିଲେ। ସେ ଅଧିକ ରାଗିଯିବାରୁ ତାଙ୍କର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରିକି ବାନ୍ତି ମଧ୍ୟ କରିଥିଲେ। ଦେହ ଅଧିକ ଖରାପ ହେବାରୁ ସେ ଡାକ୍ତରଖାନାକୁ ଯାଇଥିଲେ। ଚିକିତ୍ସା ପରେ ତାଙ୍କୁ 'ସ୍ପୋଣ୍ଟାନିଓସ୍ ସୁବାର୍କନୋଏଡ୍ ହେମୋରେଜ୍' ନାମକ ମାମୁଲି ଷ୍ଟ୍ରୋକ୍ ହୋଇଥିଲା ବୋଲି ଜଣାପଡ଼ିଥିଲା। ଅତ୍ୟଧିକ ଚାପ ଯୋଗୁଁ ଏହି ଷ୍ଟ୍ରୋକ୍ ହୋଇଥିଲା। ସେ ପୁଅଙ୍କୁ ପଢ଼ାଉଥିବା ସମୟରେ ଅତ୍ୟଧିକ ରାଗି ଯାଇଥିଲେ। ତେଣୁ ଏହି ସମସ୍ୟା ଦେଖାଯାଇଥିଲା। ବର୍ତ୍ତମାନ ସମୟରେ ଏହି ପରିସ୍ଥିତି ଚୀନରେ ଚିନ୍ତାଜନକ ହୋଇପଡ଼ିଛି। ତେବେ ଚୀନରେ ଏହି ଘଟଣା ପ୍ରଥମ ନୁହେଁ , ପୂର୍ବରୁ ଅର୍ଥାତ୍ ୨୦୧୯ ମସିହାରେ ଜଣେ ୩୬ ବର୍ଷିୟ ମହିଳା, ଗତ ବର୍ଷ ଜଣେ ୪୫ ବର୍ଷିୟ ମହିଳା ପିଲାଙ୍କୁ ହୋମୱ୍ୱାର୍କ କରୁଥିବା ସମୟରେ ଏହି ଷ୍ଟ୍ରୋକର ଶିକାର ହୋଇଥିଲେ। ସେହିପରି ଗତ ଜାନୁଆରୀ ମାସରେ ମଧ୍ୟ ଚୀନର ଜିୟାଙ୍ଗସୁ ଅଞ୍ଚଳର ଜଣେ ୩୭ ବର୍ଷିୟ ମହିଳା ନିଜ ପୁଅକୁ ଗଣିତ ପଢ଼ାଉଥିବା ସମୟରେ ଏହି ଷ୍ଟ୍ରୋକର ସମ୍ମୁଖୀନ ହୋଇଥିଲେ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ବିଶେଷ କରି ମହିଳାମାନେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ବହୁ ସମ୍ଭାବନା ରହିଛି, କାରଣ ସେମାନେ ଘର କାମ ସହ ଅଫିସ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଚାପ ଓ ଚିନ୍ତାରେ ରହିଥାନ୍ତି। ତେଣୁ ଚାପ ତାଲିକାରେ ପିଲାଙ୍କ ହୋମୱ୍ୱାର୍କ ମଧ୍ୟ ଯୋଡ଼ି ହୋଇଛି।

# ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାକଫୁଲ




ନାକଫୁଲ କେବଳ ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ ସେକଥା ନୁହେଁ, ସ୍ୱାସ୍ଥ୍ୟ ସହିତ ଜଡ଼ିତ ଅନେକ ସମସ୍ୟାରୁ ବି ଏହା ମୁକ୍ତି ଦେଇଥାଏ। ଆଜକୁ ବହୁବର୍ଷ ତଳୁ ମହିଳାମାନେ ନାକଫୁଲ ଅଥବା ନୋଥ ପିନ୍ଧିବାର ପ୍ରଥା ଚାଲିଆସିଛି। କିନ୍ତୁ ଏବେ ଏହାର ଓଲଟା ଦେଖିବାକୁ ମିଳୁଛି। ଆଉ ପ୍ରଥା ପାଇଁ ନୁହେଁ ବରଂ ଫେସନ୍ ପାଇଁ ଅନେକ ମହିଳା ତଥା ଯୁବତୀ ବିଭିନ୍ନ ପର୍ବରେ ଭିନ୍ନ ଭିନ୍ନ ପ୍ରକାରର ନାକଫୁଲ ପିନ୍ଧୁଥିବାର ଦେଖାଯାଉଛି। ତେବେ ସେ ପ୍ରଥା ହେଉ ଅବା ସଉକ ପାଇଁ ହେଉ, ଏହାକୁ ପିନ୍ଧିବା ଦ୍ୱାରା ମହିଳାଙ୍କର କ'ଣ ସବୁ ଉପକାର ହୋଇଥାଏ ଆସନ୍ତୁ ଜାଣିବା।

ଖରାପ ନଜରରୁ ରକ୍ଷା କରେ: ମହିଳାଙ୍କର ଷୋହଳ ଶୃଙ୍ଗାର ମଧ୍ୟରୁ ନୋଥ ହେଉଛି ଗୋଟିଏ। ଏହାକୁ ସୌଭାଗ୍ୟର ପ୍ରତୀକ ବୋଲି ବି କୁହାଯାଇଥାଏ। ବିଶେଷ କରି ନବବଧୂ ପାଇଁ ଏହାକୁ ପିନ୍ଧିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହା କେବଳ ତା'ର ରୂପକୁ ସୁନ୍ଦର କରିଥାଏ ତାହା ନୁହେଁ ବରଂ ଅନେକ ଖରାପ ନଜରରୁ ତାକୁ ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି।

ପୀଡ଼ାରୁ ମୁକ୍ତି ଦିଏ: ମାସିକ ଋତୁସ୍ରାବବେଳେ ମହିଳାଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଥାଏ। କିନ୍ତୁ ଆୟୁର୍ବେଦ ମାନ୍ୟତା ଅନୁସାରେ, ଯେଉଁ ମହିଳା ନାକର ଗୋଟିଏ ପୁଡ଼ାରେ ଛେଦ କରି ନାକ ଫୁଲ ପିନ୍ଧିଥାନ୍ତି, ସେମାନଙ୍କୁ ଅନ୍ୟ ମହିଳାଙ୍କ ତୁଳନାରେ ଋତୁସ୍ରାବ ସମୟରେ କମ୍ କଷ୍ଟ ହୋଇଥାଏ। ସେହିପରି କେହି କେହି କହନ୍ତି ମହିଳାଙ୍କର ନାକରେ ହୋଇଥିବା ଛେଦ ସେମାନଙ୍କର ପ୍ରଜନନ ଅଙ୍ଗ ସହିତ ଯୋଡ଼ି ହୋଇ ରହିଥାଏ। ଯାହାଦ୍ୱାରା ନାକଫୁଲ ପିନ୍ଧୁଥିବା ମହିଳାମାନଙ୍କୁ ପ୍ରସବ ସମୟରେ ବି କମ୍ କଷ୍ଟ ସହିବାକୁ ପଡ଼ିଥାଏ।

# ସବୁବେଳେ ଇୟରଫୋନ୍ ବ୍ୟବହାର କରୁଛନ୍ତି କି ? ତେବେ ଜାଣନ୍ତୁ......

**ଆଜିକାଲି ଲୋକେ ସ୍ମାର୍ଟଫୋନ୍ ବିନା ଘଡ଼ିଏ ରହିପାରୁ ନାହାନ୍ତି। କାମ କରିବା କିମ୍ବା ଯାତ୍ରା କରିବା ସମୟରେ ଅନେକେ ଇୟରଫୋନ ଲଗାଇ ଗୀତ ଶୁଣନ୍ତି, ନଚେତ୍ ସୋସିଆଲ ମିଡିଆରେ ବ୍ୟସ୍ତ ରୁହନ୍ତି। ଦିନରେ ଏପରି ଅଳ୍ପ ସମୟ ପାଇଁ କଲେ କିଛି ଅସୁବିଧା ନାହିଁ, କିନ୍ତୁ କିଛି ଲୋକ ଏପରି ଅଛନ୍ତି, ଯେଉଁମାନେ କୌଣସି କାମ କରନ୍ତୁ, କିମ୍ବା ଖାଲି ବସିଥାନ୍ତୁ, କାନରେ ସବୁବେଳେ ସେମାନଙ୍କର ଇୟରଫୋନ୍ ଲାଗିଥାଏ। ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ। ଏଭଳି କରୁଥିଲେ ସାବଧାନ ହୋଇଯାନ୍ତୁ।**



*ହରାଇ ପାରନ୍ତି ଶ୍ରବଣ ଶକ୍ତି:* ଦିନସାରା ଇୟରଫୋନ୍ ବ୍ୟବହାର କରୁଥିବା ଲୋକେ ଏହି ଅଭ୍ୟାସ ବଦଳାଇବା ଦରକାର। ଏହାକୁ ଜଣେ ଲଗାତାର ବ୍ୟବହାର କରିବା ଦ୍ୱାରା ଶ୍ରବଣ ଶକ୍ତି ହରାଇବା ଆଶଙ୍କା ଥାଏ। ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯଦି ଜଣେ ଦୁଇ ଘଣ୍ଟା ଅଧିକ ଜୋରରେ ଇୟରଫୋନ୍‌ରେ ସଙ୍ଗୀତ ଶୁଣନ୍ତି, ଏହାଦ୍ୱାରା ଶ୍ରବଣ ଶକ୍ତି ପ୍ରଭାବିତ ହୋଇଥାଏ।

*ବଢ଼ିଥାଏ ହୃଦ୍‌ରୋଗ ଆଶଙ୍କା:* କାନରେ ଇୟରଫୋନ ଲଗାଇ ଜୋରରେ ଗୀତ ଶୁଣିବା ଦ୍ୱାରା ଏହା ଘାତକ ହୋଇପାରେ। ଏହାଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବଢ଼ିଯାଏ। ଯେତେବେଳେ ଆମେ ଅଧିକ ଜୋରରେ ଗୀତ ଶୁଣୁ ସେତେବେଳେ ଆମର ହୃଦ୍‌ସ୍ପନ୍ଦନ ବଢ଼ିଯାଏ। ଏଭଳି ନିୟମିତ ହେବା ଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବୃଦ୍ଧିପାଏ।

*ମସ୍ତିଷ୍କ ଉପରେ ପ୍ରଭାବ:* ଦୀର୍ଘ ସମୟ ଧରି ଇୟରଫୋନ ବ୍ୟବହାର କରିବା ଦ୍ୱାରା ଏହା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଇୟରଫୋନରୁ ବାହାରୁଥିବା ବିଦ୍ୟୁତ୍ ତରଙ୍ଗ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। ଏହା ଆମର ମସ୍ତିଷ୍କ କୋଷିକାଗୁଡ଼ିକୁ ନଷ୍ଟ କରିଦିଏ। ଏହାଦ୍ୱାରା ଆମ ମସ୍ତିଷ୍କ ମାନ୍ଦା ହୋଇଯାଏ।

*ନିଦରେ ସମସ୍ୟା:* ଯଦି ଜଣେ ଇୟରଫୋନ୍ ଲଗାଇ ଶୋଉଥାନ୍ତି କିମ୍ବା ଶୋଇବା ପୂର୍ବରୁ ଏଥିରେ ଗୀତ ଶୁଣୁଥାନ୍ତି ଏହାଦ୍ୱାରା ଅନିଦ୍ରା ସମସ୍ୟା ବୃଦ୍ଧିପାଏ। କେବଳ ସେତିକି ନୁହେଁ ଏହାଦ୍ୱାରା ନିଦରେ ମଧ୍ୟ ବାଧା ସୃଷ୍ଟି ହୋଇଥାଏ। ଏହା ଆମର ଜୈବିକ ଚକ୍ରକୁ ପ୍ରଭାବିତ କରିବା ଦ୍ୱାରା ଖାଇବାଠାରୁ ଆରମ୍ଭ କରି ଶୋଇବା ପ୍ରଭାବିତ ହୋଇଥାଏ।

# ପ୍ରଶ୍ନ ପଚାରିବା ଭୁଲିଯାଇଥିବା ଗଣମାଧ୍ୟମ

ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଆଜି ଏକ ଅଭୂତପୂର୍ବ ତଥା ଜଟିଳ ସଙ୍କଟ ଦେଇ ଗତି କରୁଛି । ଗତ କିଛି ସମୟ ଧରି ଦେଶର ପ୍ରମୁଖ କର୍ପୋରେଟ୍ ଗଣମାଧ୍ୟମଗୁଡ଼ିକ ନିଜର ମୂଳ ଲକ୍ଷ୍ୟରୁ ସମ୍ପୂର୍ଣ୍ଣ ରୂପେ ବିଚ୍ୟୁତ ହୋଇ କ୍ଷମତାସୀନ ସରକାରଙ୍କ ଏକ ଅଘୋଷିତ ପ୍ରଚାର ଯନ୍ତ୍ରରେ ପରିଣତ ହୋଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ବଡ଼ ବଡ଼ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ନିଜର ସ୍ୱାଧୀନତା, ବିଶ୍ୱସନୀୟତା ଏବଂ ଆର୍ଥିକ ମେରୁଦଣ୍ଡ ହରାଉଥିବା ଜାଣି ମଧ୍ୟ ନିଜର ଏହି ବିନାଶକୁ ନିରବରେ ସହ୍ୟ କରିଛନ୍ତି । ସାଧାରଣତଃ ଏକ ସୁସ୍ଥ ଗଣତନ୍ତ୍ରରେ ଆଶା କରାଯାଏ ଯେ ଗଣମାଧ୍ୟମ ସରକାରଙ୍କୁ କଠିନ ପ୍ରଶ୍ନ କରିବ, ନୀତିଗତ ତ୍ରୁଟିଗୁଡ଼ିକୁ ଲୋକଲୋଚନକୁ ଆଣିବ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବ । କିନ୍ତୁ ବର୍ତ୍ତମାନର ସ୍ଥିତି ସମ୍ପୂର୍ଣ୍ଣ ଓଲଟା । ଦେଶର ବୃହତ୍ ଖବରକାଗଜ ଏବଂ ଟେଲିଭିଜନ୍ ଚ୍ୟାନେଲଗୁଡ଼ିକ ସରକାରଙ୍କ ସମାଲୋଚନା କରିବା ପରିବର୍ତ୍ତେ ବିରୋଧୀ ଦଳ ଏବଂ ସାଧାରଣ ଜନତାଙ୍କୁ ପ୍ରଶ୍ନ କରିବାରେ ବ୍ୟସ୍ତ ଅଛନ୍ତି । ଏହି ଆତ୍ମଘାତୀ ପରିସ୍ଥିତି କେବଳ ଗୋଟିଏ ଦିନରେ ସୃଷ୍ଟି ହୋଇନାହିଁ, ବରଂ ଏହା ଏକ ସୁଚିନ୍ତିତ ରାଜନୈତିକ ଏବଂ ଅର୍ଥନୈତିକ ରଣନୀତିର ପରିଣାମ, ଯେଉଁଥିରେ ସରକାରୀ ବିଜ୍ଞାପନର ପ୍ରଲୋଭନ, ତଦନ୍ତକାରୀ ସଂସ୍ଥାର ଭୟ ଏବଂ ମାଲିକାନାର ଏକଚାଟିଆ କରଣ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଏହି ପତନର ପ୍ରକୃତ କାରଣ ଖୋଜିଲେ ଆମକୁ ଭାରତୀୟ ଗଣମାଧ୍ୟମର ବ୍ୟବସାୟିକ ମଡେଲ୍ ଏବଂ ଏହାର ଅର୍ଥନୈତିକ ନିର୍ଭରଶୀଳତା ଉପରେ ଗଭୀର ଦୃଷ୍ଟି ପକାଇବାକୁ ପଡ଼ିବ । ପାରମ୍ପରିକ ଭାବରେ ଭାରତୀୟ ଗଣମାଧ୍ୟମ ପାଠକ କିମ୍ବା ଦର୍ଶକଙ୍କ ଦେୟ ଉପରେ ନୁହେଁ, ବରଂ ସରକାରୀ ଏବଂ ବେସରକାରୀ ବିଜ୍ଞାପନ ଉପରେ ନିର୍ଭର କରିଆସିଛି । ତଥ୍ୟ ଅନୁଯାୟୀ, ଗତ ଦଶନ୍ଧିର ପ୍ରାରମ୍ଭରେ କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ହେବା ପରେ ସରକାରୀ ବିଜ୍ଞାପନ ଖର୍ଚ୍ଚରେ ଅହେତୁକ ବୃଦ୍ଧି ଘଟିଥିଲା । ପୂର୍ବ ସରକାରଙ୍କ ସମୟରେ କେନ୍ଦ୍ରୀୟ ବିଜ୍ଞାପନ ବାବଦରେ ବାର୍ଷିକ ହାରାହାରି ପ୍ରାୟ ପାଞ୍ଚ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ନୂତନ ଶାସନ କାଳରେ ଏହା ଦ୍ରୁତ ଗତିରେ ବୃଦ୍ଧି ପାଇ ବାର୍ଷିକ ପ୍ରାୟ ବାର ଶହ କୋଟି ଟଙ୍କାରୁ ଅଧିକ ହୋଇଗଲା । କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାରମାନେ ମଧ୍ୟ ଏହି ଦିଗରେ ପଛରେ ନଥିଲେ । ଉଦାହରଣସ୍ୱରୂପ, କିଛି ବର୍ଷ ତଳେ ଉତ୍ତରପ୍ରଦେଶ ପରି ରାଜ୍ୟ ସରକାର କେବଳ ଗୋଟିଏ ଆର୍ଥିକ ବର୍ଷରେ ଜାତୀୟ ଟେଲିଭିଜନ୍ ଚ୍ୟାନେଲଗୁଡ଼ିକୁ ପ୍ରାୟ ଏକ ଶହ ଷାଠିଏ କୋଟି ଟଙ୍କାର ବିଜ୍ଞାପନ ପ୍ରଦାନ କରିଥିଲେ । ଏହି ବିପୁଳ ଅର୍ଥରାଶି କେବଳ ସେହି ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ଦିଆଯାଇଥିଲା ଯେଉଁମାନେ ସରକାରଙ୍କ ସକାରାତ୍ମକ ଭାବମୂର୍ତ୍ତି ପ୍ରସାରଣ କରୁଥିଲେ । ଯେଉଁମାନେ ସମାଲୋଚନା କରିବାକୁ ସାହସ କଲେ, ସେମାନଙ୍କର ବିଜ୍ଞାପନ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଗଲା । ଏହି ପୁରସ୍କାର ଏବଂ ଦଣ୍ଡ ନୀତି ଫଳରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଆର୍ଥିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଦୟା ଉପରେ ନିର୍ଭରଶୀଳ ହୋଇପଡ଼ିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ଡିଜିଟାଲ୍ ପ୍ଲାଟଫର୍ମ ଯଥା ଗୁଗୁଲ୍ ଏବଂ ଫେସବୁକ୍ ବିଜ୍ଞାପନ ବଜାରର ଏକ ବଡ଼ ଅଂଶ ଅକ୍ତିଆର କରିନେଲେ, ସେତେବେଳେ ପାରମ୍ପରିକ ଗଣମାଧ୍ୟମର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଗଲା । ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ କ୍ଷମତାସୀନଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ ।

ଆର୍ଥିକ ଚାପ ବ୍ୟତୀତ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କର୍ପୋରେଟ୍ ଗଣମାଧ୍ୟମକୁ ନିରବ କରାଇବାରେ ଏକ ବ୍ରହ୍ମାସ୍ତ୍ର ସାଜିଛି । ଯେତେବେଳେ ବି କୌଣସି ସାମ୍ବାଦିକ କିମ୍ବା ସମ୍ପାଦକ ସରକାରଙ୍କ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି, ସେତେବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ କିମ୍ବା ଆୟକର ବିଭାଗ ଦ୍ୱାରା ସମ୍ପୃକ୍ତ ସଂସ୍ଥା ଉପରେ ଚଢ଼ାଉ କରାଯାଇଛି । ଏହା ଗଣମାଧ୍ୟମ ମାଲିକମାନଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି କରିଛି । ଏହା ସହିତ ଭାରତୀୟ ଗଣମାଧ୍ୟମ କ୍ଷେତ୍ରରେ ମାଲିକାନାର ଏକଚାଟିଆ କରଣ ଏହି ସମସ୍ୟାକୁ ଅଧିକ ଜଟିଳ କରିଛି । ଆଜି ଦେଶର ଅଧିକାଂଶ ପ୍ରମୁଖ ନ୍ୟୁଜ୍ ନେଟୱାର୍କ କିଛି ହାତଗଣତି ବିଶାଳ କର୍ପୋରେଟ୍ ଘରାନାଙ୍କ ନିୟନ୍ତ୍ରଣରେ ରହିଛି । ଏହି କର୍ପୋରେଟ୍ ସଂସ୍ଥାଗୁଡ଼ିକର ମୁଖ୍ୟ ବ୍ୟବସାୟ ଖବର ପରିବେଷଣ ନୁହେଁ, ବରଂ ଟେଲିକମ୍, ବନ୍ଦର, ବିମାନବନ୍ଦର, ଖଣି ଏବଂ ଶକ୍ତି କ୍ଷେତ୍ରରେ ରହିଛି । ଏହିସବୁ କ୍ଷେତ୍ରରେ ବ୍ୟବସାୟିକ ସଫଳତା ପାଇଁ ସରକାରୀ ଅନୁକମ୍ପା, ଲାଇସେନ୍ସ ଏବଂ ଚୁକ୍ତିନାମା ନିତାନ୍ତ ଆବଶ୍ୟକ । ନିଜର ବିଶାଳ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ଏହି ମାଲିକମାନେ ନିଜ ନିୟନ୍ତ୍ରଣରେ ଥିବା ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ସରକାରଙ୍କ ବିରୋଧରେ କିଛି ନ କହିବାକୁ ନିର୍ଦ୍ଦେଶ ଦେଉଛନ୍ତି । ଅର୍ଥାତ୍, ଏହି କର୍ପୋରେଟ୍ ମାଲିକମାନେ ନିଜର ବୃହତ୍ତର ଆର୍ଥିକ ସ୍ୱାର୍ଥ ପାଇଁ ଗଣମାଧ୍ୟମର ସାମ୍ବାଦିକତା ଏବଂ ନୈତିକତାକୁ ଜାଣିଶୁଣି ବଳିଦାନ ଦେଉଛନ୍ତି । ସେମାନେ ନିଜ ଗଣମାଧ୍ୟମର ପତନକୁ ସହ୍ୟ କରୁଛନ୍ତି କାରଣ ଏହା ସେମାନଙ୍କର ଅନ୍ୟ ଲାଭଜନକ ବ୍ୟବସାୟ ପାଇଁ ଏକ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରୁଛି । ଯେଉଁ ସମୟରେ ଦେଶରେ କୃଷକ ଆନ୍ଦୋଳନ, ବେକାରୀ ସମସ୍ୟା କିମ୍ବା ସୀମା ସୁରକ୍ଷା ପରି ଗମ୍ଭୀର ପ୍ରସଙ୍ଗ ଉପରେ ଆଲୋଚନା ହେବା କଥା, ସେହି ସମୟରେ ଏହି କର୍ପୋରେଟ୍ ଚ୍ୟାନେଲଗୁଡ଼ିକ ଜାଣିଶୁଣି ଅବାନ୍ତର ପ୍ରସଙ୍ଗକୁ ନେଇ ପ୍ରାଇମ୍ ଟାଇମ୍ ବିତର୍କ କରୁଛନ୍ତି ।


ଏହି ସମସ୍ତ କାରଣରୁ ବିଶ୍ୱ ଦରବାରରେ ଭାରତୀୟ ଗଣମାଧ୍ୟମର ଛବି ବ୍ୟାପକ ଭାବେ ମଳିନ ପଡ଼ିଛି । ରିପୋର୍ଟର୍ସ ବିଦାଉଟ୍ ବର୍ଡର୍ସ ଦ୍ୱାରା ପ୍ରକାଶିତ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଗତ କିଛି ବର୍ଷ ଧରି ଭାରତର ସ୍ଥାନ ଏକ ଶହ ଅଶୀ ଟି ଦେଶ ମଧ୍ୟରୁ କ୍ରମାଗତ ଭାବେ ନିମ୍ନଗାମୀ ହୋଇଛି । ଭାରତ କ୍ରମାଗତ ଭାବେ ଅତି ଗମ୍ଭୀର ବା କଷ୍ଟକର ବର୍ଗରେ ରହିଆସିଛି । ଏହି ରିପୋର୍ଟଗୁଡ଼ିକରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଭାରତରେ ଗଣମାଧ୍ୟମ ମାଲିକାନାର ଏକଚାଟିଆ କରଣ ଏବଂ ସାମ୍ବାଦିକମାନଙ୍କ ଉପରେ ଆର୍ଥିକ ତଥା ରାଜନୈତିକ ଚାପ ସ୍ୱାଧୀନ ସାମ୍ବାଦିକତାକୁ ଗଳାଚିପି ହତ୍ୟା କରୁଛି । ସରକାରୀ ପ୍ରଶଂସାରେ ବ୍ୟସ୍ତ ଥିବା କର୍ପୋରେଟ୍ ମିଡିଆ ଏହି ଅନ୍ତର୍ଜାତୀୟ ରିପୋର୍ଟଗୁଡ଼ିକୁ ପାଶ୍ଚାତ୍ୟ ଦେଶର ଷଡ଼ଯନ୍ତ୍ର ବୋଲି କହି ଏଡ଼ାଇ ଦେବାକୁ ଚେଷ୍ଟା କରୁଥିଲେ ମଧ୍ୟ, ବାସ୍ତବତା ହେଉଛି ଯେ ଭାରତରେ ନିରପେକ୍ଷ ସାମ୍ବାଦିକତା ଏକ ପ୍ରକାର ଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଛି । ଯେତେବେଳେ ଏକ ବିଶାଳ ଗଣତାନ୍ତ୍ରିକ ଦେଶରେ ଗଣମାଧ୍ୟମର ସ୍ୱାଧୀନତା ଏତେ ନିମ୍ନ ସ୍ତରରେ ପହଞ୍ଚେ, ସେତେବେଳେ ଏହା କେବଳ ସାମ୍ବାଦିକମାନଙ୍କ ପାଇଁ ନୁହେଁ, ବରଂ ସମଗ୍ର ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ନାଗରିକ ଅଧିକାର ପାଇଁ ଏକ ଭୟଙ୍କର ବିପଦର ଘଣ୍ଟି ଅଟେ ।

ଏହାର ସବୁଠାରୁ ବଡ଼ ପରିଣାମ ସ୍ୱରୂପ, ପାରମ୍ପରିକ କର୍ପୋରେଟ୍ ଗଣମାଧ୍ୟମ ଜନସାଧାରଣଙ୍କ ବିଶ୍ୱାସ ସମ୍ପୂର୍ଣ୍ଣ ରୂପେ ହରାଇ ବସିଛି । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ରଏଟର୍ସ ଇନଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରକାଶିତ ଡିଜିଟାଲ୍ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ଭାରତରେ ପାରମ୍ପରିକ ଖବରକାଗଜ ଏବଂ ଟେଲିଭିଜନ୍ ନ୍ୟୁଜ୍ ପ୍ରତି ଲୋକଙ୍କର ବିଶ୍ୱାସ ଦ୍ରୁତ ଗତିରେ ହ୍ରାସ ପାଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ଭାରତୀୟ ଇଣ୍ଟରନେଟରେ ମିଥ୍ୟା ଖବରକୁ ନେଇ ଚିନ୍ତିତ ଅଛନ୍ତି ଏବଂ ଲୋକମାନେ ପ୍ରକୃତ ଖବର ପାଇଁ ଟେଲିଭିଜନ୍ ଉପରେ ନିର୍ଭର କରିବା ପରିବର୍ତ୍ତେ ୟୁଟ୍ୟୁବ୍, ଡିଜିଟାଲ୍ ପୋର୍ଟାଲ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଉପରେ ଅଧିକ ନିର୍ଭର କରୁଛନ୍ତି । ଯେତେବେଳେ କର୍ପୋରେଟ୍ ମିଡିଆ ଜନସାଧାରଣଙ୍କ ପ୍ରକୃତ ସମସ୍ୟା ଯଥା ବେକାରୀ, ଦରଦାମ୍ ବୃଦ୍ଧି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିବା ପରିବର୍ତ୍ତେ କେବଳ ଧର୍ମୀୟ ମେରୁକରଣ, ଉଗ୍ର ଜାତୀୟତାବାଦ ଏବଂ ଟିଆରପି ପାଇଁ ବିତଣ୍ଡା ଯୁକ୍ତିତର୍କରେ ନିଜର ସମୟ ଅତିବାହିତ କରୁଛି, ସେତେବେଳେ ସଚେତନ ନାଗରିକମାନେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ସ୍ୱାଭାବିକ । ଟେଲିଭିଜନ୍ ନ୍ୟୁଜ୍ ଆଜି ସାମ୍ବାଦିକତା ଦୃଷ୍ଟିକୋଣରୁ ଏକ ପ୍ରକାର ମୃତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଜର ସାମ୍ବାଦିକତା ଧର୍ମ ଛାଡ଼ି କେବଳ ଉତ୍ତେଜନାମୂଳକ ଶିରୋନାମା ଏବଂ ଶାସକ ଗୋଷ୍ଠୀର ସ୍ତୁତିଗାନ କରି ଏହି ସଂସ୍ଥାଗୁଡ଼ିକ ନିଜର ସମ୍ମାନକୁ ଧୂଳିସାତ୍ କରିଦେଇଛନ୍ତି । ଏହି ପରିପ୍ରେକ୍ଷୀରେ, ସାମ୍ବାଦିକତାର ମୂଳ ଉଦ୍ଦେଶ୍ୟ କେବଳ କ୍ଷମତାସୀନଙ୍କୁ ସୁରକ୍ଷା ଦେବାରେ ସୀମିତ ହୋଇଯାଇଛି, ଯାହାକି ଏକ ସୁସ୍ଥ ସମାଜ ଗଠନ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ ।

ପରିଶେଷରେ, କର୍ପୋରେଟ୍ ଗଣମାଧ୍ୟମର ଏହି ଅଧଃପତନ କେବଳ ସେମାନଙ୍କର ନିଜସ୍ୱ ଆର୍ଥିକ ଦୁରାବସ୍ଥାର ଚିତ୍ର ନୁହେଁ, ବରଂ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ବୌଦ୍ଧିକ ଦରିଦ୍ରତାର ଏକ ଜୀବନ୍ତ ଉଦାହରଣ । କର୍ପୋରେଟ୍ ଗଣମାଧ୍ୟମ ନିଜର ସ୍ୱାଧୀନତାକୁ ବଳିଦାନ ଦେଇ ଯେଉଁ ଆତ୍ମଘାତୀ ପଥ ବାଛିନେଇଛି, ତାହା ଦେଶର ଭବିଷ୍ୟତ ପାଇଁ ଆଦୌ ଶୁଭଙ୍କର ନୁହେଁ । ଆଜିର ସମୟରେ ଯଦି ସ୍ୱାଧୀନ ସାମ୍ବାଦିକତାକୁ ବଞ୍ଚାଇ ରଖିବାକୁ ହୁଏ, ତେବେ କର୍ପୋରେଟ୍ ବିଜ୍ଞାପନ ଏବଂ ସରକାରୀ ଅନୁଦାନ ଉପରେ ନିର୍ଭର କରୁଥିବା ବ୍ୟବସାୟିକ ମଡେଲକୁ ଆମକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ । ଏହାର ଏକମାତ୍ର ବିକଳ୍ପ ହେଉଛି ପାଠକ ଏବଂ ଦର୍ଶକଙ୍କ ଦ୍ୱାରା ସିଧାସଳଖ ଅର୍ଥପ୍ରାପ୍ତ ସ୍ୱାଧୀନ ଡିଜିଟାଲ୍ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବା । ଯେପର୍ଯ୍ୟନ୍ତ ଜନସାଧାରଣ ନିରପେକ୍ଷ ଏବଂ ସତ୍ୟ ଖବର ପାଇଁ ମୂଲ୍ୟ ଦେବାକୁ ଆଗେଇ ନଆସିଛନ୍ତି, ସେପର୍ଯ୍ୟନ୍ତ କର୍ପୋରେଟ୍ ମିଡିଆ ଏହିପରି ଭାବରେ କ୍ଷମତା ଆଗରେ ଆଣ୍ଠେଇ ରହିବ ଏବଂ ନିଜର ତଥା ଦେଶର ଗଣତନ୍ତ୍ରର ବିନାଶକୁ ନିରବରେ ସହ୍ୟ କରୁଥିବ । ଗଣତନ୍ତ୍ରର ସୁରକ୍ଷା ପାଇଁ ଏକ ସୁଦୃଢ଼, ନିର୍ଭୀକ ଏବଂ ସ୍ୱାଧୀନ ଗଣମାଧ୍ୟମର ଆବଶ୍ୟକତା ଅପରିହାର୍ଯ୍ୟ ଏବଂ ନାଗରିକମାନଙ୍କର ସଚେତନତା ହିଁ ଏହି ଅନ୍ଧକାରମୟ ପରିସ୍ଥିତିରେ ଏକମାତ୍ର ଆଶାର କିରଣ । ଏହି ସଙ୍କଟ ସମୟରେ, ଗଣମାଧ୍ୟମର ସ୍ୱାଧୀନତା କେବଳ ସାମ୍ବାଦିକଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ଗଣତାନ୍ତ୍ରିକ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ ଅଟେ ।

ଧ୍ୱନି ପ୍ରତିଧ୍ୱନି

# ମଦ ନିଶା ନିବାରଣର ଗୁରୁତ୍ୱ



ଡକ୍ଟର ଲକ୍ଷ୍ମଣ ସାହୁ

ଗ୍ରାମାଞ୍ଚଳରେ ନିର୍ମିତ ବିଷାକ୍ତ ବେଆଇନ ମଦ ଜୀବନ ନେବାର ନଜିର କମ୍ ନାହିଁ । ବିଶେଷ କରି ଅବହେଳିତ ପଛୁଆ ଅଞ୍ଚଳ ତଥା ସୀମାନ୍ତରେ ଏହାର ବିକ୍ରି ଫଳରେ ବନ୍ୟ ଅଞ୍ଚଳରେ ପାନ କରୁଥିବା ଅଗଣିତ ଲୋକ ଅସୁସ୍ଥ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ଗଣମାଧ୍ୟମରେ ଦେଖିବାକୁ ମିଳେ । ଯେଉଁମାନେ ଏହାର ଉତ୍କଟ ବିଷ ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି, ସେମାନେ ଡାକ୍ତରଖାନାର ଦ୍ୱାର ମଧ୍ୟ ଛୁଇଁ ପାରନ୍ତି ନାହିଁ । କିନ୍ତୁ ବେଆଇନ ମଦ ବିକ୍ରି ବନ୍ଦ କରିବାକୁ ସରକାର ଓ ପ୍ରଶାସନର ମନୋଭାବ ସବୁଠାରେ ସମାନ । କିଛି ଦିନ ପରେ ଏକ ବଡ଼ ଘଟଣାରେ ସରକାରଙ୍କ କଠୋରତା ସେହି ରୂପରେ ଦୃଶ୍ୟମାନ ହେଉଛି ଯେ ମଦ ମୃତ୍ୟୁ ଜନିତ କ୍ଷତିପୂରଣ ହିସାବରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ କିଛି ପରିମାଣ ଅର୍ଥ ହସ୍ତାନ୍ତର କରାଯାଇଛି । ବେଆଇନ ମଦ ଡିଷ୍ଟିଲରିଗୁଡିକର ଅଭ୍ୟାସ ଓ ମଦ ମାଫିଆଙ୍କୁ ଗିରଫ କରିବା ପରେ, ପୁରା ସିଷ୍ଟମ୍ ପୂର୍ବ ପରି ପୁନଃ ଶୋଇଯାଏ ଯେପର୍ଯ୍ୟନ୍ତ ଏହି କାହାଣୀ ଅନ୍ୟ ସ୍ଥାନରେ ପୁନରାବୃତ୍ତି ନହୁଏ । ଗୁରୁତ୍ୱ ପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ ବିଷାକ୍ତ ମଦ ଭଳି ଘଟଣା ଦେଶର ପଛୁଆ ତଥା ଅବହେଳିତ ଅଞ୍ଚଳରେ ପ୍ରାୟତଃ ଘଟିଥାଏ ।

କେବଳ କାହିଁକି ( ? ) ଗରିବ ଶ୍ରମିକ ଶ୍ରେଣୀର ବ୍ୟକ୍ତି ଏଥିରେ ଶିକାର ହୁଅନ୍ତି ? ଏହାର ଏକ ସରଳ ଉତ୍ତର ହେଉଛି, ସମସ୍ତେ ଜାଣନ୍ତି ଯେ ସରକାରୀ ଚୁକ୍ତିନାମା ବଦଳରେ ସାଧାରଣ ଗ୍ରୋସରୀ ଦୋକାନ ଓ ଢାବା ଇତ୍ୟାଦିରେ ବିକ୍ରି ହେଉଥିବା ଏପରି ଦେଶୀ ମଦର ଗୁଣବତ୍ତା ଯାଞ୍ଚ କରିବା ଆମ ଦେଶରେ କୌଣସି ନୀତିଗତ ପଦ୍ଧତି ନାହିଁ । ଏହି ବ୍ୟବସାୟ ହେଉଛି ପୋଲିସ୍ ଓ ଏକ୍ସାଇଜ୍ ବିଭାଗ ସହିତ ମିଳିତ ଭାବରେ ଚାଲୁଥିବା ମଦ ମାଫିଆମାନଙ୍କର ଏକ ବ୍ୟାପକ ନେଟୱାର୍କର ଫଳାଫଳ । କିନ୍ତୁ ଏହାର ମନିଟରିଂ ସହିତ ଜଡିତ ସିଷ୍ଟମର ପ୍ରତ୍ୟେକ ଅଂଶ ଏହାକୁ ଦେଖିବା ପରେ ମଧ୍ୟ ଅଜ୍ଞାତ ହୋଇ ରହିଥାଏ, ସର୍ବଶେଷରେ ଯେପର୍ଯ୍ୟନ୍ତ ଏକ ବଡ଼ ଦୁର୍ଘଟଣା ଘଟେ । ଦେଖିବାକୁ ଗଲେ ବିହାର ପରି ମଦ ନିଷେଧାଦେଶ ସତ୍ତ୍ୱେ ବି ବୃହତ ଅଞ୍ଚଳରେ ମଧ୍ୟ ସେହି ମାଫିଆ ଲୋକମାନଙ୍କୁ ଶସ୍ତା ମଦ ଯୋଗାଇବାରେ ସକ୍ଷମ ଅଟନ୍ତି । ଏଥିରୁ ସ୍ପଷ୍ଟ ଯେ ପୋଲିସ୍ ଓ ଏକ୍ସାଇଜ୍ ବିଭାଗର ଅଧିକାରୀଙ୍କ ଲାଞ୍ଚ ଓ ଟଙ୍କା ଜମା ହେତୁ ଓ ରାଜନୈତିକ ପୃଷ୍ଠପୋଷକତାରେ ଏହି ନେଟୱାର୍କ ମଦ ବିକ୍ରି କରିବାକୁ ସକ୍ଷମ ହୁଏ ।

କେନ୍ଦ୍ର ଓ ରାଜ୍ୟ ସରକାର ଗୁଡ଼ିକ ଉଭୟ କେବେ ଏହି ପ୍ରଶ୍ନକୁ ବିଚାର କରିଛନ୍ତି କି ନାହିଁ ଜାଣିବା କଷ୍ଟକର । କେବଳ ବସ୍ତିରେ ରହୁଥିବା ଶ୍ରମିକ-ଗରିବ ବିଭାଗ କାହିଁକି ଶସ୍ତା ମଦ ବିଷର ଶିକାର ହେଉଛନ୍ତି ବୋଲି ? ଗରିବ ଲୋକଙ୍କର ମଦ ବିଷାକ୍ତ ହୋଇଥିବାରୁ, ଏପରି ମୃତ୍ୟୁ ଘଟଣା ଘଟୁଥିବା ଉପରେ ତଦନ୍ତ କିଛି ଦିନ ଧରି ଅବହେଳା ହେଉଛି । ମଦ ମାଫିଆର କ୍ଷମତା ଓ ଏହାର ଲୋଭ ବିଷୟରେ ଉଲ୍ଲେଖ କରାଯାଇଛି । ଯେଉଁମାନେ ମଦରେ ମାରାତ୍ମକ ମିଥାନୋଲ ମିଶ୍ରଣ କରି ସେମାନଙ୍କର ଲାଭ ବୃଦ୍ଧି କରିବାକୁ ଚାହୁଁଛନ୍ତି । ସାଧାରଣ ଲୋକମାନେ ମଧ୍ୟ ଏପରି ଘଟଣା ଉପରେ ନୀରବ ରହନ୍ତି । ଏହି ଗରିବ ଲୋକମାନେ କାହିଁକି ମଦ୍ୟପାନ ବନ୍ଦ କରନ୍ତି ନାହିଁ, କିମ୍ବା ସରକାରୀ ଚୁକ୍ତିରେ ଧାଡିରେ ଠିଆ ହୋଇ ମହଙ୍ଗା ମଦ କିଣୁ ନାହାଁନ୍ତି । ଅନ୍ୟଥା 'ଯଦି ଆପଣ ପିଅନ୍ତି, ତେବେ ତାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ' ଫଳକ ନାମମାତ୍ର ଟଙ୍ଗା ଯାଏ । ଅନ୍ୟ ପଟରେ କହିବାକୁ ଗଲେ କଥାଟି ହେଲା, ଜଣେ ଧନୀ ବ୍ୟକ୍ତିଙ୍କ ଭଳି ଗ୍ରାହକ ଭାବରେ ଗରିବ ଲୋକଙ୍କର ମଧ୍ୟ କମ୍ ମୂଲ୍ୟରେ, କିନ୍ତୁ ନିରାପଦ ଓ ସିଲ୍ ମଦ କିଣିବା ଓ ଖାଇବା ଅଧିକାର ଅଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପାଶ୍ଚାତ୍ୟ ଦେଶମାନଙ୍କରେ, ଅନ୍ୟ ସମସ୍ତ ଉପଭୋକ୍ତା ସାମଗ୍ରୀ ପରି ମଦ୍ୟପାନକୁ ମଧ୍ୟ ଏକ ଉତ୍ପାଦ ଗ୍ରହଣ କରାଯାଏ । ତେଣୁ ଏହାର ଗୁଣବତ୍ତା, ମୂଲ୍ୟ ଇତ୍ୟାଦି ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପରି ସେଠାରେ ନଜରରେ ରଖାଯାଏ । ଯେତେବେଳେ ଆମ ଦେଶର ସରକାର ଏହାକୁ ସାମାଜିକ ନୈତିକତା ସହିତ ଯୋଡି ଏହାକୁ ଦେଖନ୍ତି । ଯଦି ମଦ ନିଷେଧ ପଛରେ ଏହା ଦର୍ଶନ ନଥିଲା ଯାହା ୨୦୧୬ ମସିହାରେ ବିହାରରେ ଘୋଷିତ ହୋଇଥିଲା ଓ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇସାରିଛି । ବିଡମ୍ବନାର ବିଷୟ ଯେ ଆମ ସମାଜ ଏହି ବିଷାକ୍ତ ଦେଶୀ ମଦ ଦ୍ୱାରା ଘଟିଥିବା ଦୁର୍ଘଟଣାକୁ ଦେଖି ଏକ ଜାଲରେ ଫସି ରହିଥିବା ପଶୁ ଭଳି ମୂକ ହୋଇ ବସି ରହିଛି । ତେଣୁ ମଦ ନିଶା ନିବାରଣ ଉପରେ ସଂପୂର୍ଣ୍ଣ ନିଷେଧାଦେଶ ଭଳି ପଦକ୍ଷେପ ଆବଶ୍ୟକ କରେ । ଦେଶର ଅନେକ ଅଞ୍ଚଳରେ ମହିଳାମାନେ ମଦ ନିଷେଧାଦେଶ ନିମନ୍ତେ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହାର ପ୍ରଭାବ ଯୋଗୁଁ ଗୁଜରାଟ, ବିହାର, ମିଜୋରାମ, ନାଗାଲାଣ୍ଡ, ମଣିପୁର ଓ ଲକ୍ଷ୍ମାଦୀପ ସରକାର ମଦ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି, ଓଡ଼ିଶା କଥା ନକହିବା ଭଲ । କିନ୍ତୁ ଏସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଆଧୁନିକତା ନାମରେ ସମାଜରେ ମଦ୍ୟପାନ ବୃଦ୍ଧି ପାଇଛି ।

୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (AIIMS) ଦ୍ୱାରା ୧୮୬ ଟି ଜିଲ୍ଲାର ଦୁଇ ଲକ୍ଷରୁ ଅଧିକ ପରିବାରରେ ହୋଇଥିବା ମିଳିତ ସର୍ଭେରୁ ଜଣାପଡିଛି ଯେ ମଦ୍ୟପାନ କରୁଥିବା ଲୋକଙ୍କ ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ଗୁଣରେ ବୃଦ୍ଧି ପାଇଛି । ଏପରିକି ୧୦ରୁ ୭୫ ବର୍ଷ ବୟସର ବ୍ୟକ୍ତିଙ୍କ ମଧ୍ୟରେ ଅନେକ ମଦ୍ୟପାନ କରନ୍ତି, ସେମାନଙ୍କ ସଂଖ୍ୟା ହେଉଛି ୧୪୬ । ଯଦି ଲୋକମାନେ ଆଇନଗତ ଓ ଶସ୍ତା ଗୁଣାତ୍ମକ ମଦ ପାଆନ୍ତି, ତେବେ ଘଟିଥିବା ଦୁର୍ଘଟଣାରେ ଯଥେଷ୍ଟ ହ୍ରାସ ଘଟିପାରନ୍ତା । ବାସ୍ତବରେ ନିଷେଧ ସ୍ଥାନାନ୍ତରଣ ଓ ଏହିପରି ସଂକଳ୍ପଗୁଡିକ ବ୍ୟବହାରିକ ସମସ୍ୟା ହେତୁ ଅଧିକ ସମୟ ରହେ ନାହିଁ, ଯାହା ସମସ୍ୟାଗୁଡ଼ିକୁ ସେପରି ରଖେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିଷେଧାଦେଶ ସତ୍ତ୍ୱେ ବିହାରରେ ରାଜ୍ୟ ଆୟକର ନିଗମ ଅଧୀନରେ ପ୍ରସ୍ତୁତ ତଥା ବିକ୍ରି ହୋଇଥିବା ବିଦେଶୀ ମଦ ରହିଛି । ଏହା ଏକ ଧାରଣା ଦେଇଥାଏ ଯେ ସାମାଜିକ ଭାବରେ ଦେଖାଯାଇଥିବା ମଦ୍ୟପାନ ଅଧିକ କ୍ଷତି ଘଟାଉଛି ।


ନିଃସନ୍ଦେହ କହିହେବ ଯେ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନେ ଶସ୍ତା ଦେଶ ମଦ ଖାଉଛନ୍ତି । ଯାହା କେବଳ ସେମାନଙ୍କର ପାରିବାରିକ କଳହ ଓ ଆର୍ଥିକ କ୍ଷତି ଭଳି ସମସ୍ୟା ସୃଷ୍ଟି କରିନାହିଁ, ବରଂ ମୃତ୍ୟୁ ସଂଖ୍ୟା ମଧ୍ୟ ଯଥେଷ୍ଟ ରହିଛି । ଯେଉଁ ରାଜ୍ୟଗୁଡିକରେ ମଦ ନିଶା ଉପରେ ପ୍ରତିବନ୍ଧକ ଲାଗୁ ହୋଇସାରିଛି, ସେଠାରେ ଏଭଳି ବଡଧରଣର ସମସ୍ୟା ଦେଖାଯାଉ ନାହିଁ, ବରଂ ସମସ୍ୟା କିଛି କମିଛି । ସୀମାନ୍ତବର୍ତ୍ତୀ ଅଞ୍ଚଳର ଅନ୍ୟ ରାଜ୍ୟରୁ ଦେଶ ମଦ ଯୋଗାଣରେ ନିରବଚ୍ଛିନ୍ନ ଯୋଗାଣ ଚାଲିଛି । ଗୁଜୁରାଟରେ ନିଷେଧାଦେଶ ଲାଗୁ ହୋଇଛି, କିନ୍ତୁ ପଡୋଶୀ ରାଜ୍ୟ ମହାରାଷ୍ଟ୍ରର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମଦ୍ୟପାନ ବହୁ ମାତ୍ରାରେ ରହିଛି । ବିହାରରେ ମଧ ସମାନ ସମସ୍ୟା ଦେଖାଯାଉଛି । ନେପାଳ ବ୍ୟତୀତ ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶକୁ ଲାଗିଥିବା ସୀମାନ୍ତ ଅଞ୍ଚଳରୁ ମଦ କାରବାର ଏହିପରି ନିଷେଧାଦେଶ ପ୍ରମାଣ କରିଛି । ସେହିଭଳି ପ୍ରଭାବ ଏବଂ ଉଚ୍ଚ ରାଜନୈତିକ ସମ୍ପର୍କ ଉପରେ ଚାଲୁଥିବା ବେଆଇନ ମଦ ବିକ୍ରୟ ବନ୍ଦ କରିବା ଏକ ବଡ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଅଧିକାଂଶ କ୍ଷେତ୍ରରେ ମଦ୍ୟପାନ ନିଷେଧ ପଦକ୍ଷେପ ବିଫଳ ହେବାର ଦୁଇଟି କାରଣ ଅଛି । ପ୍ରଥମ କାରଣଟି ହେଉଛି ସେମାନେ ପ୍ରାୟତଃ ଅପ୍ରାକୃତିକ ଭାବରେ ଚୋରାଚାଲାଣ ଓ ଦ୍ୱିତୀୟ କାରଣ ହେଉଛି ସରକାରମାନେ ଏହି ସମସ୍ୟାକୁ ତୁରନ୍ତ ତଥା ଦୀର୍ଘକାଳୀନ ଦୃଷ୍ଟିକୋଣରୁ ବିଚାର କରନ୍ତି ନାହିଁ । ବରଂ ଏପରି କରାଯାଇଛି, ଯେଉଁମାନଙ୍କ ପାଇଁ ମଦ୍ୟପାନ ଏକ ଆରାମ ଭଳି କାମ କରେ । ସୌଖିନ ବଡ଼ ବଡ଼ ପଞ୍ଚତାରକା ହୋଟେଲ, ବାର୍ ଭିତରେ ବିଦେଶୀ ଦାମୀ ପାନୀୟ ସେବନ କରୁଥିବା ବେଳେ ସାଧାରଣ ବର୍ଗଙ୍କ ପାଇଁ ଖୋଲା ମଦ ଭାଟିରେ ସେମାନେ ନିଶାରେ ଟୁଳ ହୁଅନ୍ତି । ଅନେକ ଶ୍ରମିକ ସହରଗୁଡିକର ଦୁର୍ଗନ୍ଧଯୁକ୍ତ ପାଇଖାନା ସଂଯୁକ୍ତ ନାଳ ସଫା କରନ୍ତି । ସେମାନେ ପ୍ରାୟତଃ କେବଳ ଠିପି ଖୋଲା ମଦ୍ୟପାନ କରିବା ପରେ ନଳା, ନର୍ଦ୍ଦମା ଭିତରକୁ ପ୍ରବେଶ କରନ୍ତି । ଯାହା ଦ୍ୱାରା ସେମାନେ ଦୁର୍ଗନ୍ଧରୁ ରକ୍ଷା ପାଇବା ସହିତ ସେମାନଙ୍କର କାର୍ଯ୍ୟ କରିପାରିଥାନ୍ତି ।

ମଦ୍ୟପାନରୁ ସେମାନଙ୍କୁ ରୋକାଯାଇପାରିବ, ଯଦି ସେମାନଙ୍କୁ ଦୁର୍ଗନ୍ଧରୁ ରକ୍ଷା କରିବା ପାଇଁ ଓ ଏହି କାର୍ଯ୍ୟ ପାଇଁ ଅତିରିକ୍ତ ମଜୁରୀ ପାଇବା ପାଇଁ ମାସ୍କ ଯୋଗାଇ ଦିଆଯାଏ । ସେମାନଙ୍କୁ କାର୍ଯ୍ୟ କ୍ଷେତ୍ରକୁ ଯିବା ପୂର୍ବରୁ ମାସ୍କ ପରିଧାନ କରିବାକୁ ସଚେତନ କରାଇବା ସହ ସର୍ତ୍ତ ମୂଳକ ଅତିରିକ୍ତ ମଜୁରୀ ଦିଆଯିବା ଆବଶ୍ୟକ । ତେଣୁ ଦୁର୍ଗନ୍ଧ ପରିପୂର୍ଣ୍ଣ କାମ ପାଇଁ ଯଦି ସେମାନେ ଆଇନଗତ ଉପାୟରେ ମଦ ନ ପାଆନ୍ତି, ତେବେ ସେମାନେ ଏଥିପାଇଁ ବେଆଇନ ଉପାୟ ଅବଲମ୍ବନ କରିବେ । ଯେଉଁଥିପାଇଁ ମଦ ବ୍ୟବସାୟ ଗୁପ୍ତରେ ବୃଦ୍ଧି ପାଇବ ଓ ଶସ୍ତା ମଦ ଅଧିକ ଦାମରେ ବିକ୍ରି ହେବ । ତେଣୁ ଲାଗୁ ହେବା ପଛରେ ପରୋକ୍ଷ ଉଦ୍ଦେଶ୍ୟ ଦେଖାଯାଉଛି ।

ନିଷେଧ କରିବା କେବଳ ପରୋକ୍ଷରେ ତୁଚ୍ଛା ପ୍ରଚାର ଅଟେ, ଅର୍ଥାତ୍ ଲୋକମାନେ ନିଜେ ମଦ ତ୍ୟାଗ କରିବା କିମ୍ବା ଦାମୀ ମୂଲ୍ୟରେ ବିଦେଶୀ ମଦ କିଣିବା ଉଚିତ୍ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କେବଳ ଗରିବ ଲୋକ ମଦରୁ ବଞ୍ଚିତ ହେଉଛନ୍ତି, ଧନୀମାନେ ପୂର୍ବ ପରି ସହଜରେ ବିଦେଶୀ ମଦ ପାଇବାକୁ ଜାରି ରଖିବେ । ଦିଲ୍ଲୀରେ ଖୋଲା ସରକାରୀ ଚୁକ୍ତିନାମା ଏହାର ପ୍ରତୀକ । ଯେପର୍ଯ୍ୟନ୍ତ ସରକାର ଏହା ଉପରେ କଡା କଟକଣା ଜାରି କରିନାହାନ୍ତି, ବା ରାଜକୋଷର ଆୟବୃଦ୍ଧି ନିମନ୍ତେ ପରୋକ୍ଷରେ ମଦକୁ ପ୍ରୋତ୍ସାହନ କରୁଥିବେ ସେପର୍ଯ୍ୟନ୍ତ ଦେଶରୁ କି କୌଣସି ରାଜ୍ୟରୁ ମଦ ନିଶା ନିବାରଣ ସମ୍ଭବ ନୁହେଁ । ଅନ୍ୟ ପକ୍ଷରେ ଏଥିପାଇଁ ପ୍ରତ୍ୟେକ ପରିବାରର ଗୃହକର୍ତ୍ତା ଓ ସଦସ୍ୟମାନେ ମଦ୍ୟ ପାନ ଠାରୁ ଦୂରେଇ ସଚେତନ ରହିଲେ ପରିବାର ସୁସ୍ଥ ସୁନ୍ଦର ରହିପାରିବ..!!!

ଉ+ ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫

# ହାତରେ ଖାଦ୍ୟ ସୁରକ୍ଷା



ଗୋପାଳ ମହାପାତ୍ର

ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଭାରତର କୃଷକ, ସରକାରୀ କ୍ରୟ ବ୍ୟବସ୍ଥା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ମଜଭୁତ ନେଟୱାର୍କ ଉପରେ ଆଧାରିତ ଥିଲା । ମରୁଡି, ମହାମାରୀ, ଏବଂ ଆର୍ଥୀକ ସଙ୍କଟ ସମୟରେ ଏହି ବ୍ୟବସ୍ଥା କୋଟି କୋଟି ଲୋକଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇ ପାରୁଥିଲା । କିନ୍ତୁ ଏବେ ଭଣ୍ଡାରଣ (ଗଚ୍ଛିତ ରଖିବା) ଏବଂ ଯୋଗାଣ ବ୍ୟବସ୍ଥାରେ ଘରୋଇ କ୍ଷେତ୍ରର ଭାଗିଦାରୀ ବଢ଼ିବାରେ ଲାଗିଛି । ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଘରୋଇ କ୍ଷେତ୍ରକୁ ଚାଲିଯିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି । ତଥ୍ୟ ଅନୁସାରେ ଭାରତୀୟ ଖାଦ୍ୟ ନିଗମର ଓୟାରହାଉସିଙ୍ଗ୍ ଏବଂ ପରିବହନ ଯୋଜନା ବା ବ୍ୟବସ୍ଥାର ଏକ ବଡ଼ ଅଂଶ ଆଦାନୀ ଗୃପ୍ ଏବଂ ତାର ସହଯୋଗୀ କମ୍ପାନୀ ହାତକୁ ଚାଲିଯାଇଛି । ଅଭିଯୋଗ ଅନୁସାରେ ଟେଣ୍ଡରର ସର୍ତ୍ତରେ ଏଭଳି ପରିବର୍ତ୍ତନ କେନ୍ଦ୍ର ସରକାର କରିଛନ୍ତି ଯାହା ଫଳରେ ପୁର୍ବରୁ ଥିବା "ଏକାଧିକାର ବିରୋଧି" ସୁରକ୍ଷା ପ୍ରାବଧାନକୁ ଦୁର୍ବଳ କରି ଦିଆଯାଇଛି ଓ ପରିଣାମ ସ୍ୱରୂପ କିଛି ଘରୋଇ କମ୍ପାନୀଙ୍କୁ ଓୟାର ହାଉସିଙ୍ଗ (ଭଣ୍ଡାରଣ) ଏବଂ ଯୋଗାଣ ପାଇଁ ଠିକା ମିଳିଯାଇଛି । ପାଖାପାଖି ୨୦ ହଜାର କୋଟି ଟଙ୍କାର ଏହି ଭଣ୍ଡାରଣ ଓ ଯୋଗାଣ ପରିଯୋଜନା ମଧ୍ୟରୁ ୧୬୫୦୦ କୋଟି ଟଙ୍କାରୁ ଅଧିକ ଠିକାକାମ ଆଦାନୀ ଗୃପ୍ ଏବଂ ଲିପ ଇଣ୍ଡିଆ କମ୍ପାନୀ ସହ ଜଡିତ ସଂସ୍ଥା ମାନଙ୍କୁ ମିଳିଛି । ଏହା କେବଳ ଏକ ବ୍ୟବସାୟୀ ଗୋଷ୍ଠୀଙ୍କୁ ଦିଆଯାଇଥିବା ଟେଣ୍ଡର ବା ଠିକାର ପ୍ରସଙ୍ଗ ନୁହେଁ ବରଂ ଅସଲ ପ୍ରଶ୍ନ ହେଉଛି ଯେ କ'ଣ ଦେଶର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କିଛି ପୁଞ୍ଜିପତିଙ୍କ ଉପରେ ନିର୍ଭରଶୀଳ ହେବାକୁ ଯାଉଛି କି ? ଯଦି ଏଭଳି ହୁଏ ତେବେ ଏହାର ଆର୍ଥୀକ, ସାମାଜିକ ଏବଂ ରାଜନୈତିକ ପରିଣାମ କ'ଣ ହେବ ?

ଭାରତୀୟ ଖାଦ୍ୟ ନିଗମ ସ୍ଥାପନାର ଉଦେଶ୍ୟ ଥିଲା ଯେ କୃଷକ ମାନଙ୍କଠାରୁ ଖାଦ୍ୟ ଶଷ୍ୟ ନ୍ୟୁନତମ ସମର୍ଥନ ମୂଲ୍ୟରେ କ୍ରୟ କରିବା, ସୁରକ୍ଷିତ ଭାବେ ଏହାର ଭଣ୍ଡାରଣ କରି ଆବଶ୍ୟକ ଅନୁସାରେ ଲୋକଙ୍କ ପାଖରେ ପହଞ୍ଚାଇବା । ଏହି ପୁରାପୁରି ବ୍ୟବସ୍ଥାରେ ପ୍ରତିସ୍ୱର୍ଦ୍ଧା ଏବଂ ବିବିଧତା ଥିଲା ଗୁରୁତ୍ୱପୂର୍ଣ୍ଣ ତତ୍ୱ । ଯଦି ଭଣ୍ଡାରଣ ବା ଓୟାରହାଉସ ମାନଙ୍କର ଗଚ୍ଛିତ ରଖିବା, ପରିବହନ ଏବଂ ବିତରଣର ବଡ଼ ଅଂଶ କିଛି ଘରୋଇ କମ୍ପାନୀଙ୍କ ହାତକୁ ଚାଲିଯାଏ ତେବେ ଭବିଷ୍ୟତରେ ଏହି ବ୍ୟବସ୍ଥା ଉପରୁ ସରକାରୀ ନିୟନ୍ତ୍ରଣ କମ୍ ହୋଇପାରେ ଏବଂ ଖାଦ୍ୟ ଯୋଗାଣ ବ୍ୟବସ୍ଥା ସମ୍ବେଦନଶୀଳ ହୋଇପାରେ । ଏହି ବ୍ୟବସ୍ଥାକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯିବା ଉପରେ ଗୁରୁତର ଚର୍ଚ୍ଚା ଓ ଅଭିଯୋଗ ଉଠିବାର କାରଣ ହେଉଛି ଜଳବାୟୁ ସଙ୍କଟ କାରଣରୁ କୃଷିକ୍ଷେତ୍ର ଅବ୍ୟବସ୍ଥାରେ ଥିବାବେଳେ ଭଣ୍ଡାରଣ ଓ ଯୋଗାଣ ବ୍ୟବସ୍ଥାର ଅଧିକ ଭାଗ ଘରୋଇ କମ୍ପାନୀକୁ ଦିଆଯାଇଛି । ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଅଳ୍ପ ବୃଷ୍ଟି, ଝଡ଼ତୋଫାନ, ଅସମୟରେ ବର୍ଷା ଏବଂ ହିଟ୍‌ୱେଭ ବା ଉତ୍ତାପ ବୃଦ୍ଧି କାରଣରୁ ଫସଲ ଉତ୍ପାଦନ ହ୍ରାସ ପାଇଛି ।

ଭାରତର ପାଣିପାଗ ବିଭାଗ ଏବଂ କୃଷି ବିଶେଷଜ୍ଞ ମାନେ ଜଳବାୟୁ ପରିବର୍ତ୍ତନ କାରଣରୁ ପାଣିପାଗର ଅନିଶ୍ଚିତତାକୁ ନେଇ ଅନେକ ବାର ଚେତାବନୀ ଦେଇଛନ୍ତି । କେତେବେଳେ ଅଚାନକ ବର୍ଷା ତ ପୁଣି କେତେବେଳେ ଅନାବୃଷ୍ଟି ପୁଣି ଅତ୍ୟଧିକ ଗରମ କୃଷକଙ୍କ ପାଇଁ ସଙ୍କଟ ପାଲଟିଛି, ଏହି କାରଣରୁ ଉତ୍ପାଦନ ଖର୍ଚ୍ଚ ବଢୁଛି ଓ ଉତ୍ପାଦକତା ଉପରେ ଚାପ ପଡୁଛି । ଭାରତରେ ଏବେ ଖାଦ୍ୟାନ୍ନ ସଙ୍କଟ ଓ ମରୁଡି ଭଳି ସ୍ଥିତି ହେବ ବୋଲି ଆକଳନ ହୁଏତ ଭୁଲ ହୋଇପାରେ । ଭାରତ ପାଖରେ ଏବେ ବି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶଷ୍ୟ ମହଜୁଦ ରହିଛି । ଭାରତୀୟ ଖାଦ୍ୟନିଗମର ଗୋଦାମ ମାନଙ୍କରେ କୋଟି କୋଟି ଟନ ଖାଦ୍ୟଶଷ୍ୟ ସୁରକ୍ଷିତ ଭାବେ ରହିଛି । କିନ୍ତୁ ଚିନ୍ତାର ବିଷୟ ହେଉଛି ଯଦି ପାଣିପାଗ କାରଣରୁ କ୍ରମାଗତ ଭାବେ ଉତ୍ପାଦନ ପ୍ରଭାବିତ ହୁଏ ତେବେ ଅବ୍ୟବସ୍ଥା ସୃଷ୍ଟି ହେବ ନିଶ୍ଚୟ । ବିଶେଷଜ୍ଞ ମାନଙ୍କ ମତରେ ଖାଦ୍ୟଶଷ୍ୟର ସଂପୂର୍ଣ୍ଣ ଭାବେ ଅଭାବ ପୂର୍ବରୁ ଦରଦାମ ବୃଦ୍ଧିର ପ୍ରଭାବ ଦେଖାଯାଇଥାଏ । ଉତ୍ପାଦନ କମିବା ସମୟରେ ଯଦି ଯୋଗାଣ ବ୍ୟବସ୍ଥା ଘରୋଇ ସଂସ୍ଥା ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ତେବେ ଖାଦ୍ୟଶଷ୍ୟର ମୂଲ୍ୟ ବଢ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏହା ଫଳରେ ଗରୀବ ଏବଂ ନିମ୍ନ ମଧ୍ୟମ ବର୍ଗ ଅଧିକ ଭାବେ ପ୍ରଭାବିତ ହେବେ ।

ଖାଦ୍ୟଶଷ୍ୟ ସଙ୍କଟ ବେଳେ ଭାରତୀୟ ଖାଦ୍ୟ ନିଗମର ଭୂମିକା ମହତ୍ୱପୂର୍ଣ୍ଣ ହୋଇଥାଏ । ଦେଶକୁ ଭବିଷ୍ୟତର ଖାଦ୍ୟ ସଙ୍କଟରୁ ବର୍ତ୍ତିବା ପାଇଁ କେବଳ ଗୋଦାମ (ଓୟାରହାଉସ) ନିର୍ମାଣ ପର୍ଯ୍ୟାପ୍ତ ନୁହେଁ । ଆବଶ୍ୟକ ହେଉଛି କ୍ରୟ ପ୍ରଣାଳିରେ ପାରଦର୍ଶିତା, ଗଚ୍ଛିତ ବା ଭଣ୍ଡାରଣ ବ୍ୟବସ୍ଥା ପ୍ରତିସ୍ୱର୍ଦ୍ଧି ହେବା ଉଚିତ୍ । କୃଷକଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ଠିକ୍ ସମୟରେ ମିଳିବା ଏବଂ ବିତରଣ ପ୍ରଣାଳି ସୁନିୟୋଜିତ ହେବା ମଧ ଆବଶ୍ୟକ । ଘରୋଇ କମ୍ପାନୀ ହାତରେ ଏହି ବ୍ୟବସ୍ଥାକୁ ଟେକି ଦେବା ପ୍ରସଙ୍ଗରେ ସରକାରଙ୍କ ଯୁକ୍ତି ହେଉଛି ଘରୋଇ ନିବେଶ ଫଳରେ ଅତ୍ୟାଧୁନିକ ଗୋଦାମ, ଉତ୍ତମ ପରିବହନ ବ୍ୟବସ୍ଥା ମିଳିବା ସହ ଖାଦ୍ୟଶଷ୍ୟର କ୍ଷୟ କ୍ଷତି କମ୍ ହେବ । ଏହି ଯୁକ୍ତି ସଂପୂର୍ଣ୍ଣ ଭୁଲ ନୁହେଁ । ଦେଶରେ ପ୍ରତିବର୍ଷ ହଜାର ହଜାର ଟନ ଖାଦ୍ୟ ଶଷ୍ୟ ନଷ୍ଟ ହୋଇଯାଉଛି ଏଣୁ ଆତ୍ୟାଧୁନିକ ଭଣ୍ଡାରଣ ବ୍ୟବସ୍ଥା ର ଆବଶ୍ୟକତା ରହିଛି । କିନ୍ତୁ ଘରୋଇ କମ୍ପାନୀଙ୍କ ପ୍ରଭୁତ୍ୱ ବଢ଼ିଲେ ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିବା ନିଶ୍ଚୟ । ଭାରତର ଖାଦ୍ୟ ସୁରକ୍ଷା କେବଳ ଖାଦ୍ୟ ଶଷ୍ୟର ଉତ୍ପାଦନର ପ୍ରଶ୍ନ ନୁହେଁ । ଏହା କୃଷକଙ୍କ ଆୟ, ସରକାରୀ କ୍ରୟ ବ୍ୟବସ୍ଥା, ସାର୍ବଜନୀନ ବିତରଣ ପ୍ରଣାଳୀ, ଭଣ୍ଡାରଣ ଢାଞ୍ଚା ଏବଂ ବଜାରର ପ୍ରତିସ୍ୱର୍ଦ୍ଧା ସହ ଜଡ଼ିତ ପ୍ରସଙ୍ଗ ଅଟେ । ଯଦି ଏସବୁ ବ୍ୟବସ୍ଥା ମଧ୍ୟରେ ସନ୍ତୁଳନ ନରହେ ତେବେ ଅବ୍ୟବସ୍ଥା ଦେଖାଯିବ । ଯଦି ଉତ୍ପାଦନ ହ୍ରାସ ହୁଏ ଏବଂ ଭଣ୍ଡାରଣ ଏବଂ ବିତରଣ ବ୍ୟବସ୍ଥା ଘରୋଇ ନିୟନ୍ତ୍ରଣରେ ରହେ ତେବେ ଅବ୍ୟବସ୍ଥା ଅଧିକ ହେବ ନିଶ୍ଚୟ ।

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

କବିତା କୋଣାର୍କ

## ଉପପାଦ୍ୟ

ସୀମାଞ୍ଚଳ ରଣା

ବର୍ତ୍ତମାନ !
ଆତଙ୍କିତ ରାତିର ଧୂର୍ଜଟୀ ପରି
କଣ୍ଟକିତ ବନର ବଂଶରେ ବାସନ୍ଦ,
ଜହ୍ନର କୋଳରେ
ବିକ୍ଷିପ୍ତ ମଧୁଗନ୍ଧ କେବଳ ।

କାଲି ଲୁହ ତୋଳିଲି
କୋହରୁ ସେରେ କି ମାଣେ ଦେଇ,
ଛାତିକୁ କହିଲି କେତେ ନିର୍ଲ୍ଲଜ ତୁ ?

ଉଦାସ ବେଳାଭୂମିର
ସମ୍ଭାଳି ପାରୁନୁ ବାକିଥିବା କରୁଣତା,
ଏଇ ତ ଅର୍ଦ୍ଧ ଚେତନା ଏ ସବୁର/
ବାକି ତ ଅନେକ ଜୀବନର
ଜଟିଳ ବିବସତା ।

ବିଚ୍ଛେଦର ଦୀପ୍ତିରେ
ଜାଜ୍ୱଲ୍ୟ ତମାମ ଜୀବନର ସ୍ୱପ୍ନ,
କାନ୍ଦୁଣୁ ମାନ୍ଦୁଣୁ ମୁହଁଟିରେ
ଇପ୍ସିତ ଅନୁରାଗର ନିର୍ଭୁଲ ହସ,
ମୁଁ ଦିନାନ୍ତର କ୍ଷୟକ୍ଷତି ପରି ନିର୍ଭୀକ;
ହୁଏତ ଦିନ କିମ୍ବା ବର୍ଷ କି ମାସ ।

ଏବେ ଶ୍ରାବଣ ବି ଦୁଇଧାର
ଆଖିରୁ ଆନନ୍ଦର କୁଳଲଙ୍ଘି,
ମାଗୁମାଗୁ କଣ ବା ମାଗିବି ସମୟ କୁ ?
ଏବେ ବି ଫୁଲିବାର ଅଛି ମୋ ଛାତି ।

ବିଦଗ୍ଧ ମୌନତାରେ ମୁଁ ତ ଉତ୍ପନ୍ନ,
ଅନୁରାଗ ଏକ କାଳ୍ପନିକ
ମରୁଭୂମିର ଗଜଲ,
ମଧୁମୂର୍ଚ୍ଛନାର ରାଗରେ ବିଭୋର;
ମୋ ଓଠରେ
କେତୁରାତି/ଜହ୍ନରାତି ସମାନ ।

କେଜାଣି କାହିଁକି ?
ବୁଝାଇ ପାରିଲିନି
କିଛି ଜୀବନ,
କିଛି ସ୍ପନ୍ଦନକୁ କେତେଦିନୁ/
ବିକଳ ଛନ୍ଦର ଆର୍ତ୍ତନାଦ ସବୁ;
ଆକ୍ଷେପର ଉତ୍କର୍ଷ ଚିତ୍କାରରେ
ହବିଷ ପରି,
ମୁଁ କେବଳ ଭେଟିଲି
ବର୍ଷ ମାସ ଓ ଦିନ ସବୁ ।

+ ବାଲିଗୁଡା,କନ୍ଧମାଳ

## ବାପା ତ ସବୁଠୁ ଭଲ

ସୁହଂସ ଭୋଇ



ମାଆର ମମତା ନିଆରା ସେ କଥା
ବାପା ତ ସବୁଠୁ ଭଲ
ଭଉଣୀର ସ୍ନେହ କହେ ତାର ଲୁହ
ଭାଇ ତ ମନର ବଳ ।

ବାପା ତ ସରଗ ଭୁବନ ସମାନ
ମାଆ ଜନ୍ମଭୂମି ମାଟି
ଭଉଣୀ ସକାଳ ମଙ୍ଗଳ ଆଳତି
ଭାଇ ଦୁଃଖ ସୁଖ ସାଥୀ ।

ବାପା ତ ବିଶାଳ ଆକାଶ ସ୍ୱରୂପ
ଭାଇ ଗିରିଗୁହା ସରି
ମାଆର ହୃଦୟ ସେ ଏକ ଦରିଆ
ଭଉଣୀ ତଟିନୀ ପରି ।

ବାପାଙ୍କ ଆଶିଷ ଭାଇର ସାହସ
ମାଆ ତ କରୁଣାମୟୀ
ଭଉଣୀର ରାକ୍ଷୀ ଅଦୃଶ୍ୟ ଶକତି
ପଛେ ପଛେ ଥାଏ ରହି ।

ଭଉଣୀ ଦୁହିତା ଗୁରୁ ପିତା ମାତା
କୁଳ ପ୍ରଦୀପ ଯେ ଭାଇ
ଦେହ ଭିନ୍ନ ଭିନ୍ନ ମନ ତ ଅଭିନ୍ନ
ପରିବାର ଆମ ଏଇ ।

+ ପହଣ୍ଡି, ବିଜେପୁର, ବରଗଡ଼

# କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୩ ଜୁନ୍ ୨୦୨୬, ମଙ୍ଗଳବାର

## ମୌସୁମୀ ଆସିଛି....

### ରାମଚନ୍ଦ୍ର ବେହେରା



ମୌସୁମୀ ଆସିଛି ଧରଣୀ ହସୁଛି
ନିଦାଘ ଯାଇଛି ଫେରି
ଝାଂଜି ଗୁଳୁଗୁଳି ନଦିଏ ଯାତନା
ଝରଇ ଶୀତଳ ବାରି ।

ବରଷା ପରଶେ ପ୍ରକୃତି ହସୁଛି
ପିନ୍ଧି ନୀଳବର୍ଣ୍ଣ ଶାଢି
ଆକାଶେ ଦିଶୁଛି ବିଜୁଳି ଚମକ
ଶୁଭୁଅଛି ଘଡଘଡି ।

ଚଷାପୁଅ ତା'ର ଗହୀର କ୍ଷେତରେ
ଆରମ୍ଭ କଲାଣି ଚାଷ
ଜଂଗଲ ଭୂଇଁରେ କେକୀ କରେ ନୃତ୍ୟ
ଦେଖି ମନ ହୁଏ ତୋଷ ।

ପିଲା ଖୋଜିଲେଣି ଛତା ଓ ବର୍ଷାତି
ବିଦ୍ୟାଳୟ ଯିବା ପାଇଁ
ଝିପିଝିପି ବର୍ଷା କୋମଳ ପରଶେ
ହସିଲାଣି ଗାଆଁ ଭୂଇଁ ।

ଆକାଶ ବୁକୁରେ ଭାସୁଛି ବାଦଲ
ନଲାଗେ ଖରା ପ୍ରଖର
ସଂଜ ନଇଁଗଲେ ବେଂଗୁଲୀ ଗାଉଛି
ସରାଗେ କେଉଁ କଟର ।

ବରଷା କରଇ ଜଗତର ହିତ
ଉପକାରୀ ବନ୍ଧୁ ସିଏ
ତା'ପାଇଁ ମିଳଇ ଅମୃତର ଧାରା
ତା'ସରି ହୋଇବ କିଏ ।

ବରଷକେ ଆସେ ଛଅ ଋତୁ ସିନା
ବର୍ଷା ସବୁଠୁ ନିଆରା
ପ୍ରାଣୀ ଉଦ୍ଭିଦଂକ ବଂଚିବାର ଆଶା
ପୂର୍ଣ୍ଣକରେ ମେଘ ଧାରା ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ॥ ସନେଟ ॥

## ଆକାଶ ଆଖିକୁ ଅନା

### ସୁବାସ ଚନ୍ଦ୍ର ସାହାଣୀ



ଆକାଶ ଆଖିକୁ ଅନା, ଅଣଚାଷ ବାଆ ବତାସ ଗର୍ଭ ଗୁଆଁର ଆଁ,
ଆଖି ଅକ୍ଷପଥେ, ଅନନ୍ତ ମୂଦ୍ରାର, ଅଭିସାର ଭରା, ଆଃ କି ଛଳଛଳ !
ଆନନ୍ଦ ଉଚ୍ଛଳ, ରୂପ ଝଲ ମଲ,ବହଳ ବାଦଲ କଳା ଘୁମର ଗାଁ,
ଆଶା ଉଜ୍ଜ୍ୱଳ,ସ୍ୱପ୍ନ ବିଭୋର, ମୌସୁମୀ ବା'ମହକାଏ ମନତଳ ।

ଅବିରାମ ତା'ର, ବାହ ପ୍ରବାହ, ପୁଲକରେ ନାଚିଉଠେ ପ୍ରାଣ କୋଟି,
ଅବିଶ୍ରାନ୍ତ ଶ୍ରମ, କୃଷି ଶ୍ରମିକ ହୃଦୟେ ଭରା ଯୋଜନ ଯୋଜନ ପ୍ରୀତି ।
ଅକ୍ଷୟ ବୀଜ, ମାଟି ଗର୍ଭରେ, ଶ୍ୟାମଳ ସବୁଜ କୋଟି ମୂର୍ଚ୍ଛନା କାଟି,
ଅୟୁତ ମାଧୁର୍ଯ୍ୟ, ବର୍ଣ୍ଣ ମଉଛବ ଚିତ୍ର ପ୍ରତିମା ପ୍ରେମ ବର୍ଣ୍ଣାଳିର ବିଥି ।

ଆଃ କି ଅଭୂତ ଅନନ୍ତ ଅକ୍ଷପାଦ ମାଦକଭରା ନୃତ୍ୟ ରାଗରେ ମୁଦ !
ଆଖିଟା ପାଏନା, ଅର୍ବୁଦ ଅର୍ବୁଦ ମେଘ ମେଖଳା ଶବ୍ଦବୀଣା ନାଦ ।
ଅବିଶ୍ୱାସ ଏ ଅପରିକଳ୍ପ ସୁଖ ସ୍ୱପ୍ନ ସିଆର କାଟି, ମନ ମନାଏ ଏ କି !
ଆଙ୍କି ପାରେନା, ମତାଣିଆ କିଆଁ ମନ ? ମୌସୁମୀ ଯାଦୁ ସତେ ଏ କି !

ଆଇନା ଦେଖେ, ତରୁଣୀ ସେ ବାର ବାର, କାହିଁକି ଉଚ୍ଛନ୍ନ ଏତେ ମନ ?
ଅଙ୍ଗେ ଅଙ୍ଗେ ଜାଗେ ଶିହରଣ, ଆନମନା ହୋଇ ବିକଳି ଉଠେ ପ୍ରାଣ !

+ ଶ୍ରୀହରି ଆଳୟ, ବାଂମୟ ନିଳୟ, ସାହିତ୍ୟ ଚିରକାଳ
ସା-ବୋଇତାଳୁ ପାଟଣା, ପୋଷ୍ଟ-ମୋହନପୁର,
ଭାୟା-ବିଞ୍ଝାରପୁର-୭୫୫୦୦୪, ଜିଲ୍ଲା-ଯାଜପୁର ।

## ମୁଁ ଏବେ

### ଡ. ଭରତ ଚନ୍ଦ୍ର ଦାଶ



ମୁଁ ଏବେ
ନିଜକୁ ବୁଝିବା ଆରମ୍ଭ କରିଛି
ଜୀବନର ପ୍ରତ୍ୟେକ ପୃଷ୍ଠାକୁ
ଓଲଟାଇ ଦେଖୁଛି
କମା, ବିନ୍ଦୁ, ବିସର୍ଗ ଓ ପୂର୍ଣ୍ଣଚ୍ଛେଦ
କେଉଁଠି କିଛି ଛାଡିଯାଇଛି କି
ମୋ ଭୁଲାପଣରେ
ଭୁଲାପଣପାଇଁ
ମୁଁ ଲାଞ୍ଛିତ ଅବହେଳିତ
ଅପମାନିତ ଶବ୍ଦ ନିକଟରେ
କ୍ଷମାମାଗେ ଶବ୍ଦବ୍ରହ୍ମଙ୍କୁ ।

ମୋ ଭୁଲାପଣରେ
ଶବ୍ଦମାନେ ଆପଣାଛାଏଁ
ଧରାଦିଅନ୍ତି, ସଜେଇ ହୁଅନ୍ତି
ପାଟ ମଠା ପିନ୍ଧି କବିତା ରୂପରେ
ଯାହାକୁ ଭଲପାଏ
ହୃଦୟ ଅରପିଦିଏ ତାକୁ
ଆପଣାର ମଣିଷଭାବି
ଦେହ ମନ ଜୀବନ ତା'
ନାମରେ ଲେଖିଦିଏ
ଏହା ମୋର ଦୁର୍ବଳତା କି
ଭଲପାଇବାର ଉପସର୍ଗ ଜାଣେନା ।

ତୁମେ
ସେହିପରି କଳାନୈପୁଣ୍ୟର
ଉତ୍ସର୍ଗୀକୃତ ପ୍ରତିଭୂ
ପ୍ରଥମ ଦେଖାରେ ମୁଁ
ନିଃସ୍ୱ ହୋଇଯାଇଥିଲି
ମୋ ଚେତନାର ଚୈତନ୍ୟରେ
ତୁମ ଆଖି, ଓଠ ଓ
ହସହସ ଠାଣିରେ
ମୁଁ ବନ୍ଧାପଡିଯାଇଥିଲି
ଏବେବି ମୁଁ ମୁକ୍ତନୁହଁ
ଚିରକାଳ ବନ୍ଦୀ
ବ୍ୟକ୍ତିତ୍ୱର ଅସୀମ ଫାଶରେ ।

ପ୍ରତିଭାର ଆକର୍ଷଣ
ବେଶ୍ ତୀକ୍ଷଣ ଶାଣିତ
ହୃଦୟଭେଦୀ ଶାୟକ
କଳାର ପୂଜକପାଇଁ
ଶ୍ରେଷ୍ଠ ତା'ର
ସୁସଜ୍ଜିତ ଶବ୍ଦର ଚାଙ୍ଗୁଡି,
ସୁଗନ୍ଧିତ କାଳଜୟୀ
କବିତାର ସ୍ୱର ଓ ସ୍ୱାକ୍ଷର
କେମିତି କହିବି କୁହ
କବିତା ଯେ ମୋ ପ୍ରାଣର
ନିର୍ବାଣର ପ୍ରଜ୍ୱଳିତ ଧାର
ମୋ ବଞ୍ଚିବାର ସ୍ୱର ।

+ ପ୍ରାକ୍ତନ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା,
ବାଲେଶ୍ୱର - ୭୫୬ ୧୨୬
ମୋ: ୮୯୮୪୪୩୯୧୬୬

## ସପନରାଣୀ

### ପ୍ରଶାନ୍ତ କୁମାର ଦାଶ



ଲାଜୁକୀ ଗୋଲାପ ତୁମୋ
ସପନର ରାଣୀ
ତତେ ଦେବି ଫୁଲହାର
ତୋର ମନ ଜାଣି ।

ଆଣିବି ତୋ ପାଇଁ ସୁଖ
ଓଠଧାରେ ହସ
ମିଠା ମିଠା କଥା କହି
କରିଦେବୁ ବଶ ।

ସ୍ମୃତିସିକ୍ତ ପ୍ରେମ ତୋର
ଲାଗେ ଭାରି ମିଠା
ରହିଛି ପ୍ରେମର ସାକ୍ଷୀ
ଦୂର ନଇପଠା ।

ତୁତ ମୋର ଆଖି ନିଦ
ମିଠା ଜହ୍ନରାତି
ଆ ସଖୀ ହଜିଯିବା
ପ୍ରେମେ ଆମେ ମାତି ।

ଉଡୁଥିବ ଗେଣ୍ଡାଳିଆ
ଝାଡିଦେଇ ପର
ସାଥିହେଇ ଗଢିଦେବା
ପ୍ରେମ ବାଲିଘର ।

ଦୁନିଆର ଅପବାଦ
ପଛେ ଦେବା ଫିଙ୍ଗି
ବିଚ୍ଛେଦ ପାଚେରୀ ଯେତେ
ସବୁ ଦେବା ଭାଙ୍ଗି ।

ଆଣିବ ଖୋଜି ତୋ ପାଇଁ
ମୁକୁତାର ହାର
ହସ ଦେବି ତୋ ଓଠରେ
ପୋଛି ଲୁହଧାର ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦

## ଫଗୁଣର ଏକ ସନ୍ଧ୍ୟା

### ପ୍ରମୋଦ କୁମାର ମହାପାତ୍ର



ନଗ୍ନ ଆକାଶ ଛୁଆଁ ମଗ୍ନ ଉପତ୍ୟକା,
ନିଘଞ୍ଚ ବନାନୀ ଘେରା ସୁରମ୍ୟା ଦଣ୍ଡକା ।
ଫୁଲେଇ ଫଗୁଣ ଆସେ ପେନ୍ଥା ପେନ୍ଥା
ଆମ୍ବ ବଉଳର  ଚହଟରେ,
କୋଇଲିର କୁହୁ କୁହୁ ତାନରେ
ନୀଳ-ବେଣୀ ଜଳରାଶି ପରେ ଝାଇଁ ମାରେ
ଚକ୍ ଚକ୍ କଅଁଳିଆ ଖରା, ପାହାଡ଼ି ଫୁଲର
ରଙ୍ଗରେ ବିଭୋର ଧରା,
ମନ ମତାଣିଆ ସୁଲୁ ସୁଲୁ ବାଆ
ଅଙ୍ଗେ ଅଙ୍ଗେ ମଦନର ରାସ
ପୁଲକିତ ହିଆ
ସାୟାହ୍ନ ସୂରୁଜ
ବିଞ୍ଚୁଥିଲେ ଫଗୁ ରଙ୍ଗ ମୁରୁଜ,
ପଥରକୁ ବେଖାତିର-ଦୃଢ଼ ମନା
ଲକ୍ଷ୍ୟ ପଥେ ଧାଉଁଥିଲା
ଅଙ୍କାବଙ୍କା ପାହାଡ଼ି ଝରଣା ।
ସେଇ ଅଖ୍ୟାତ ପଲ୍ଲୀର ଦୁଇ ପଡ଼ା
ଫ୍ରକ୍ ପରିହିତା ଧାଙ୍ଗିଡ଼ି ଜିନ୍ସ ପିନ୍ଧା ଧାଙ୍ଗଡ଼ା,
ବୈରାଗୀ ଭୂଷଣ ସିଆନ୍,ବୁଢ଼ା ମୁନୁଷ
ଆଉ ଅର୍ଦ୍ଧ-ନଗ୍ନ ଶିଶୁଙ୍କ ଖିଲିଖିଲି ହସ,
ଦେହରେ ଫଟା କନା
ଭଙ୍ଗା କୁଡ଼ିଆରେ ନାହିଁ ଦାନା
କିନ୍ତୁ,ଏକ  ନିଷ୍ପାପ, ବିଶାଳ ହୃଦୟ
ସରଳ ମୁହଁ, ଉଜ୍ଜ୍ୱଳ ଆଉ ସତେଜ !
ପଥର ଚୁଲି, କାଠ ନିଆଁ
ଏକ ପାତ୍ରରେ ପାଣି
ଗରମ କରିବାରେ ବ୍ୟସ୍ତ
ମାଚ୍ଚି ପିନ୍ଧା ମାଇପି କେଇଜଣ
ଦାଣ୍ଡ ଦୁଆରେ ଆଣି;
'ଏହାତ  ଗାଧୁଆ ପାଇଁ ସନ୍ଧ୍ୟାରେ ,
କିଛି ନାହିଁ ଏଠି ଆଶ୍ଚର୍ଯ୍ୟ ହେବାରେ'
- ଉତ୍ତର  ତରଙ୍ଗାୟିତ
ଲାଜମିଶା ଅଧରରେ !
ପଥର, ନିଆଁ ଓ ପାଣି,
ଗୁଣ ଧର୍ମେ ବିପରୀତ-ବ୍ୟବହାରେ ସମୁଚିତ
'ଗୁରୁପ୍ରିୟା' ଦେଇ ବହେ ମଳୟ ମରୁତ,
ସ୍ୱାଭିମାନ ଇଲାକାରେ
ଉଡ଼େ ଶାନ୍ତିର କପୋତ !
- ଏଇତ ଅଜବ କାହାଣୀ !!
ଲେଉଟାଣି ଖରା ପକ୍ଷୀ ନୀଡ଼ଫେରା,
ପରିତୃପ୍ତ, ଆତ୍ମମୁଗ୍ଧ ଏକ ଯାତ୍ରା ସ୍ମୃତି ଭରା..
ଗିରି କନ୍ଦରର ଅନେକ ଅଜଣା
ଅକୁହା କଥା-ଧରାବନ୍ଧା
କହିଗଲା କିଛି ସେଇ
ଫଗୁଣର ଏକ ସନ୍ଧ୍ୟା !

+ କନ୍ସଲଟାଣ୍ଟ,ଦୂର ସଂଚାର ବିଭାଗ,
ଭାରତ ସରକାର, ଭୁବନେଶ୍ୱର

## ମୌସୁମୀ ତୁ ଏବେ ଆ...

### ନୀଳାମ୍ବର ପଣ୍ଡା



ମୌସୁମୀ ତୁ ଏବେ ଆ...
ନିଦାଘେ ସନ୍ତୁଳା ଏ ଧରା ନିର୍ଜଳା
ତା ରୂପ ମଉଳା ଦେହେ ତାତି ଜ୍ୱାଳା
ପରିବେଶ ଧୂଳିଧୂଳା
ତୋ ସ୍ଥିତି ରହିତ ଦୁସ୍ଥିତେ ବିହ୍ୱଳା
ତାପତ୍ରାସ ଅଶୀତଳା
ଏବେଳେ ତ୍ୱରିତ ଆ...

ନକରି ଉଚ୍ଛୁର ଅବା ଅବହେଳା
ଅବିଳମ୍ବେ ଆସି ଯା...
ସମ୍ପ୍ରୀତି ବିସ୍ତାରି ସ୍ନିଗ୍ଧତା ସଞ୍ଚାରି
ଉଷ୍ଣତା ନିବାରି  ଶୀତଳତା ଭରି
ତା ବକ୍ଷେ ଥମିବୁ ସ୍ୱସ୍ତି ଭିଆଇବୁ
ତୃଷ୍ଣତା ସ୍ପର୍ଶୀବୁ ଆ...
ଋତୁ ପ୍ରସାରିବୁ ଆ...

ବର୍ଷା ତୁ ବର୍ଷିବୁ ଆ...
ମାଟି ରଜସ୍ୱଳା ତୋ ବିନୁ ନିଷ୍ଫଳା
ନିର୍ବର୍ଷ ଜନିତ ଦେହ ଅପଖଳା
ତା'ର ଅକର୍ଷେ ବିତୁଛି ବେଳା
ହା-ହୁତାଶେ ଅନ୍ତଃଜ୍ୱାଳା ।

ତା'ଠାରେ ନିବେଶି ତାଉଦାଉ ଶୋଷି
ଅଭିଜା ଭିଜାଇ ଦେହ ବତୁରାଇ
ନିବିଡେ ବର୍ଷିବୁ ଅଭରା ଭରିବୁ
ସୃଷ୍ଟି ସୃଜନାର୍ଥେ ବୀଜ ବୀଜେଇବୁ
ବର୍ଷଣ ଶୃଙ୍ଗାରେ ଆ...
ବର୍ଷା ତୁ ତ୍ୱରିତ ଆ.... ।

+ ୭-କୋକିଳା କଟେଜ
ଭୁବନେଶ୍ୱର ୭୫୧୦୦୨
(ମୋ) ୭୬୮୧୦୨୧୮୩୦

## ସମୟର ମହତ୍ତ୍ୱ

### ସଦାଶିବ ବିଶ୍ୱାଳ



ସମୟ କାହାକୁ ଅପେକ୍ଷା କରେନାହିଁ
ଟିକ୍ ଟିକ୍ କରି ଚାଲିଥାଏ
ସମୟ ମହାଧନ
ବିତିଯାଇଥିବା ସମୟ କି କିଏ ଫେରିପାଏ ?

ବିଗତ ସମୟରୁ ଅନୁଭୂତି ମିଳେ
ତା ପାଇଁ ଅନୁତାପ ଗ୍ରହଣୀୟ ନୁହେଁ
ଅନୁତାପରୁ ଗ୍ଲାନି, ଦୁଃଖ ଆସେ
ଭୂଲ ସୁଧାରି ପୁଣି ଯୋଜନା ପ୍ରସ୍ତୁତ ହୁଏ

ସମୟ ଅମୁଲ୍ୟ
ତା ସହ ତାଳମେଳ ରଖି ଚାଲିବା
ଖାଲି ଅପହର୍ତ୍ତା ନ କହି
ଦାତା ବୋଲି ଭାବି ନେବା

ସବୁ ସମୟ ସମାନ ନ ଥାଏ
ବିଫଳତା ପରେ ସଫଳତା ଆସେ
ବିଫଳତାର କାରଣ ଖୋଜି
ଯୋଜନାକଲେ ସଫଳତାର ସୂର୍ଯ୍ୟ ଦିଶେ

+ ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର

## ଆଗୋ ମୋର ବର୍ଷାରାଣୀ

### ନିରଞ୍ଜନ ସାହୁ



ବରଷା ଆସିଲେ ତୁମେ ମନେପଡ଼
ଆଗୋ ମୋର ବର୍ଷା ରାଣୀ
ମନେପଡିଯାଏ ତୁମରି ଚାହାଣି
ତୁମ ଅଙ୍ଗଭଙ୍ଗୀ ଠାଣି ।

ଝଡି ବରଷାରେ ଛତା ଧରି ଯେବେ
ଆସୁଥିଲ ବିଦ୍ୟାଳୟ
ତୁମ ଛିଟ ଜାମା ଛିଟିକା ମାରିକି
ଦିଶଇ କାଦୁଅମୟ
ନଳକୂଅ ମାରି ସଫାକର ତୁମେ
ପାପୁଲିରେ ପାଣି ଆଣି ।

କଲେଜକୁ ଯେବେ ଝଡି ବରଷାରେ
ଯାଉଥିଲ ପାଠପଢ଼ି
ଛତା ତଳେ ଓଦା ହେଉଥିଲ ତୁମେ
ସାଇକେଲ ଚଢ଼ିଚଢ଼ି
ବରଷା ଛିଟାରେ ଓଦା ପୋଷାକରୁ
ଝରି ପଡୁଥିଲା ପାଣି ।

ଗାଆଁଦାଣ୍ଡେ ପାଣି ସୁଅ ଚାଲୁଥିଲେ
ଭସାଅ କାଗଜ ଡ଼ଙ୍ଗା
ପାଣିରେ ଖେଳୁଛୁ କହି କେ ' ଚିଡ଼ିଲେ
ମୁହଁ ପଡୁଥିଲା ରଙ୍ଗା
କାନ୍ଦକାନ୍ଦ ହୋଇ ଘରେ ଫେରିଯାଅ
ମୁହଁକୁ ତଳକୁ ହାଣି ।

ଆଜି ବି ବରଷା ଆସି ବରଷୁଛି
ପାଣି ଯାଉଅଛି ଭାସି
ତୁମେ ନାହଁ ବୋଲି ଭଲ ଲାଗୁନାହିଁ
କି ଲାଭ ବରଷା ଆସି
ଭାରି ଇଛା ହୁଏ ବର୍ଷାରେ ଭିଜନ୍ତି
ତୁମ ସାଥେ ଜାଣିଜାଣି ।

+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ --  ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ମୃତ୍ୟୁଦଣ୍ଡ

### କୁମାର  ଭାର୍ଗବ



ମୃତ୍ୟୁଦଣ୍ଡ ଏକ କଠୋର ଶବ୍ଦ,
ଶୁଣିଲେ ଥରିଉଠେ ମନ,
ନ୍ୟାୟର ପାଲାରେ ତୋଳା ହୁଏ
ମଣିଷର କର୍ମ ଓ ଜୀବନ ।

ଅପରାଧର କଳା ଛାୟା
ଯେବେ ଢାଂକିଦିଏ ବିବେକ,
ସମାଜ ଚାହେଁ ନ୍ୟାୟର ଆଲୋକ,
ଭାଙ୍ଗିବାକୁ ଅନ୍ୟାୟର ଶୃଙ୍ଖଳ ।

କିନ୍ତୁ ଜୀବନ ତ ଅମୂଲ୍ୟ ଧନ,
ଫେରେ ନାହିଁ ଥରେ ହରାଇଲେ,
ଏହି ପ୍ରଶ୍ନ ଉଠେ ବାରମ୍ବାର—
ଦଣ୍ଡରେ କି ସବୁ ସରିଗଲେ ?

ନ୍ୟାୟ ଓ ଦୟାର ମଝିପଥରେ
ଚାଲେ ମଣିଷର ଚିନ୍ତାଧାରା,
ମୃତ୍ୟୁଦଣ୍ଡ ନାମକ ଏହି ବିଷୟ
ଜଗାଏ ଅନେକ ପ୍ରଶ୍ନଧାରା ।

ଆସ ଗଢ଼ିବା ଏମିତି ସମାଜ,
ଯେଉଁଠି ନ ଥିବ ଘୃଣାର ଛାପ,
ପ୍ରେମ, ନ୍ୟାୟ ଓ ମାନବତାରେ
ଫୁଟିଉଠିବ ଶାନ୍ତିର ଆଲୋକ ।

+ ଖଟଖଟିଆ, ବୌଦ୍ଧ
ମୋ:୯୪୩୭୫୮୬୫୩୨

## ଆସୁଛି ବରଷା ଋତୁ

### ସିଦ୍ଧେଶ୍ୱର ତ୍ରିପାଠୀ

ଦେଖ ବହିଲାଣି  ମଉସୁମୀ ବାଆ
ଆକାଶେ ମେଘୁଆ ପାଗ
ପାଖେଇ ଆସୁଛି ବରଷା ଋତୁଟା
ଆଷାଢ଼ ଶ୍ରାବଣ ମେଘ ।

ବରଷା ଝରିବ ବିଜୁଳି ମାରିବ
ତା ସାଥିରେ ଘଡଘଡି
ନାଲି ଟୁକୁ ଟୁକୁ ସାଧବ ବୋହୁତ
ଆଗେ ଆସୁଥିବେ ମାଡି ।

ଚଷା ପୁଅ ସଜ କଲାଣି ଲଙ୍ଗଳ
ଆରମ୍ଭ କରିବ ଚାଷ
ଏଇ ଭିଜା ପାଗେ ମନ କିଣିନିଏ
କଦମ୍ବ ଫୁଲର ହସ ।

କେତେଯେ ପୁନିଅଁ ପରବ ସାଥିରେ
ଆସୁଛି ରଥ ଯାତରା
ଶ୍ରୀ ମନ୍ଦିର ଛାଡି କାଳିଆ ସାଆନ୍ତ
ବଡ଼ ଦାଣ୍ଡେ ଦେବେ ଧରା ।

ଆଷାଢ଼ ସରିବ ଶ୍ରାବଣ ଆସିବ
ଝରିବ ବରଷା କେତେ
କାଗଜର ଡଙ୍ଗା ଭାସି ଯାଉଥିବ
ସେ ଗାଁ ଦାଣ୍ଡ ପାଣି ସାଥେ ।

+ ଖୋର୍ଦ୍ଧା

## ତୁମେ ଥିଲେ

### ଇତିଶ୍ରୀ ଦାଶ

ତୁମେ ଥିଲେ ହୁଏ ଅମାବାସ୍ୟା
ରାତ୍ରିରେ ଚନ୍ଦ୍ରର ଆଗମନ
ତୁମେ ଥିଲେ ସତେ କି ନିଦାଘରେ
ବର୍ଷାର ନିରନ୍ତର ପ୍ଲାବନ ।
ତୁମେ ଥିଲେ ମରୁଭୂମିରେ ବି
ସୃଷ୍ଟି ହୁଏ କ୍ଷୁଦ୍ର ଜଳପ୍ରପାତ
ତୁମେ ଥିଲେ ମୋ ନୌକା ବି
ପାରି ହୋଇଯାଏ ନଥାଇ କାତ ।
ତୁମେ ଥିଲେ ଗ୍ରୀଷ୍ମର ଉଷ୍ମତା ବି
ଲାଗେ ଯେସନେ ହିମପାତ
ତୁମେ ଥିଲେ ଶୀତୁଆ ସକାଳରେ ବି
ଉଷ୍ମତା ହୁଏ ଆଗତ ।
ତୁମେ ଥିଲେ ରାତ୍ରିର ଅନ୍ଧକାରରେ ବି
ଉଜ୍ଜଳ ରଶ୍ମି ପ୍ରକଟ
ତୁମେ ଥିଲେ ଭୟ ଅସୁରକ୍ଷା ଦୁଃଖ
ନଆସେ ମୋ ନିକଟ ।
ତୁମେ ଥିଲେ ଜୀବନଟା
ଲାଗେନି କେବେ ବିଷର୍ଣ୍ଣ
ତୁମେ ଥିଲେ ସବୁ କଷ୍ଟକର ପଥ ବି
ହୋଇଯାଏ ସଂକୀର୍ଣ୍ଣ ।
ତୁମେ ଥିଲେ ଦୁର୍ଗମ ପଥରେ
ଚାଲିବା ହୋଇଯାଏ ସୁଗମ
ତୁମେ ଥିଲେ ସାତସୁର ସଙ୍ଗେ
ରାଗର ହୁଏ ଅପୂର୍ବ ସଙ୍ଗମ ।
ତୁମେ ଥିଲେ ବିନା ଧ୍ୱନିରେ ବି
ଝଙ୍କୃତ ହୁଏ ହୃଦୟର ଗୀତ ।
ତୁମେ ଥିଲେ ଆପେ ଆପେ
ସୃଜି ହୁଏ ଜୀବନ ସଙ୍ଗୀତ ।
ତୁମେ ଥିଲେ
ସବୁ ଖୁସି ମୋ ପାଖରେ ଥାଏ ।
ତୁମେ ଥିଲେ
ହସି ହସି ଜୀବନ ମୁଁ ଜିଏଁ ।

+ ପେଲେସଲାଇନ, ବଲାଙ୍ଗୀର
ମୋ-୭୬୦୫୯୯୦୫୦୦

## ବିଭୁ ବନ୍ଦନା

### ଶ୍ୟାମାପ୍ରସାଦ ମିଶ୍ର



କରୁଣା ବାରିଧି ହରିହେ, ପ୍ରଭୁ ବିଶ୍ୱ ବିହାରୀ
କରଯୋଡ଼ି କରେ ପ୍ରଣାମ ଘେନ ମୋର ଗୁହାରି ।
କେତେ ଯତନରେ ଗଢିଛ ଏ ସୁନ୍ଦର ଧରଣୀ
ବୃକ୍ଷଲତା ପଶୁପକ୍ଷୀ ଯେ ନଭେ ତାରକା ପୁଣି ।
କର ମୋତେ ବର ପ୍ରଦାନ ବଳବୁଦ୍ଧି ବିଦ୍ୟାର
ମନେ ମୋର ଦିଅ ସାହସ ସେବା କରେ ଜନର ।
ମନେ ଦିଅ ସତ୍ ସାହସ ସଦା କହିବି ସତ
ଖଳଠାରୁ ଦୂରେ ରହିବି ଏହା ହେଉ ମୋ ବ୍ରତ ।
ସଂପଦ କାଳରେ ମୋ ମନ ସଦା ରହୁଟି ସ୍ଥିର
ବିପଦ କାଳରେ ନ ହେବି ମୁହଁ କେବେ କାତର ।
କାହିଁ ମୋର ଏତେ ଶକତି ଭାବିବି ତୁମ କଥା
ତୁମ ବିଶାଳତା ଭାବିଲେ ଘୂରେ ମୋ ଛୋଟ ମଥା ।
ନ ଦେଲେ ନ ଦିଅ ଦର୍ଶନ, ମୋର ବିନତୀ ଘେନ
ହୃଦୟରେ ଭରି ଭକତି, ପାଦେ ଗଲି ଶରଣ ।

+ ପି ଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,
ଭଞ୍ଜନଗର,  ଗଞ୍ଜାମ
ମୋ: ୯୦୯୦୫୦୭୯୫୫

## ରାସ୍ତାକୁ ମାଡି ଗଲାଣି ଅନାବନା ଗଛ, ଖାଲଖମାରେ ବିପଦପୂର୍ଣ୍ଣ ଯାତାୟାତ : ଓଏମସିର ଚରମ ଅବହେଳା

ଚମ୍ପୁଆ, ୨୨/୦୬ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ ବଡ଼ କାଳିମାଟି ପଂଚାୟତରେ ଏକ ପ୍ରମୁଖ ରାସ୍ତା ଏବେ ମରଣଯନ୍ତା ପାଲଟିଛି। କାଳିମାଟି ଛକ ଠାରୁ ଜଗନ୍ନାଥ ମନ୍ଦିର ଦେଇ ଯାଇଥିବା ଦବୁନା ନିଉ କଲୋନୀ ଓ ହାଣ୍ଡି ଭଙ୍ଗା ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛଲତା ମାଡିଯାଇଛି। ଫଳରେ ସମ୍ପୂର୍ଣ୍ଣ ରାସ୍ତା ସଙ୍କୁଚିତ ହୋଇ ପଡ଼ିଥିବା ବେଳେ ଦୈନନ୍ଦିନ ଯାତାୟାତରେ ଘୋର ସମସ୍ୟା ଉପୁଜୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ହେବ ଏହି ରାସ୍ତାର ମରାମତି କରାଯାଇ ନାହିଁ। ସାରା ରାସ୍ତା ଏବେ ବଡ଼ ବଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି। ବିଶେଷ କରି ସାଇକେଲ, ମୋଟରସାଇକେଲ ଓ ଅଟୋ ଚାଳକମାନେ ଏହି ରାସ୍ତାରେ ଯିବାଆସିବା କରିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ଲାଗି ରହିଛି। ଏହି ରାସ୍ତା ଦେଇ ଦବୁନା ସେକ୍ରାଡିହି ଓଏମସି ଖଣି କମ୍ପାନୀର ଶତାଧିକ କର୍ମଚାରୀ ଓ ଗାଡ଼ି ସବୁବେଳେ ଯିବାଆସିବା କରୁଛନ୍ତି। ଖଣି ଅଂଚଳରୁ କମ୍ପାନୀ କୋଟି କୋଟି ଟଙ୍କାର ଲାଭ ନେଉଥିଲେ ସୁଦ୍ଧା, ସାଧାରଣ ଜନତା ବ୍ୟବହାର କରୁଥିବା ଏହି ରାସ୍ତାର ଉନ୍ନତି ପାଇଁ ମୁଠାଏ ମୋରମ ମଧ୍ୟ ପକାଉ ନାହିଁ। କମ୍ପାନୀର ଏଭଳି ସାମାଜିକ ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ରାସ୍ତା କଡ଼ରେ ଘଂଚ ଜଙ୍ଗଲ ଓ ଅନାବନା ଗଛ ଲତା ମାଡ଼ି ଯାଇଥିବାରୁ, ସେଥିମଧ୍ୟରୁ ବିଷଧର ସରୀସୃପ ଏବଂ ବନ୍ୟଜନ୍ତୁ ବାହାରି ପଥିକମାନଙ୍କୁ ଆକ୍ରମଣ କରିବାର ଭୟ ରହିଛି। ବିଶେଷ କରି ସନ୍ଧ୍ୟା ହେଲେ ଏହି ରାସ୍ତାରେ ଯିବା ଆଦୌ ନିରାପଦ ନୁହେଁ।

## ତିନି ରଥର ବଡକଳସ ପେଣ୍ଡୀରେ ୩୨ ଗୋଟି ପାଖୁଡା ନିର୍ମାଣ କାର୍ଯ୍ୟ ଶେଷ

ପୁରୀ, ୨୨/୦୬ (ନି.ପ୍ର): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ଚଳଚଂଚଳ ରଥଖଳା । ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ । ରବିବାର ରଥ ନିର୍ମାଣର ୬୨ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରବିବାର ତିନିରଥର ବଡକଳସ ପେଣ୍ଡୀରେ ପାପକାର୍ଯ୍ୟ ଓ ୩୨ ଗୋଟି ପାଖୁଡ଼ା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଶନିବାର ସୁଦ୍ଧା ତିନିରଥର ପୋଟଳ ପାରାଭାଡ଼ି ସମେତ ସମସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଥିଲା । ତିନିରଥର ଦୁଆର ବେଢ଼ା ପ୍ରସ୍ତୁତ ପାଇଁ ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସାଥି ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ୧୨ ଗୋଟି ଦୁଆର ବେଢ଼ା ମଧ୍ୟରୁ ତିନିରଥର ଦୁଇଟି ଲେଖାଏଁ ଦୁଆର ବେଢ଼ା ଶେଷ ହୋଇଛି। ରବିବାର ତିନିରଥର ଚାରି କୋଣକୁ ଛାଡ଼ି ବେଦୀ ଚାରି ପାର୍ଶ୍ୱରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ତିନିରଥକୁ ୧୩ ପରାସ୍ତ ପୋଟଳ ଉଠି, ତିନିରଥର ଚାରିଟି ଲେଖାଏଁ ଦୁଆର ବେଢ଼ା ରଥକୁ ଉଠିବା ପରେ ଖାଲି ଥିବା ତିନିରଥର ଚାରି କୋଣରେ ପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ତିନିରଥର ବଡ କଳସ ପେଣ୍ଡୀରେ ପାପ କାର୍ଯ୍ୟ ଶେଷ ହେବାସହ ଶେଷ ହୋଇଛି ୩୨ ଗୋଟି ପାଖୁଡ଼ାର ନିର୍ମାଣ କାର୍ଯ୍ୟ। ରୂପକାର ସେବକ ମାନେ ତିନିରଥର ୨୪ଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରିବା ପରେ ବାକି ୧୨ ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରୀ ରଖିବା ସହ ଶେଷ ହୋଇଥିବା କନ୍ଦର୍ପ ରୂପ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ପୋଟଳ କଂଟା ଯୋଗାଇବା ପରେ ତିନିରଥର କଳସ କଂଟା, ଦୁଆର ବେଢ଼ା ପାଇଁ କଂଟା ନିର୍ମାଣ ସହ ତିନିରଥର ଜଏଂଟ ସ୍ଥାନରେ ଏଲ କ୍ଲାମ୍ପ, ଇଉ କ୍ଲାମ୍ପ ବାଡ଼ିଆ କାର୍ଯ୍ୟ ଜାରୀ ରଖିଛନ୍ତି।

## କେନ୍ଦୁଝରରେ ଖରିଫ ପ୍ରସ୍ତୁତି ଓ କୃଷି କାର୍ଯ୍ୟର ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କୃଷି କାର୍ଯ୍ୟକ୍ରମ ଏବଂ ଆଗାମୀ ଖରିଫ-୨୦୨୬ ଋତୁ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଏହି ଗସ୍ତ ସମୟରେ ଉପ-ମୁଖ୍ୟମନ୍ତ୍ରୀ କ୍ଷେତ୍ରସ୍ତରରେ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ଏବଂ ଧାନ ନର୍ସରୀ ପ୍ରସ୍ତୁତି ଓ ରୁଆ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଲ୍ ନିନୋ ଜନିତ ଅସ୍ୱାଭାବିକ ମୌସୁମୀ ପରିସ୍ଥିତିର ସମ୍ଭାବନାକୁ ଦୃଷ୍ଟିରେ ରଖି କେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ପ୍ରସ୍ତୁତିର ମଧ୍ୟ ସେ ସମୀକ୍ଷା କରିଥିଲେ।

ସୁଚିନ୍ତିତ ଯୋଜନା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସିଂହଦେଓ କୃଷି ବିଭାଗର ଅଧିକାରୀମାନଙ୍କୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଏବଂ 'ଜିଲ୍ଲା କୃଷି ଆପଦକାଳୀନ ଯୋଜନା' କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ଚାଷ ସମୟରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମୟୋଚିତ ପରାମର୍ଶ, କୃଷି ସାମଗ୍ରୀର ପର୍ଯ୍ୟାପ୍ତ ଉପଲବ୍ଧତା ଏବଂ କ୍ଷେତ୍ରସ୍ତରୀୟ ସ୍ଥିତିର ନିରନ୍ତର ତଦାରଖ ଅତ୍ୟନ୍ତ ଜରୁରୀ। ଏହାଛଡ଼ା, ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲାରେ 'ମଡେଲ ଫାର୍ମ' (ଆଦର୍ଶ କୃଷି କ୍ଷେତ୍ର) ପ୍ରତିଷ୍ଠା ପାଇଁ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରିଥିଲେ। ଏହି ପ୍ରସ୍ତାବିତ ମଡେଲ ଫାର୍ମଗୁଡ଼ିକ କୃଷି ପ୍ରଦର୍ଶନ, ଗବେଷଣା, ପ୍ରଯୁକ୍ତିବିଦ୍ୟାର ପ୍ରସାର ଏବଂ ଚାଷୀମାନଙ୍କ ମଧ୍ୟରେ ଉନ୍ନତ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ଭାବରେ କାର୍ଯ୍ୟ କରିବ।

ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରସ୍ତୁତି ପଦକ୍ଷେପରେ ସନ୍ତୋଷ ପ୍ରକାଶ କରି ଶ୍ରୀ ସିଂହଦେଓ କହିଥିଲେ ଯେ କେନ୍ଦୁଝର ଜିଲ୍ଲା ଖରିଫ-୨୦୨୬ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଆଶା ବ୍ୟକ୍ତ କରିଛନ୍ତି ଯେ, ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ପୂର୍ବାନୁମାନ ସତ୍ତ୍ୱେ, ସମୟୋଚିତ ପଦକ୍ଷେପ ଏବଂ ସମନ୍ୱିତ ପ୍ରୟାସ ଦ୍ୱାରା ଚଳିତ ଋତୁରେ ଭଲ ଉତ୍ପାଦନ ହେବ।

ଏହି ଗସ୍ତ ସମୟରେ ତେଲକୋଇର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଡ. ଫକୀର ମୋହନ ନାଏକ ଏବଂ ପାଟଣାର ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ।

## ବିପର୍ଯ୍ୟୟ ପ୍ରଶମନ ଦିଗରେ ପ୍ରଶାସନିକ ପଦକ୍ଷେପ

କେନ୍ଦୁଝର, ୨୨/୦୬ (ନି.ପ୍ର): ହାଟଡ଼ିହି ବ୍ଲକର କରଗୋଳା, ରତକଣା ଓ ହାବେଲେଶ୍ୱର ଏବଂ ଘଷିପୁରା ବ୍ଲକର ଅତା ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ୍ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଛି। ଉକ୍ତ ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଏକ ମକଡ୍ରିଲ୍ ସହିତ କିପରି ଏହାକୁ କାର୍ଯ୍ୟରେ ଉପଯୋଗ କରାଯିବ, ତାହା ରେସ୍କ୍ୟୁ ଅପରେସନ୍ ଟିମ୍ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ କୁହାଯାଇଥିଲା। ବିଶେଷକରି ଶିଶୁ, ବୃଦ୍ଧ, ଅସହାୟ ମହିଳା, ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଗୁରୁତର ଭାବେ ସୁରକ୍ଷିତ ରଖିବା ସହ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ବିପର୍ଯ୍ୟୟ ପରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯିବ ଓ ଏହି ଅସହାୟ ଲୋକଙ୍କୁ ପ୍ରାଥମିକତା ଦିଆଯିବ, ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ବାହିନୀର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ମହିଳା ଗୋଷ୍ଠୀର ସଦସ୍ୟ ଓ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।

## ଭୁସୁଡ଼ି ପଡ଼ିଲା ଡାକ୍ତରଖାନା ପାଚେରୀ

ଭଦ୍ରକ, ୨୨/୦୬ (ନି.ପ୍ର): ମଞ୍ଜୁରୀରୋଡ଼ ଡାକ୍ତରଖାନାର ପଶ୍ଚିମ ପାଖରେ ଥିବା ପାଚେରୀର ପ୍ରାୟ ୨୦ ଫୁଟ ଲମ୍ବର କାନ୍ଥ ଭୁସୁଡ଼ି ପଡ଼ିଛି।କୌଣସି ବିଶେଷ କାରଣ ନଥାଇ ଏହି ସ୍ଥାନଟିରେ ପାଚେରୀ ଭାଙ୍ଗି ଯାଇଥିବା ଡାକ୍ତରଖାନାର କର୍ମଚାରୀଙ୍କ ସୂତ୍ରରୁ ଜଣାଯାଇଛି ।ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଏପରି ହୋଇଥିବା କୁହାଯାଇଛି।ଏହି ଡାକ୍ତରଖାନାର ଫାଟକ ନିର୍ମାଣ କାର୍ଯ୍ୟ ହେଉନଥିବା ବେଳେ ପାଚେରୀ ଭାଙ୍ଗିଯିବା ଯୋଗୁ ବୁଲା ଗୋରୁ,କୁକୁର ମାନେ ପରିସରରେ ଅବାଧ ଭାବେ ପଶି ପରିବେଶ ଦୂଷିତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି ।

## ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ୍ରି ମେସିନ୍‌ର ଉଦ୍ଘାଟନ

ଜୟପୁର, ୨୨/୦୬ (ନି.ପ୍ର): ଜୟପୁର ଓ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ଉନ୍ନତ ଓ ଆଧୁନିକ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ଠାରେ ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ୍ରି ମେସିନ୍‌ର ଶୁଭ ଉଦ୍ଘାଟନ ହୋଇଯାଇଛି।ଏହି ଅତ୍ୟାଧୁନିକ ମେସିନ୍ ମାଧ୍ୟମରେ ଗୋଟିଏ ନମୁନା ସଂଗ୍ରହରୁ ପ୍ରାୟ ୧୭,୦୦ରୁ ଅଧିକ ପ୍ରକାରର ପରୀକ୍ଷା କରାଯାଇପାରିବ। ଏହା ଦ୍ୱାରା ରୋଗ ନିରୂପଣ ପ୍ରକ୍ରିୟା ଅଧିକ ଦ୍ରୁତ, ନିର୍ଭୁଲ ଓ ସୁବିଧାଜନକ ହେବ। ପରୀକ୍ଷା ପରେ ମାତ୍ର ୫ ରୁ ୧୦ ମିନିଟ୍ ମଧ୍ୟରେ ରୋଗୀଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ଏସଏମଏସ ମାଧ୍ୟମରେ ରିପୋର୍ଟ ପଠାଯିବ, ଯାହା ରୋଗୀମାନଙ୍କ ସମୟ ସଞ୍ଚୟ ସହ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନରେ ସହାୟକ ହେବ।ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଏମଓ କୋରାପୁଟ, ବିଧାୟକ ପ୍ରତିନିଧି, ଜିଲ୍ଲାର ବରିଷ୍ଠ ଡାକ୍ତରବୃନ୍ଦ, ସେବିକା ଓ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।ବିଧାୟକ ଶ୍ରୀ ବାହିନୀପତି କହିଥିଲେ ଯେ, ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ତାଙ୍କର ପ୍ରାଥମିକତା ରହିଛି। ଜୟପୁର ଏବଂ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ଦିଗରେ ଏହି ମେସିନ୍ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ସେ ମତପ୍ରକାଶ କରିଥିଲେ।

## ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ପିଏ ଭାବରେ ମିଥ୍ୟା ପରିଚୟ ଦେଇ ଛଦ୍ମବେଶ ଏବଂ ବଟି ଆଦାୟ ଅଭିଯୋଗ: ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୧ ଜୁନ୍ (ହି.ସ.)- ବରହମପୁର ଟାଉନ ପୋଲିସ ଗୋଲନ୍ଥରା ପିଏସ୍ ପଂଚମା, ମହାନ୍ତି ଷ୍ଟ୍ରିଟ୍ ନିବାସୀ ସିସିରା ମଣ୍ଡଳଙ୍କ ପୁଅ ଜଗନ୍ନାଥ ମଣ୍ଡଳ (୨୮ ବର୍ଷ)ଙ୍କୁ ଛଦ୍ମବେଶ, ବଟି ଆଦାୟ ଏବଂ ଠକେଇ କାର୍ଯ୍ୟକଳାପ ପାଇଁ ଗିରଫ କରିଛି। ଗିରଫଦାରୀ ଭାରତୀୟ ନ୍ୟାୟ ସଂହିତାର ଧାରା ୩୪୦(୨)/ ୩୫୧(୨)(୪)/୨୯୬ ଅନୁଯାୟୀ ପଞ୍ଜିକୃତ ବରହମପୁର ଟାଉନ ପିଏସ୍ କେସ୍ ନମ୍ବର ୨୭୯ ତାରିଖ ୧୯.୦୬.୨୦୨୬ ସହିତ ଜଡିତ।ମାମଲାର ବିବରଣୀ ୧୯.୦୬.୨୦୨୬ ରେ ଅଭିଯୋଗକାରୀ ରାଜେଶ କୁମାର ପାତ୍ର (୩୩ ବର୍ଷ) ବ୍ରହ୍ମପୁର ଟାଉନ୍ ପିଏସ୍ରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ ଯେ, ୦୧.୦୪.୨୦୨୬ ରେ ରାତି ୧୦ ଟା ସମୟରେ ନୀତିନ ନବୀନ୍ ପିଏ ଭାବରେ ସେଭ୍ ହୋଇଥିବା ମୋବାଇଲ୍ ନମ୍ବର ୯୬୯୨୨୪୩୬୯୭ ରୁ ତାଙ୍କୁ ଏକ ହ୍ୱାଟ୍ସଆପ୍ କଲ୍ ଆସିଥିଲା। କଲର ଜଣକ ନିଜକୁ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷନୀତିନ ନବୀନ ଙ୍କ ବ୍ୟକ୍ତିଗତ ସହାୟକ ଭାବରେ ପରିଚୟ ଦେଇଥିଲେ ଏବଂ ଦଳୀୟ କାର୍ଯ୍ୟ ପାଇଁ ୫୦,୦୦୦ ଟଙ୍କା ଦାବି କରିଥିଲେ ଏବଂ ବିଧାୟକଙ୍କ ନିକଟରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଧମକ ଦେଇଥିଲେ।ଅନ୍ୟ ଜଣେ ଅଭିଯୋଗକାରୀ ଗଣେଶ ନାହାକ (୨୩ ବର୍ଷ) ସମାନ ଅଭିଯୋଗ ସହିତ ବଡ଼ବଜାର ପି.ଏସ.ରେ ରିପୋର୍ଟ କରିଥିଲେ। ସେ କହିଛନ୍ତି ଯେ ଟିକିଟିର ବିଧାୟକଙ୍କ ସହାୟକ ଭାବରେ କାମ କରୁଥିବା ସମୟରେ, ସେ ୦୧.୦୪.୨୦୨୬ ରେ ରାତି ୧୦:୦୦ ଟା ସମୟରେ ସେହି ନମ୍ବରରୁ ଏକ ହ୍ୱାଟ୍ସଆପ୍ କଲ୍ ପାଇଥିଲେ। କଲ୍ କରିଥିବା ବ୍ୟକ୍ତି ନିଜକୁ ନୀତିନ ନବୀନଙ୍କ ପିଏ ବୋଲି ଦାବି କରିଥିଲେ ଏବଂ ଦଳୀୟ କାର୍ଯ୍ୟ ପାଇଁ ୫୦,୦୦୦ ଟଙ୍କା ଦାବି କରିଥିଲେ। ତାଙ୍କ ପରିଚୟ ବିଷୟରେ ପଚରାଯିବାରୁ, କଲ୍ କରିଥିବା ବ୍ୟକ୍ତି ଶ୍ରୀ ନୀତିନ ନବୀନଙ୍କ ନିକଟରେ ଏକ ମିଥ୍ୟା ଅଭିଯୋଗ ଦାଖଲ କରିବାକୁ ଧମକ ଦେଇଥିଲେ।ଏହି ଅଭିଯୋଗ ଆଧାରରେ ବଡ଼ବଜାର ପିଏସ୍ କେସ୍ ନଂ. ୪୩୩ ତାରିଖ ୧୯.୦୬.୨୦୨୬ ଇଘଝ ର ସମାନ ଧାରା ଅନୁଯାୟୀ।ବନ୍ଦ ବିବରଣୀତଦନ୍ତ ସମୟରେ, ଅଭିଯୁକ୍ତଙ୍କ କବଜାରୁ ନିମ୍ନଲିଖିତ ଜିନିଷଗୁଡ଼ିକ ଜବତ କରାଯାଇଥିଲା, ଯାହା ଜାଲିଆତି କାର୍ଯ୍ୟକଳାପକୁ ନିଶ୍ଚିତ କରିଥାଏ:ଅଭିଯୋଗକାରୀଙ୍କ ଦ୍ୱାରା ଦିଆଯାଇଥିବା ସ୍କ୍ରିନସଟ୍। ଗୋଟିଏ ସାମସଙ୍ଗ ମୋବାଇଲ୍ ଫୋନ୍ ଯେଉଁଥିରେଅଭିଯୁକ୍ତଙ୍କ ସଂକ୍ଷିପ୍ତ ଇତିହାସଅଭିଯୁକ୍ତ ପୂର୍ବରୁ ବଡ଼ବଜାର ପିଏସ୍ କେସ୍ ନଂ. ୪୨୯ ତାରିଖ ୧୧.୧୨.୨୦୨୪ ଧାରା ୬୪(୧)/୩୫୧(୨)/୨୯୬/ ୧୧୫(୨) ଇଘଝ ଅନୁଯାୟୀ ଜଡିତ ଥିଲେ। ଅଭିଯୁକ୍ତକୁ ଗିରଫ କରାଯାଇ ୧୩.୧୨.୨୦୨୪ ରେ କୋର୍ଟକୁ ପଠାଯାଇଥିଲା। ଅଭିଯୁକ୍ତ ସୁରଟ ଏବଂ ବ୍ରହ୍ମପୁରରେ ଅଦଳବଦଳ ଭାବରେ ରହୁଛି ଏବଂ ପ୍ରତାରଣାମୂଳକ କାର୍ଯ୍ୟକଳାପରେ ଲିପ୍ତ ଅଛି, ଯେଉଁଥିରେ ପ୍ରମୁଖ ରାଜନୈତିକ ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିଗତ ସହାୟକ ପରିଚୟ ଦେଇ ରାଜନୈତିକ କର୍ମୀଙ୍କୁ ପ୍ରତାରଣାମୂଳକ ମିଥ୍ୟା କଲ୍ କରିବା ଅନ୍ତର୍ଭୁକ୍ତ। ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଛି। ଅଧିକ ତଦନ୍ତ ଚାଲିଛି।ଜନସାଧାରଣଙ୍କ ପାଇଁ ପରାମର୍ଶଜନସାଧାରଣଙ୍କୁ ନକଲି ଏବଂ ମିଥ୍ୟା କଲ୍ ବିରୁଦ୍ଧରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଆର୍ଥିକ ଦାବିର ଉତର ଦେବା କିମ୍ବା ସମ୍ବେଦନଶୀଳ ସୂଚନା ପ୍ରଦାନ କରିବା ପୂର୍ବରୁ ରାଜନୈତିକ ନେତା, ଦଳ କିମ୍ବା ସରକାରୀ ଅଧିକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଦାବି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପରିଚୟ ଏବଂ ପ୍ରମାଣପତ୍ର ଯାଂଚ୍ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରକାରର ଯେକୌଣସି ସନ୍ଦେହଜନକ କଲ୍ ତୁରନ୍ତ ନିକଟତମ ପୋଲିସ ଷ୍ଟେସନକୁ ରିପୋର୍ଟ କରାଯାଇପାରିବ। ଯେଉଁମାନେ କୌଣସି ଲୋକପ୍ରିୟ ରାଜନୈତିକ ନେତାଙ୍କ ବିଷୟରେ ସମାନ କଲ୍ ପାଇଛନ୍ତି ସେମାନଙ୍କୁ ନିକଟତମ ପୋଲିସ ଷ୍ଟେସନକୁ ଘଟଣା ବିଷୟରେ ରିପୋର୍ଟ କରିବାକୁ ଅନୁରୋଧ କରାଯାଇଛି।

## 'ସେଭ୍ ମାଉଣ୍ଟେନ୍ସ୍, ସେଭ୍ ଫରେଷ୍ଟସ୍, ସେଭ୍ ରିଭର୍ସ' ଶୀର୍ଷକରେ ଏକ ସାର୍ବଜନୀନ ପରାମର୍ଶ ବୈଠକ ଆୟୋଜନ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଓଡ଼ିଶାର ପର୍ବତ, ଜଙ୍ଗଲ ଓ ନଦୀଗୁଡ଼ିକର ସୁରକ୍ଷା ପାଇଁ ଆଗକୁ ଆସିଛି 'ଆଗାମୀ ଓଡ଼ିଶା'। 'ସେଭ୍ ମାଉଣ୍ଟେନ୍ସ୍, ସେଭ୍ ଫରେଷ୍ଟସ୍, ସେଭ୍ ରିଭର୍ସ' ଶୀର୍ଷକରେ ଏକ ସାର୍ବଜନୀନ ପରାମର୍ଶ ବୈଠକ ଆୟୋଜନ କରାଯାଇଛି। ଏହି ଆଲୋଚନାରେ ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ନେଇ ପରିବେଶବିତ୍ ନିଜର ମତ ପ୍ରକାଶ କରିଛନ୍ତି । ଓଡ଼ିଶାର ପ୍ରାକୃତିକ ସମ୍ପଦ ଏବେ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ଅନିୟନ୍ତ୍ରିତ ଖଣି ଖନନ, ଜଙ୍ଗଲ କଟା, ନଦୀ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପରିବେଶ ଉପରେ ବଢୁଛି ଚାପ। ଏହି ପରିସ୍ଥିତିରେ ପ୍ରକୃତି ସୁରକ୍ଷାକୁ ନେଇ ସଚେତନତା ସୃଷ୍ଟି କରିବା ସହ ଲୋକମାନଙ୍କ ମତାମତ ସଂଗ୍ରହ ପାଇଁ 'ଆଗାମୀ ଓଡ଼ିଶା' ପକ୍ଷରୁ ଏକ ସାର୍ବଜନୀନ ପରାମର୍ଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। 'ସେଭ୍ ମାଉଣ୍ଟେନ୍ସ୍, ସେଭ୍ ଫରେଷ୍ଟସ୍, ସେଭ୍ ରିଭର୍ସ' ଶୀର୍ଷକରେ ଆୟୋଜିତ ଏହି ବୈଠକରେ ପରିବେଶ ବିଶେଷଜ୍ଞ, ଶିକ୍ଷାବିତ୍, ସମାଜସେବୀ, ନୀତି ନିର୍ଦ୍ଧାରକ ଉପସ୍ଥିତ ଥିଲେ । ଓଡ଼ିଶାର ପ୍ରାକୃତିକ ଐତିହ୍ୟକୁ କିପରି ସୁରକ୍ଷିତ ରଖାଯାଇପାରିବ, ସେ ନେଇ ଏଠାରେ ବିସ୍ତୃତ ଆଲୋଚନା ଆଲୋଚନା କରାଯାଇଛି । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ପୂର୍ବତନ ଡିଜିପି ଏ.ବି. ତ୍ରିପାଠୀ, ପୂର୍ବତନ ବିକାଶ କମିଶନର ସଞ୍ଜୀବ ହୋତା ଓ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ତେଣୁ ଓଡ଼ିଶାର ପାହାଡ଼, ଜଙ୍ଗଲ ଓ ନଦୀକୁ ସୁରକ୍ଷିତ ରଖିବା ପାଇଁ ସାମୂହିକ ପଦକ୍ଷେପ ଓ ସଚେତନତା ହିଁ ସମୟର ଆବଶ୍ୟକତା ବୋଲି ଆୟୋଜକମାନେ କହିଛନ୍ତି।

## ଜୁନ୍ ୨୪ରେ ରାଜ୍ୟବ୍ୟାପୀ ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ଶାସନ କାଳ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜୁନ୍ ୨୪, ୨୦୨୬ରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ରାଜ୍ୟବ୍ୟାପୀ 'ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ' ଆରମ୍ଭ କରାଯିବ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ନାଗରିକମାନଙ୍କ ସହ ସମ୍ପର୍କକୁ ଅଧିକ ଦୃଢ଼ କରିବା, ସହରୀ ବିକାଶ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତାଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ ଓଡ଼ିଶାର ସହରାଂଚଳର ଭବିଷ୍ୟତକୁ ସମୃଦ୍ଧ କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା । ଏହି ପରିପ୍ରେକ୍ଷୀରେ, ରାଜ୍ୟ ସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ପୁରୀ ପୌରପାଳିକାର ଟାଉନ୍ ହଲ୍‌ଠାରେ ଅପରାହ୍ନ ୩:୩୦ ମିନିଟ୍‌ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଗରିମାମୟ ଉପସ୍ଥିତିରେ ଅନୁଷ୍ଠିତ ହେବ । ଏହା ସହିତ ସମାନ୍ତରାଳ ଭାବେ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା, ଯେପରିକି ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଂଚଳ ପରିଷଦ ଗୁଡ଼ିକରେ ମଧ୍ୟ ସମାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯାହାଫଳରେ ତୃଣମୂଳ ସ୍ତରରେ ନାଗରିକମାନଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରାଯାଇପାରିବ । ଏହି କାର୍ଯ୍ୟକ୍ରମ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ – ସମାବେଶୀ ସହର – ସ୍ଥାୟୀ ସହରାଂଚଳ ଭବିଷ୍ୟତ" ବିଷୟବସ୍ତୁ ଆଧାରରେ ଆୟୋଜିତ ହେଉଛି । ବିଗତ ଦୁଇ ବର୍ଷ ମଧ୍ୟରେ ସହରାଂଚଳର ବିଭିନ୍ନ କ୍ଷେତ୍ର ଯେପରିକି ପାନୀୟ ଜଳ ଯୋଗାଣ, ପରିମଳ, ସୁଲଭ ମୂଲ୍ୟରେ ବାସଗୃହ, ସହରୀ ଭିତ୍ତିଭୂମି, ସାଧାରଣ ପରିବହନ ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିକୁ ସାମ୍ନାକୁ ଆଣି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ନାଗରିକମାନଙ୍କ ମଧ୍ୟରେ ଥିବା ସୂଚନାଗତ ବ୍ୟବଧାନକୁ ଦୂର କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଅଟେ । ଏହି ସମ୍ପର୍କ ଅଭିଯାନ ନାଗରିକ ଓ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ସୁଦୃଢ଼ କରିବା ସହ 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭ ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିକାଶ ଯାତ୍ରାରେ ଜନସାଧାରଣଙ୍କ ମଧ୍ୟରେ ମାଲିକାନା ଭାବନା ଜାଗ୍ରତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାଗରିକମାନଙ୍କୁ ପ୍ରମୁଖ ସହରୀ ବିକାଶ ପ୍ରକଳ୍ପ, ଚାଲୁ ରହିଥିବା ଜନକଲ୍ୟାଣକାରୀ ଯୋଜନା ଏବଂ ସହରାଂଚଳ ରୂପାନ୍ତରଣ ପାଇଁ ସରକାରଙ୍କ ଆଗାମୀ ରୋଡ୍‌ମ୍ୟାପ୍ ବିଷୟରେ ଅବଗତ କରାଯିବ। ଏହି ଅବସରରେ 'ସହଯୋଗ' ଯୋଜନା ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସ୍ୱଚ୍ଛ ସାର୍ବଜନୀନ ବଣ୍ଟନ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟାଦେଶ, ମଞ୍ଜୁରୀ ପତ୍ର ଏବଂ ଅଧିକାର ଦଲିଲ ପ୍ରଦାନ କରାଯିବ । ଏହାସହ ସହରୀ ଜୀବନଧାରଣର ମାନ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ସଫେଇ କର୍ମଚାରୀ, ଟ୍ୟାକ୍ସ ସଂଗ୍ରହକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀଗତ ସହଭାଗୀ ଏବଂ ଅନ୍ୟାନ୍ୟ ସମ୍ମୁଖଭାଗର ସହରୀ ସେବା ପ୍ରଦାନକାରୀଙ୍କ ଅବଦାନକୁ ସ୍ୱୀକୃତି ଦିଆଯିବା ସହ ସେମାନଙ୍କୁ ସମ୍ମାନିତ କରାଯିବ । ଅଂଶଗ୍ରହଣମୂଳକ ଶାସନକୁ ପ୍ରୋତ୍ସାହିତ କରିବା ପାଇଁ, ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଛଜ କୋଡ୍ ଆଧାରିତ ଡିଜିଟାଲ୍ ମତାମତ ପ୍ଲାଟଫର୍ମ ସହିତ ଭୌତିକ ମତାମତ କାଉଣ୍ଟରଗୁଡ଼ିକର ଶୁଭାରମ୍ଭ କରାଯିବ । ନାଗରିକମାନେ ନିଜର ପରାମର୍ଶ ଦେଇପାରିବେ, ଭିତ୍ତିଭୂମିର ଅଭାବ ବିଷୟରେ ଜଣାଇପାରିବେ ଏବଂ ସହରୀ ସେବା ଉପରେ ନିଜର ମତାମତ ଦେଇପାରିବେ, ଯାହା ଶାସନ ପ୍ରକ୍ରିୟାରେ ନାଗରିକମାନଙ୍କର ତତ୍କାଳ ଭାଗିଦାରୀକୁ ସମ୍ଭବ କରିବ । ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଦ୍ୱାରା ଓଡ଼ିଶାର ସହରାଂଚଳ ରୂପାନ୍ତରଣ ଯାତ୍ରା ଉପରେ ଏକ ଉପସ୍ଥାପନା ପ୍ରଦାନ କରାଯିବ । ଏଥିସହ ପାନୀୟ ଜଳ ଯୋଗାଣ, ଗୃହ ନିର୍ମାଣ, ପରିମଳ, ସାଧାରଣ ପରିବହନ, ମେଟ୍ରୋ ଭିଜନ ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ହାସଲ ହୋଇଥିବା ସଫଳତାକୁ ନେଇ ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ ।

## ସାଂସଦ ଚିକିତ୍ସା ଶିବିର ମୋତେ ଦିଏ ଆତ୍ମସନ୍ତୋଷ: ଅପରାଜିତା

## ସରକାରଙ୍କ ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଦେଲେ ସାଂସଦ

ଭୁବନେଶ୍ୱର, ୨୨/୦୬ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରୟାସ ରେ ତାଙ୍କ ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଂଚଳରେ ଆରମ୍ଭ ହୋଇଥିବା ସାଂସଦ ଚିକିତ୍ସା ଶିବିର ଧୀରେ ଧୀରେ ହେବାକୁ ଲାଗିଛି ବେଶ୍ ଲୋକପ୍ରିୟ ।ସେବା ଓ ବିକାଶ ର ମୂଳ ମନ୍ତ୍ର କୁ ପାଥେୟ କରି ରାଜନୀତି କରିବାକୁ ଗୁରୁତ୍ୱ ଦେଉଥିବା ନେଇ ପୁନର୍ବାର କହିବା ସହିତ, ବାଲିପାଟଣାରେ ଷଷ୍ଠ ସାଂସଦ ଚିକିତ୍ସା ଶିବିର ଆୟୋଜନ ଅବସରରେ ଏହା ତାଙ୍କୁ ଆତ୍ମ ସନ୍ତୋଷ ଦେଉଥିବା ନେଇ କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏଥିସହିତ ଏଭଳି ଲୋକ ହିତକର କାମରେ ସରକାରଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି ସାଂସଦ। ଗତ ଜାନୁଆରୀ ୭ତାରିଖ ୨୦୨୬ ରେ ଦେଘୁଣିଆରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ପ୍ରତ୍ୟେକ ମାସର ତୃତୀୟ ରବିବାର ରେ ,ବାଲିଅନ୍ତା, ଚନ୍ଦକା, କୁହୁଡ଼ି ଏବଂ ବୋଲଗଡ଼ରେ ସଫଳତାର ସହ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।ଯେଉଁଠାରେ ହଜାର ହଜାର ଲୋକ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ମାଗଣା ଔଷଧ ପାଇ ଉପକୃତ ହୋଇଥିଲେ ।ଚଳିତ ଜୁନ ମାସରେ ଏହି ଷଷ୍ଠ ସାଂସଦ ଚିକିତ୍ସା ଶିବିର ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମ ପଂଚାୟତର ପି.ଏମ୍. ଶ୍ରୀ ବନମାଳୀପୁର ହାଇସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ ।ଏହି ଅବସରରେ ସାଂସଦ କହିଥିଲେ ଯେ, ୨୦୧୯ ମସିହାରେ ଭୁବନେଶ୍ୱରବାସୀଙ୍କ ଆଶୀର୍ବାଦରେ ସାଂସଦ ଭାବେ ନିର୍ବାଚିତ ହେବା ପରଠାରୁ ତାଙ୍କର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ମୌଳିକ ସୁବିଧା ଯୋଗାଇଦେବା। ପ୍ରତ୍ୟେକ ପରିବାର କିପରି ବାସଗୃହ, ସଡ଼କ, ବିଦ୍ୟୁତ୍ ସୁବିଧା ପାଇବେ ଏବଂ ସମସ୍ତେ କିପରି ସୁସ୍ଥ ଓ ନିରାମୟ ଜୀବନ ବିତାଇବେ, ସେଥିପାଇଁ ସେ ନିରନ୍ତର କାର୍ଯ୍ୟ କରୁଛନ୍ତି।

# ମନ୍ତ୍ରମୁଗ୍ଧ ଟିମ୍ ତରଫରୁ ହସ, ପ୍ରେମ ଏବଂ ଏକତାର ୫୦ ଦିନ ପୂର୍ତ୍ତି ଉତ୍ସବ ପାଳିତ

## ୫୦ ଦିନର ସଫଳତା ପରେ ମନ୍ତ୍ରମୁଗ୍ଧ ଚଳଚ୍ଚିତ୍ର ଟିମ୍ ତରଫରୁ ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକମାନଙ୍କ ସହିତ ଖୁସିର ମୁହୂର୍ତ୍ତ ପାଳନ ହେଉଛି



ଭୁବନେଶ୍ୱର, ୨୨/୬ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଅମୀୟ ପଟ୍ଟନାୟକ ପ୍ରଡ଼କସନର ଅବଦାନ ଅତୁଳନୀୟ । ଅମୀୟ ପଟ୍ଟନାୟକ ପ୍ରଡ଼କସନରେ ପୂର୍ବରୁ ପ୍ରସ୍ତୁତ ପ୍ରତ୍ୟେକ ଓଡ଼ିଆ ଚଳଚ୍ଚିତ୍ର କାଳଜୟୀ ହୋଇ ରହିଥିବା ବେଳେ ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ପ୍ରତ୍ୟେକ ଓଡ଼ିଆ ଚଳଚ୍ଚିତ୍ର ସେହି ଧାରାରେ ଆଗକୁ ବଢ଼ିବାରେ ଲାଗିଛି ଯାହା ମାଇଲଖୁଣ୍ଟ ହୋଇ ରହିବ । ପ୍ରଥମ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାତେଇ ସାରା ରାଜ୍ୟ ପାଇଁ ଖୁସି ଆଣିଦେଇଥିଲା, ସେହିପରି 'କର୍ମ' ବ୍ୟବସାୟିକ ସଫଳତା ହାସଲ କରି ଆଗକୁ ବଢ଼ିବାରେ ଉତ୍ସାହ ଯୋଗାଇଥିଲା । ମେ ୧ ତାରିଖରେ ମୁକ୍ତିଲାଭ କରିଥିବା ମନ୍ତ୍ରମୁଗ୍ଧ ଦୀର୍ଘ ୫୦ ଦିନ ହେଲା ସାରା ଓଡିଶାର ଦର୍ଶକଙ୍କ ମନମୁଗ୍ଧ କରିବାରେ ଲାଗିଛି । କୌଣସି ପର୍ବ କିମ୍ୱା କୌଣସି ସୁପରଷ୍ଟାରଙ୍କୁ ନେଇ ମନ୍ତ୍ରମୁଗ୍ଧ ନିର୍ମାଣ ହୋଇନଥିବା ବେଳେ ଓଡିଶା ସମେତ ସାରା ଭାରତରେ ବେଶ ଆଦୃତ ହୋଇଛି । ଚିରାଚରିତ ଚଳଚ୍ଚିତ୍ର ନିର୍ମାଣ ଧାରାଠାରୁ ଭିନ୍ନ ଏବଂ ମଜାଦାର କାହାଣୀ ଓଡ଼ିଆ ସିନେପ୍ରେମୀଙ୍କୁ ମୁଗ୍ଧ କରିପାରିଛି । ଓଡ଼ିଆ ସିନେ ଦର୍ଶକଙ୍କର ଅପେକ୍ଷା ଥାଏ ରଜ ପର୍ବ କୁ । ରଜ ଆସିଲା ଏବଂ ଓଡ଼ିଆ ସୁପରଷ୍ଟାର, ରିଅଲଷ୍ଟାରଙ୍କୁ ନେଇ ତିନିଟି ନୂଆ ଚଳଚ୍ଚିତ୍ର ମଧ୍ୟ ମୁକ୍ତିଲାଭ କଲା । ତେବେ ମନ୍ତ୍ରମୁଗ୍ଧ ପ୍ରତି କୌଣସି ପ୍ରଭାବ ପଡି ନଥିଲା । ମନ୍ତ୍ରମୁଗ୍ଧର କାହାଣୀ ଏବଂ ନିର୍ମାଣ ଶୈଳୀ ଏପରି ଯେ ଦର୍ଶକ ଆପେ ଟାଣି ହେଉଥିଲେ । ଥରେ ନୁହେଁ ବରଂ ଏକାଧିକ ଥର ଦେଖିବାକୁ ଦର୍ଶକଙ୍କର ଭିଡ଼ ଜମୁଛି । ମୁଖ୍ୟ ଭୂମିକାରେ ଅଭିନେତା ସନୋଜ, ମନ୍ମୟ, ସାର୍ଥକ, ସୂର୍ଯ୍ୟମୟୀ, ଭୂମିକା ଏବଂ ଦୀପନ୍ୱିତ ଭଳି କଳାକାର ମନ୍ତ୍ରମୁଗ୍ଧ କରୁଛନ୍ତି । ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ଅନୁରାଗ ପଣ୍ଡା, ସଙ୍ଗୀତ ପଟ୍ଟନାୟକ ଓ ରୋମୀୟାଜ ପ୍ରଧାନଙ୍କ ଭଳି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଆଶିଷ ପ୍ରଧାନ ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ହଜିଗଲା କାହିଁ ବଇଁଶୀ କାହ୍ନା' ଗୀତରେ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଜଣେ ଅତିଥି କଳାକାର ଭାବେ ଖୁବ ସୁନ୍ଦର ନୃତ୍ୟ କରି ଦର୍ଶକଙ୍କୁ ଅଭିଭୂତ କରିଛନ୍ତି । ଏହି ଚଳଚ୍ଚିତ୍ରର ମୁଖ୍ୟ ଅଙ୍ଗ ଥିଲା ପ୍ରଚାର ଓ ପ୍ରସାର । ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଏବଂ ଟିମ୍ ଙ୍କୁ ପ୍ରଯୋଜନା ସଂସ୍ଥା ତରଫରୁ ଶ୍ରେୟ ଦିଆଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ ଚନ୍ଦ୍ର ଘଡ଼ାଇ, ଏବଂ ଟେକ୍ନୋଆର୍ଟ ପ୍ରଡ଼କସନ ଟିମ୍ ର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ମନ୍ତ୍ରମୁଗ୍ଧ ଆଜି ସଫଳତା ପାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲକ୍ଷ୍ନୌର କୋଚିଂ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ପାଇଁ ୨-୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦-୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏଥିସହ ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୫-୫ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଉପ ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି, "ଏହା ଗୋଟିଏ ୩ ମହଲା ବିଶିଷ୍ଟ କୋଠା । ପ୍ରଥମେ ଉପର ମହଲାରେ ଅଗ୍ନିକାଣ୍ଡ ଘଟିଥିଲା ଓ ତୁରନ୍ତ ଅନ୍ୟ ସ୍ଥାନକୁ ବ୍ୟାପିଥିଲା । ଉଦ୍ଧାର କାର୍ଯ୍ୟ ପାଇଁ ବିଲଡିଂର କିଛି ଝରକାକୁ ଭଙ୍ଗା ଯାଇଛି ।"ଅଗ୍ନିକାଣ୍ଡ ଯୋଗୁ ଅନେକ ଲୋକ ଓ ପିଲାମାନେ ବିଲଡିଂ ମଧ୍ୟରେ ଫସି ରହିଥିବା କୁହାଯାଉଛି । ଆଉ ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ୫ରୁ ୭ ଜଣ ଯୁବକ ବିଲଡିଂର ଉପର ମହଲାରୁ ତଳକୁ ଡେଇଁଛନ୍ତି । ଜଣଙ୍କ ହାତ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟମାନେ ମଧ୍ୟ ଆହତ ହୋଇଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀମାନଙ୍କୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରି ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### 'ସୂର୍ଯ୍ୟଗ୍ରାମ' ହେବ ପାହାଡ଼ପୁର...

ବେଳେ ୮୫ ପରିବାର କଚ୍ଚାଘରେ ରହୁଛନ୍ତି । ଗାଁର ସମସ୍ତ ପରିବାରକୁ ଖୁବ୍ ଶୀଘ୍ର ସୂର୍ଯ୍ୟ ଗ୍ରାମ ଯୋଜନାରେ ସାମିଲ କରାଯିବ ବୋଲି ସୂଚନା ଦେଇଛନ୍ତି ବିଦ୍ୟୁତ୍ ବିଭାଗର ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ । ରାଷ୍ଟ୍ରପତିଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ପାହାଡ଼ପୁରକୁ ଆସି ଦେଇଛନ୍ତି ବଡ଼ ଉପହାର । ଦେଶର ପ୍ରଥମ ସୌର ଗ୍ରାମ ହୋଇ କୋଣାର୍କର ସୂର୍ଯ୍ୟମନ୍ଦିର ଭଳି ଚମକିବ ପାହାଡ଼ପୁର । ଦୁର୍ଗମ ଅଞ୍ଚଳର ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପାହାଡ଼ପୁରର ରୂପରେଖରେ ବଡ଼ ପରିବର୍ତ୍ତନ ଆଣିବ । ମୟୂରଭଞ୍ଜ ଇତିହାସରେ ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିବ ।

### ସକ୍ରିୟ ହେଲା...

ଓଡିଶା ଛୁଇଁବା ପରଠାରୁ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଛି । ଗତ ୧ ତାରିଖରୁ ୨୧ ତାରିଖ ମଧ୍ୟରେ ରାଜ୍ୟରେ ମାତ୍ର ୬୭ ମିମି ବର୍ଷା ରେକର୍ଡ ହୋଇଛି । ଏହା ସ୍ୱାଭାବିକ ବର୍ଷା ତୁଳନାରେ ୪୭ ପ୍ରତିଶତ କମ୍ ରହିଛି । ୧୧ ଟି ଜିଲ୍ଲାରେ ଏବେ ବି ନିଅଣ୍ଟିଆ ସ୍ଥିତି ଲାଗି ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଉତ୍ତର ସୀମା ଏବେ ବଲାଙ୍ଗୀର ଏବଂ ବରଗଡ଼ର ଅଳ୍ପ ଅଂଶ; ନବରଙ୍ଗପୁର ଏବଂ ଝାରସୁଗୁଡ଼ାର କିଛି ଅଂଶ, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ର ଅଧିକାଂଶ ଅଂଶ ଦେଇ ଅତିକ୍ରମ କରିଛି । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶାର ଅବଶିଷ୍ଟ ଅଂଶକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆହୁରି ଅଧିକ ଅଗ୍ରସର ହେବା ପାଇଁ ପରିସ୍ଥିତି ଅନୁକୂଳ ଅଛି ।

### ୧୦ ବର୍ଷରେ ଇସ୍ତଫା ଦେବାରେ...

ଷ୍ଟାର୍ମର ଜୁଲାଇ ୨୦୨୪ ସାଧାରଣ ନିର୍ବାଚନରେ ୧୭୪ ଆସନ ସହିତ ଏକ ବିଶାଳ ବିଜୟ ହାସଲ କରିଥିଲେ । ତଥାପି, ଗତ କିଛି ମାସ ଧରି ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ଅନେକ ବିବାଦର ସମ୍ମୁଖୀନ ହୋଇଛି । ଯେଉଁଥିରେ ଦୋଷୀ ସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟାଇନଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ପୂର୍ବରୁ ଜାଣିବା ସତ୍ତ୍ୱେ ବରିଷ୍ଠ ଲେବର ପାର୍ଟି ନେତା ପିଟର ମାଣ୍ଡେଲସନଙ୍କୁ ଆମେରିକାରେ ବ୍ରିଟିଶ ରାଷ୍ଟ୍ରଦୂତ ଭାବରେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଥିଲା ।ଏହା ବ୍ୟତୀତ, ଟିକସ ଏବଂ ସାମାଜିକ ସୁବିଧା ସମ୍ପର୍କରେ ସରକାରଙ୍କ କିଛି ନିଷ୍ପତ୍ତି ଏବଂ ପରବର୍ତ୍ତୀ ସମୟରେ ୟୁ-ଟର୍ଣ୍ଣ ମଧ୍ୟ ସରକାରଙ୍କ ପ୍ରତିଛବିକୁ କ୍ଷତି ପହଞ୍ଚାଇଛି । ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଆଣ୍ଡି ବର୍ନହାମ ଉପନିର୍ବାଚନରେ ବିଜୟୀ ହେବା ପରେ ବିଜୟକୁ ଲେବର ପାର୍ଟିର ପରିବର୍ତ୍ତନ ପାଇଁ ଶେଷ ସୁଯୋଗ ବୋଲି ଘୋଷଣା କରିଥିଲେ । ସେ ବ୍ରିଟେନ ପାଇଁ ଏକ ନୂତନ ପଥ ଆପଣେଇବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଟ୍ରିକଲ୍-ଡାଉନ୍ ଅର୍ଥନୀତିର ଅନ୍ତ ପାଇଁ ମଧ୍ୟ ଆହ୍ୱାନ ଦେଇ ଯୁକ୍ତି ଦେଇଥିଲେ ଯେ ଏହି ଅର୍ଥନୈତିକ ନୀତିର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିନାହିଁ ।

### ବଦଳିଲା ୬୪ ସ୍ଥାନର...

ପୂର୍ବରୁ କ୍ୟାବିନେଟ ବୈଠକରେ ଏନେଇ ନିଷ୍ପତି ହୋଇଥିଲା । ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ବଦଳରେ ଅନୁଗୁଳ, ଖୋରଧା ବଦଳରେ ଖୋର୍ଦ୍ଧା , ବରଗର ବଦଳରେ ବଡଗଡ଼ ଉଚ୍ଚାରଣ କରାଯିବ । ସେହିପରି ଦେଓଗର ହୋଇଛି ଦେବଗଡ଼, କେନ୍ଦ୍ରାପରା ନୁହେଁ କେନ୍ଦ୍ରାପଡ଼ା , ଆଠଗର ହୋଇଛି ଆଠଗଡ଼ ।

# ଲୋୟର ପିଏମଜିରେ ସ୍ୱାସ୍ଥ୍ୟ ମିତ୍ରଙ୍କ ବିରାଟ ଆନ୍ଦୋଳନରେ ଯୋଗଦେଲେ ଭକ୍ତ ଦାସ

ଭୁବନେଶ୍ୱର, ୨୨/୬ (ନି.ପ୍ର): ଲୋୟର ପିଏମ୍‌ଜି ଠାରେ ଆନ୍ଦୋଳନରତ ସ୍ୱାସ୍ଥ୍ୟ ମିତ୍ରମାନଙ୍କ ଆନ୍ଦୋଳନକୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଛଟେଇ କରି ସେମାନଙ୍କର ଜୀବିକା ଛଡ଼ାଇ ନେବା ଅନ୍ୟାୟ । ସରକାର ସେମାନଙ୍କ ଅବଦାନକୁ ସମ୍ମାନ ଦେବା ସହ ରୋଜଗାର ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବା ନିହାତି ଆବଶ୍ୟକତା ଅଛି । ଏହି ସରକାର ପ୍ରତ୍ୟେକ ଶ୍ରମଜୀବୀ ଓ କର୍ମଚାରୀଙ୍କୁ କେବଳ ଛଟେଇ କରିବା ଜାଣିଛି । ବେସରକାରୀ କମ୍ପାନୀଙ୍କୁ ସୁହାଇଲା ଭଳିଆ କଂଟ୍ରାକଚୁଆଲ ଓ ଅସ୍ଥାୟୀ ସରକାରୀର ଯୁଗ ଆରମ୍ଭ କରିଛି । ଟାଟା କମ୍ପାନୀରେ କାର୍ଯ୍ୟରତ ୧୦ ହଜାର କର୍ମଚାରୀଙ୍କୁ କମ୍ପାନୀ ରାତାରାତି ଛଟେଇ କରିଦେବାକୁ ଘୋଷଣା କଲା । କର୍ମଚାରୀ ପ୍ରଚଣ୍ଡ ଖରା ଗରମରେ ମାସାଧିକ କାଳ ଆନ୍ଦୋଳନ କଲେ । ସରକାରଙ୍କ ସାମାନ୍ୟ ମାନବିକତା ମଧ୍ୟ ନାହିଁ । ରାଜ୍ୟରେ କାର୍ଯ୍ୟ କରୁଥିବା କୌଣସି ବର୍ଗର କର୍ମଚାରୀ ସରକାର ଉପରେ ସନ୍ତୁଷ୍ଟ ନୁହନ୍ତି । ସରକାର ରାଜ୍ୟ ଶାସନ ଚଳାଇବାରେ ସମ୍ପୂର୍ଣ ବ୍ୟର୍ଥ ହୋଇଛନ୍ତି । ରାଜକୋଷରେ ଟଙ୍କା ନାହିଁ । ଏପରିକି ବୃଦ୍ଧ ବୃଦ୍ଧାଙ୍କ ଭତ୍ତା ଦେବାକୁ ଅସମର୍ଥ । ଆଗକୁ କର୍ମଚାରୀଙ୍କୁ ଦରମା ଦେବା ମଧ୍ୟ ସମ୍ଭବ ହେବ ନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ ବିଭାଗ ଏଥିରେ ମଧ୍ୟ ସରକାର ଗମ୍ଭୀର ନୁହନ୍ତି । ସମସ୍ତ କର୍ମଚାରୀ ସଙ୍ଘକୁ ଏକଜୁଟ ହୋଇ ସରକାରଙ୍କ ମନମାନୀ ନୀତି ବିରୋଧରେ ଲଢେଇ କରିବାକୁ ପଡ଼ିବ ବୋଲି ଶ୍ରୀ ଦାସ କହିଛନ୍ତି ।

# ସାହିତ୍ୟ ଅକାଡେମୀ ଓ ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ




ଆଳି , ୨୨/୬ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସାହିତ୍ୟ ଏକାଡେମୀ ଓ ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଲଭଦ୍ରପୁରସ୍ଥିତ ବାପୁଜୀ ବିଦ୍ୟାଶ୍ରମ ପରିସରରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦର ସଭାପତି କବି ସହଦେବ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ବୀର କିଶୋର ପରିଡାଯୋଗ ଦେଇ ଗ୍ରାମାଞ୍ଚଳ ରେ ସାହିତ୍ୟ ର ଉନୟତି ପାଇଁ ଗ୍ରାମାଲୋକ କାର୍ଯ୍ୟକ୍ରମ ଏକ ସଫଳ ପ୍ରୟାସ କହିବା ସହଗ୍ରାମୀଣ ସମାଜ ରେ ସାହିତ୍ୟ ଓ ସଂକୃତି ର ପ୍ରଭାବ ବିଷୟରେ ଆଲୋକ ପାତ କରିଥିଲେ । ଅନୁଷ୍ଠାନ ର ସମ୍ପାଦକ କବି ନୃସିଂହ ଚରଣ ତରାଇ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପ୍ରମୋଦ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ହଂସୁଆ କଳା ପ୍ରତିଷ୍ଠାନର ପ୍ରତିଷ୍ଠାତା ଶତ୍ରୁଘନ ତାରାଇଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀ ମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ ।ନୃସିଂହ ତରାଇ, ବନମାଳି ସେନାପତି, ପବିତ୍ର ବ୍ରହ୍ମପୁତ୍ର ନାୟକ ଓ ହେମନ୍ତ ରାଉତ, ପ୍ରମୋଦ ମଲ୍ଲିକ ,ପ୍ରେମାନନ୍ଦ ଖଣ୍ଡୁଆଳ ପ୍ରମୁଖ ସାହିତ୍ୟ ଏକାଡେମୀ ତରଫରୁ ନିମନ୍ତ୍ରିତ ହୋଇ କବିତା ପାଠ ସହ ଗ୍ରାମୀଣ ସାହିତ୍ୟ, ସଂସ୍କୃତି ଓ ଲୋକଜୀବନର ସୁରକ୍ଷା ଏବଂ ପ୍ରସାର ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବି, ସାହିତ୍ୟିକ, ଗବେଷକ, ଶିକ୍ଷାବିତ୍ ଓ ସାହିତ୍ୟ ପ୍ରେମୀମାନେ ଯୋଗଦେଇ ନିଜସ୍ୱ ରଚନା କବିତା ପାଠ କରିଥିଲେ । ପ୍ରାୟ ୪୦ରୁ ଉର୍ଦ୍ଧ କବି ଓ ସାହିତ୍ୟିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କବି ପୂଜାଶ୍ରୀ ସେଠି, ଖଗେଶ୍ୱର ମହାନ୍ତି,ପ୍ରଦୀପ ନାୟକ, ସନ୍ତୋଷ ପତି, ସନ୍ଧ୍ୟାରାଣି ପରିଡ଼ା, ଜୟରାମ ସାହୁ , ଅକ୍ଷୟ ବିଶ୍ୱାଳ ପ୍ରମୁଖ କବିତା ଆବୃତ୍ତି କରିଥିଲେ । ପୂଜଶ୍ରୀ ସେଠି କବିତାଗୁଡିକଆବୃତ୍ତି ର ସଂଯୋଜନା କରିଥିଲେ । ଶେଷରେ ଡ଼. ସରୋଜ କାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଗ୍ରାମୀଣ ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ଆଗକୁ ନେବାର ସଂକଳ୍ପ ସହ କାର୍ଯ୍ୟକ୍ରମର ସମାପନ ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମରେ ସୁଶାନ୍ତ ମଲ୍ଲିକ,ଶଶି ଭୂଷଣ କୁଣ୍ଡ,ଆନନ୍ଦ ମଲ୍ଲିକ, ଅଦ୍ୱୈତ ମଲ୍ଲିକ,ରବୀନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧକ୍ଷଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଆସିଲା ୧୮୨ଟି ଅଭିଯୋଗ



ଜଳେଶ୍ୱର, ୨୨/୬ (ନି.ପ୍ର): ଜଳେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧକ୍ଷଙ୍କ ଯୁଗ୍ମ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ମୋଟ ୧୮୨ ଟି ଅଭିଯୋଗର ଶୁଣାଣି ହୋଇଥିଲା ।ଏହି ଜନଶୁଣାଣୀରେ ଜଳେଶ୍ୱର ସହରର ଷ୍ଟେସନ ଛକ,ବଡ ବଜାର ଛକ,ନୂଆ ବଜାର ଛକ ତଥା ତହସିଲ ପୋଖରୀ ପାଖ ପିଡବ୍ଲୁଡି ରାସ୍ତାକୁ ଜବରଦଖଲ ମୁକ୍ତ କରିବା,ବିଭିନ୍ନ ପଞ୍ଚାୟତରେ ପିଇବା ପାଣି ସମସ୍ୟାକୁ ସମାଧାନ,କରିବା,ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ଦୁର୍ବଳ ନଦୀବନ୍ଧର ମରାମତି, ବିଭିନ୍ନ ପଞ୍ଚାୟତରେ ସରକାରୀ ରାସ୍ତା ଅବରୋଧ,ବର୍ତ୍ତନା ପଞ୍ଚାୟତରେ ନୂତନ ଆର ଡି ରାସ୍ତା ନିର୍ମାଣ, ଟ୍ରାକ୍ଟର ଓ ଡମ୍ଫର ସାହାଯ୍ୟରେ ବେଆଇନ ଚୋରା ବାଲି ପରିବହନକୁ ବନ୍ଦ କରିବା, ଜଳେଶ୍ୱର ମ୍ୟୁନିଶିଲିପାଲଟି ର ବିଭିନ୍ନ ୱାର୍ଡ ରେ ପାଣି ନିସ୍କାସନ ସଂପର୍କରେ,ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା କାର୍ଯ୍ୟ,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ବନ୍ଧରେ,ଆବାସ ଯୋଜନାର ହିତାଧିକାରୀ ମାନେ ଠିକ୍ ସମୟର ତାଙ୍କର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୋକ୍ତି ଯୋଜନାରେ ଅର୍ଥ ନ ପାଇବା, ଘରବାଡ଼ି ପଟ୍ଟା ଓ ରାସନ କାଡ ସମ୍ବନ୍ଧୀୟ ଅଭିଯୋଗ, ସରକାରି ଚାକିରି କରି ବାଲି ଚୋରି,ଜଳେଶ୍ୱର ପଶ୍ଚିମବାଡ ରାସ୍ତାର ବଢୁଥିବା ଚୋରି ସମ୍ବନ୍ଧରେ,ଅନେକ ଭତ୍ତା ହିତାଧିକାରୀ ମାନେ ବ୍ୟାଙ୍କକୁ ଟଙ୍କା ଉଠାଇ ବାକୁ ଅକ୍ଷମ ପ୍ରକାଶ କରିବା,ପ୍ରଭୃତି ବିଭିନ୍ନ ଅଭିଯୋଗ ଏହି ଜନଶୁଣାଣୀକୁ ଆସିଥିଲା ।ଏହି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଉପ ଜିଲ୍ଲାପାଳ ଶିବ ମାଲ୍ୟବ,ଏସପି ପ୍ରତ୍ୟୁଷ ଦିବାକର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ ସିଂ, ଅତିରିକ୍ତ ମୁଖ୍ୟ ପ୍ରକଳ୍ପ ଅଧିକାରିଣୀ ମଧୁମିତା ସାମନ୍ତରାୟ,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପି କେ କର ଉପସ୍ଥିତ ରହି ସମସ୍ୟା ସଂମ୍ପର୍କରେ ଆଲୋଚନା କରିଥିଲେ ।ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ବସନ୍ତ ନାୟକ,ଆରଡବ୍ଲୁଏସଏସ ର ନିର୍ବାହୀ ଯନ୍ତ୍ରୀ ଶେଷନାଗ ପ୍ରଧାନ, ଉଠା ଜଳ ସେଚନ ବିଭାଗ ର ଯନ୍ତ୍ରୀ ଲକ୍ଷ୍ମୀନାରାୟଣ ପାଢ଼ୀ, ପିଡବ୍ଲୁଡି ର ଏ ସି ଏସ ଆର ମଲ୍ଲିକ,ତହସିଲଦାର ସତ୍ୟଜିତ ମହାନ୍ତି, ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ,ଏସଡ଼ିପିଓ ସୁରେଶ କୁମାର ତ୍ରିପାଠୀ,ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ, ରାଇବଣିଆ ଆଇଆଇସି ଚମ୍ପାବତୀ ସୋରେନ,ସିଡ଼ିପିଓ ମିନତୀ ସିଂଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୋଡ଼ିକୁ ଗ୍ରହଣ କରିଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ବସ୍ତା, ୨୨/୬ (ନି.ପ୍ର): ବସ୍ତା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସଚେତନତା ସହ ଯୋଗ ଦିବସ ମଧ୍ୟ ପାଳିତ ହୋଇଯାଇଛି ।ଏଥିରେ ଆଶା ର ପ୍ରତିଷ୍ଠାତା,ଯୁବ ସମାଜସେବୀ ଡକ୍ଟର ଶ୍ରୀଯୁକ୍ତ ଆମର କୁମାର ପାଳ ପୌରହିତ୍ୟ କରିବା ସହିତ 'ଆଶା' ର ଚେୟାରମ୍ୟାନ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗାଭ୍ୟାସ ଦ୍ୱାରା ଜୀବନ ଶୈଳି ସହିତ ରୋଗର ପ୍ରତିରୋଧ କରିବା ସହିତ ମାନସିକ ଚାପ ହ୍ରାସ ହୋଇ ସରଳ ସୁସ୍ଥ ଜୀବନ ଯାପନ ଉପରେ ଅନେକ ସାର ଗର୍ଭକ ଭାଷଣ ଦେବାସହିତ ସଭାପତି ଡ଼ଃ ପାଳ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଏ ଆହ୍ୱାନ ସମାଜକୁ ନିଶ୍ଚିନ୍ତ ଦିଗ୍ଦର୍ଶନ ଦେବା ସହ ଯୋଗ ଶିକ୍ଷକ ଅନ୍ତର୍ଯ୍ୟାମୀ ରାଉଳ ମୁଖ୍ୟବକ୍ତା ଶିକ୍ଷକ ନରେନ୍ଦ୍ର ନାଥ ଜେନା ସମ୍ମାନିତ ଅତିଥି ଦେବସେନା ରାଜ୍ୟର ଯୁବ ଅଧକ୍ଷ ଶଙ୍କର କୁମାର ଜେନା ଶିକ୍ଷକ ଦାଶରଥି ରାଉତ ଯୋଗ ଶିକ୍ଷୟତ୍ରୀ ସୁଭାଷିନୀ ମହାନ୍ତି ପ୍ରମୁଖ ଯୋଗ ଉପରେ ଅନେକ ବକ୍ତବ୍ୟ ରଖିବା ସହିତ ସାମାଜିକ ଏକତା ଓ ସମ୍ପ୍ରଦାୟ ଭିତ୍ତିକ ସହଭାଗିତା କୁ ପ୍ରୋତ୍ସାହନ ଦେବାସହିତ ସମସ୍ତେ ଏଠି ସଂକଳ୍ପ ନେବା ଯେ ଯୋଗ ମାଧ୍ୟମରେ ଆମେ ଭାରତ ବର୍ଷକୁ ରୋଗମୁକ୍ତ କରିବାର ଆହ୍ୱାନକୁ ସ୍ଲୋଗାନ ଦେବା ସହ ୨୦ ମିନିଟ୍ ଯୋଗାଭ୍ୟାସ କରିଥିଲେ ଏବଂ ଆଶା ର ସମସ୍ତ କର୍ମଚାରୀ ବୃନ୍ଦ ଏଥିରେ ସହଯୋଗ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ଗୋଡିଶୁଳରେ ପିଇବାପାଣି ପାଇଁ ହାହାକାର: ଗରା ଓ ବାଲ୍ଟି ଧରି ରାସ୍ତା ଅବରୋଧ କଲେ ଗ୍ରାମବାସୀ, ସଜନାଗଡରୁ ଅଯୋଧ୍ୟା ରାସ୍ତା ବାଧାପ୍ରାପ୍ତ



ନୀଳଗିରି , ୨୨/୬ (ନି.ପ୍ର): ନୀଳଗିରି ବ୍ଲକ୍ ଜାମୁଡିଆ ପଞ୍ଚାୟତ ଗୁଡିଶୋଳ ଗାଁରେ ପିଇବାପାଣି ପାଇଁ ସଜନାଗଡ - ଅଯୋଧ୍ୟା ରାସ୍ତାର ଗୁଡ଼ିଶୋଳ ଠାରେ ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ଗରା ବାଲଟି ରଖି ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି ।ପାଣି ସମସ୍ୟାର ସ୍ଥାୟୀ ସମାଧାନ ନହେଲା ପର୍ଯ୍ୟନ୍ତ ରାସ୍ତାରୋକ୍ ହଟିବନାହିଁ ବୋଲି ଚେତାବନୀ ଦେଇଥିଲେ । ସୂଚନା ଅନୁଯାୟୀ ଗ୍ରାମରେ ମେଗାପାନୀୟଜଳ ପ୍ରକଳ୍ପପାଇଁ ଗ୍ରାମରେ ପାଇପ ବିଛାଯାଇଛି । ଏଥିପାଇଁ ଠିକାସଂସ୍ଥା ଟାଙ୍କି ନିର୍ମାଣପାଇଁ ଗ୍ରାମରେ ଥିବା ଏକ ପୋଖରୀକୁ ପୋତିଦିଆଯାଇଥିବା ବେଳେ ଏକ ମନ୍ଦିରକୁ ମଧ୍ଯ ଭଙ୍ଗାଯାଇ ଟାଙ୍କି ନିର୍ମାଣ କରାଯାଇଛି । ଏଥିପାଇଁ ଗ୍ରାମବାସୀଙ୍କ ସହଯୋଗ ମଧ୍ୟ ରହିଥିଲା । ମାତ୍ର ଅଧାରୁ ଠିକାସଂସ୍ଥା କାମବନ୍ଦକରି ଆଖପାଖ ଅଞ୍ଚଳରେ ପାଇପଲାଇନ ବିଛାଇ ପିଇବାପାଣି ଯୋଗାଇ ଦେଉଥିବା ବେଳେ ଉକ୍ତ ଗ୍ରାମର ପ୍ରାୟ ଦୁଇଶହ ପରିବାର ପିଇବାପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଗ୍ରାମବାସୀ ଏଥିପାଇଁ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଶେଷରେ ଆଜି ଶହଶହ ମହିଳା ଓ ପୁରୁଷ ଗରା, ବାଲଟି ରଖି ରାସ୍ତା ଅବରୋଧ କରିଥିଲେ । ପାଣି ସମସ୍ୟାର ସମାଧାନ ନହେଲେ ରାସ୍ତାରୁ ହଟିବେ ନାହିଁ ବୋଲି ଦୃଢ ଚେତାବନୀଦେଇ ରାସ୍ତା ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ ଆରଡବ୍ଲୁଏସଏସ ଏସଡିଓ ପୂର୍ଣ୍ଣମୟୀ ପଟ୍ଟନାୟକ ଓ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝାକରି ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା ।

# ଅନ୍ତର୍ଜାତୀୟ ଯୋଗ ଦିବସ ଓ ବିଶ୍ୱ ସଂଗୀତ ଦିବସ ଉପଲକ୍ଷେ ମା' ଭଦ୍ରକାଳୀ ଯୁବକ ସଂଘ ତରଫରୁ ୨୦୦ ଚାରାରୋପଣ




ବାଲେଶ୍ୱର , ୨୨/୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ପୋଖରୀ ସାହି ପଡିଆରେମା ଭଦ୍ର କାଳୀ ଯୁବକ ସଂଘ ଓ ଗ୍ରାମ ରେ କିଛି ବ୍ୟକ୍ତି ଙ୍କୁ ନେଇ ବୃକ୍ଷ ରପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା, ଏହି କାର୍ଯ୍ୟକ୍ରମ ରେ ସେହି ଗ୍ରାମ ରେ ଅବସର ପ୍ରାପ୍ତ ଇଲେକ୍ଟ୍ରିକାଲ ସୁପର ଭାଇଜର ଆଦିକନ୍ଦ ପ୍ରଧାନ ଯୋଗ ଦେଇ ଫିତା କାଟିବା ସହ ବୃକ୍ଷାରପଣ କରି ଥିଲେ, ଅନ୍ୟତମ ଅତିଥି ଭାବେ ମା ଭଦ୍ରକାଳୀ ଯୁବକ ସଂଘ ପ୍ରେସିଡେଣ୍ଟ ସୁବ୍ରତ କୁମାର ପ୍ରଧାନ ଓ ସେକ୍ରେଟାରୀ ଉତ୍ତମ କୁମାର ଦାସ ଉଦବଧାନ ଦେଇ ଗାଁ ବିକାଶ କିପରି ହେବ ସେ ବିଷୟରେ ଆଲୋକପାତ କରିଥିଲେ ଏହି କାର୍ଯ୍ୟକ୍ରମ ରେ ମୋ ଭାରତ ଯୁବକ କେନ୍ଦ୍ର ରେ ବିକ୍ରମ ବାରିକ, ଅଭିଜିତ ବେହେରା, ନିକିତା ବାନାର୍ଜୀ ସ୍ୱେଚ୍ଛାସେବୀ ସହ ପୋଖରୀ ସାହି ଅତୁଲ କୁମାର ଦାସ, ଜିତେନ୍ଦ୍ର ପ୍ରଧାନ, ଲକି ଦାସ ଅନ୍ୟ କର୍ମ କର୍ତ୍ତା ଉପସ୍ଥିତ ଥିଲେ ।

# ହୃଦ୍‌ଘାତରେ ଚାଲିଗଲା ଯୁବ ଡାକ୍ତରଙ୍କ ଜୀବନ: ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର



ନୀଳଗିରି , ୨୨/୬ (ନି.ପ୍ର): ରୋଗୀସେବା କରୁଥିବା ବେଳେ ହଠାତ୍ ହୃଦଘାତ ହେବାରୁ ସେହିଠାରେ ଟଳିପଡ଼ିଥିଲେ ଜଣେ କର୍ତବ୍ୟରତ ଯୁବଡାକ୍ତର । ଏଭଳି ଘଟଣା ଘଟିଛି ନୀଳଗିରି ଅଞ୍ଚଳରେ। ମାତ୍ର ୩୮ବର୍ଷ ବୟସରେ ପରିବାରବର୍ଗଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି ନୀଳଗିରି ବ୍ଲକ୍ ଜାମୁଡିହା ଗ୍ରାମର ଯୁବଡାକ୍ତର ରାଜେଶ ସାହୁ। ବାପା ଭାସ୍କର ସାହୁ ସଜନାଗଡ ମାର୍କେଟରେ ଏକ ହୋମିଓପାଥିକ କ୍ଲିନିକ୍ ଖୋଲି ରୋଗୀସେବା କରନ୍ତି। ଭାସ୍କରଙ୍କ ଦୁଇପୁଅ ବାଲ୍ୟକାଳରୁ ମେଧାବୀ ଥିବାରୁ ଉଭୟ ଭାଇ ଡାକ୍ତରସେବାକୁ ଆପଣେଇ ନେଇଥିଲେ। ବଡ଼ପୁଅ ରାଜେଶ କଟକ ଏସସିବି ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ହୋଇ ଏସସିବି ଆନାସ୍ଥେସିଆ ବିଭାଗରେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଯାଜପୁର ମେଡିକାଲ କଲେଜରେ ସିନିଅର ରେସିଡେନ୍ସ ନିଶ୍ଚେତକ ଡାକ୍ତର ଭାବରେ ନିଯୁକ୍ତି ମିଳିଥିଲା। ଆଜି ସକାଳ ପ୍ରାୟ ୭.୩୦ମିନିଟ ସମୟରେ ରୋଗୀସେବା କରୁଥିବା ସମୟରେ ହଠାତ୍ ହୃଦଘାତ୍ ହେବାରୁ ସଂଜ୍ଞାହୀନ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ କଟକ ବଡମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ପରେ ତାଙ୍କୁ ନିଜର ପୈତୃକ ଗ୍ରାମ ନୀଳଗିରି ବ୍ଲକ୍ ଜାମୁଡ଼ିହାକୁ ଅଣାଯାଇଥିଲା। ଅପରାହ୍ନ ପ୍ରାୟ ୬ଟା ସମୟରେ ସଜନାଗଡ ବଜାରଠାରୁ ରାଜେଶଙ୍କ ମୃତଶରୀରକୁ ଏକ ସ୍ୱର୍ଗରଥରେ ବିରାଟ ପଟୁଆରରେ ଏହି ଯୁବଡାକ୍ତରଙ୍କୁ ଜାମୁଡିହାକୁ ନିଆଯାଇଥିଲା। ସେଠାରେ ହଜାର ହଜାର ଗ୍ରାମବାସୀଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନଭାଇ ମଧ ଜଣେ ଡାକ୍ତର ଭାବରେ ଏସସିବି ମେଡିକାଲରେ କାର୍ଯ୍ୟରତ ଥିବାବେଳେ ବାପା ମା ପୁଅକୁ ହରାଇ ମର୍ମାହତ ହୋଇପଡିଛନ୍ତି। ରାଜେଶଙ୍କ ଏକମାତ୍ର ଅଢେଇବର୍ଷର ଝିଅ ଥିବାବେଳେ ପତ୍ନୀ ସ୍ୱାମୀଙ୍କ ମୃତ୍ୟୁପରେ ନିର୍ବାକ ହୋଇପଡିଥିବା ଦେଖିବାକୁ ମିଳିଛି।

# ମୁକ୍ତ ବିଦ୍ୟାଳୟ ସଂପର୍କରେ ଅବଗତ ହେବେ ଜନସାଧାରଣ




ଉଦଳା, ୨୨/୬ (ନି.ପ୍ର): ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣରେ କପ୍ତିପଦା ଉପଖଣ୍ଡ ମଧ୍ୟରେ ବିଭିନ୍ନ ସ୍ଥାନରେ ମୁକ୍ତ ବିଦ୍ୟାଳୟ ଖୋଲାଯାଇଛି । ଏହି ବିଦ୍ୟାଳୟରେ ଅଧାରୁ ପାଠପଢ଼ା ଛାଡ଼ିଥିବା ବୟସ୍କ ଛାତ୍ର ଛାତ୍ରୀ ସିଧାଶଳଖ ମାଟ୍ରିକ ପରୀକ୍ଷା ଦେଇପାରିବେ । କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ଏହି ବିଦ୍ୟାଳୟ ସମ୍ପର୍କରେ ଆଦୌ କିଛି ସୂଚନା ସାଧାରଣ ଲୋକଙ୍କ ପାଖରେ ନାହିଁ । ଫଳରେ ଲୋକେ ଏହାର ଫାଇଦା ଉଠାଇପାରୁ ନାହାଁନ୍ତି । ଏ ସମ୍ପର୍କରେ ଆଜି ଜୁନ ୨୨ ତାରିଖ ସୋମବାର ଦିନ କିଛି ସ୍ୱେଚ୍ଛାସେବି ଉଦଳା ଠାରେ ମୟୂରଭଂଜ ଜିଲ୍ଲାପାଳଙ୍କର ଜନଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଥିଲେ । ଜିଲ୍ଲାପାଳ ଏହାକୁ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ଉଦଳା ଉଚ୍ଚ ବିଦ୍ୟାଳୟ ଓ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ବର୍ତମାନ ମୁକ୍ତ ବିଦ୍ୟାଳୟ ଚାଲୁଥିବାର ଖବର ଆମର ହସ୍ତଗତ ହୋଇଛି ।

# ମୟୁରଭଞ୍ଜ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ




ବାରିପଦା , ୨୨/୬ (ନି.ପ୍ର): ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ମୟୁରଭଞ୍ଜ ସେବା ସଂଗଠନ ଆନୁକୂଲ୍ୟରେ ସଂଗଠନର ପ୍ରତିଷ୍ଠାତା ଚିନ୍ମୟ ଦାସଙ୍କ ୨୩ତମ ଜନ୍ମଦିନ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏହି ଶିବିରକୁ ଉଦଘାଟନ କରିବା ସହ ଯୁବପିଢ଼ି ମାନଙ୍କୁ ସମାଜସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରାକେଶ ସିଂହ, ରୋଟାରୀ କ୍ଲବ ସମ୍ପାଦକ ତିମିର ଘୋଷ, ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକ, ସମାଜସେବୀ ବିଶ୍ୱଜିତ ନାୟକ, ଡ଼ଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ରିଙ୍କୁ ପାଲ, ବିନୀତ ପୁରୀ, ଚିତ୍ତରଞ୍ଜନ ସ୍ୱାଇଁ ଓ ହିମାଂଶୁ ଶେଖର ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଶିବିରରେ ଚିନ୍ମୟ ଦାସଙ୍କ ସମେତ ମୋଟ ୩୦ ଜଣ ରକ୍ତଦାନ କରିଥିଲେ ଓ ଏହି ଅବସରରେ କେନ୍ଦ୍ରାପଡ଼ାର ରଶ୍ମି ଚେରିଟେବଲ ଟ୍ରଷ୍ଟ, ଜଳେଶ୍ୱରର ହେଲପିଂ ହ୍ୟାଣ୍ଡସ, ଭୋଳାଘାଟିର ବିବେକାନନ୍ଦ ସେବା ଫାଉଣ୍ଡେସନ, ବାରିପଦାର ମାନବଧର୍ମ ସେବା ଟ୍ରଷ୍ଟ, ରେଡ ଗ୍ରୀନ ଫାଉଣ୍ଡେସନ, ମା ତୁଳସୀ ଫାଉଣ୍ଡେସନ, ନନ୍ଦଲାଲା ସେବା ଟ୍ରଷ୍ଟ, ସୋସିଆଲ ୱେଲଫେୟାର ଫୋରମ ଓ ବିଶିଷ୍ଟ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସଂଗଠନର ଉପ ସଭାପତି ସନ୍ଦୀପ କୁମାର ନାଥ, ସମ୍ପାଦକ ଭରତ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ହରିଶ ଚନ୍ଦ୍ର ଲେଙ୍କା, କୋଷାଧକ୍ଷ ତନୁଜା ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂହ, ଉପଦେଷ୍ଟା ଅରବିନ୍ଦ ମୁଖି ଓ ତୃପ୍ତି ମୋହନ ମହାପାତ୍ର ଓ ସଦସ୍ୟ ଅଙ୍କିତ କୁମାର ସାହୁ, ରୁମା ବାରିକ, ଚିନ୍ମୟ କୁମାର ପ୍ରଧାନ, ବାପୁନ ସିଂ, ରାହୁଲ ମହାପାତ୍ର, ସୁଭଦ୍ରା ପ୍ରଧାନ, ତନୁଶ୍ରୀ ଦାସ, ସତ୍ୟମ କୁମାର ବାରିକ, ମନୋଜ ବେହେରା, ମାନସ ରଞ୍ଜନ ସ୍ୱାଇଁ, ଉତ୍ତମ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଖଇରା ବ୍ଲକରେ ବିକାଶ ଧାରା ଓଡିଶା ସାରା ଉଦ୍‌ଘାଟିତ




ଖଇରା, ୨୨/୬ (ନି.ପ୍ର): ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତୀ ଉତ୍ସବ ବିକାଶ ଧାରା ଓଡିଶା ସାରା ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ରେ ଉଦଘାଟିତ ହୋଇ ଯାଇଛି । ସୋମବାର ପ୍ରଥମ ଦିବସରେ ଜାତି-ଜନଜାତି ଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଉପରେ ଅଧିକାରୀ ଓ ନେତୃବୃନ୍ଦ ଆଲୋକପାତ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ,ଏସି ମୋର୍ଚ୍ଚା ସଭାପତି କୈଳାସ ମାଝୀ ଓ ଉପସଭାପତି ରତିକାନ୍ତ ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଦ୍ରୁପଦ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ କେଜି ଠାରୁ ପିଜି ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ମିଳୁଥିବା ସରକାରୀ ପ୍ରୋତ୍ସାହନ ଉପରେ ଆଲୋକପାତ କରିଥିଲେ । ଏବେ ପୁଣି ୧କିଲୋ ୱାଟ ମାଗଣା ମିଳୁଳି ମିଳିବ ବୋଲି ଟାଟା ପାୱାରର ସହକାରୀ ଯନ୍ତ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳ ସୂଚନା ଦେଇଥିଲେ । ପରେ ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ୨୨ଜଣଙ୍କୁ ରେସନକାର୍ଡ ବଣ୍ଟନ କରାଯାଇଥିଲା । ସେହିଭଳି ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ,ମ୍ୟାଟ୍ରିକ ଟପର ହିମାଂଶୁ ଘଡେଇ ଓ ନମ୍ରତା ଶିଅଳ ଏବଂ ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୟ କେତନ ବିଦ୍ୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ । ଜନସାଧାରଣଙ୍କ ସୁଚନା ପାଇଁଓ ପ୍ରଶାସନ ସହଯୋଗରେ ମିଶନ ଶକ୍ତି, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, କୃଷି, ମୋଗା ପାନୀୟ ଜଳ ପ୍ରକଳ୍ପ,ଟାଟା ପାୱାର ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା । ମୁଖ୍ୟକିରାଣୀ ବ୍ରହ୍ମାନନ୍ଦ ଦାଶ,ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ମହାନ୍ତି, ଶଶିକାନ୍ତ ଦାସ, ଅନନ୍ତ କୁମାର କୁଅଁର, କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ବୋଲଗଡ ପଂଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ




ଖୋର୍ଦ୍ଧା , ୨୨/୬ (ନି.ପ୍ର): ବୋଲଗଡ଼ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ,ବ୍ଲକ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ବୋଲଗଡ଼ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ପିଙ୍କି ସୁବୁଦ୍ଧି, କଅଁପୁର, ଖମୁରିଆ, ବୋଲଗଡଙ୍କୁ ୧୫ ହଜାର, କୁମୁଦିନୀ ମହାନ୍ତି, ହଳଦିପଦା, ସାଗର ବୁହା, ବୋଲଗଡଙ୍କୁ ୧୦ ହଜାର, ହରିବନ୍ଧୁ ନାୟକ, ସାଗର ବୁହା,ବୋଲଗଡ ଙ୍କୁ ୧୦ ହଜାର ସହାୟତା ରାଶି ପ୍ରଦାନ କରିଥିଲେ । ସେହିପରି ବୋହିତା ଦେଇ, ଟାଙ୍ଗୀ ସାହି, ଖାଷିଓଦା, ବୋଲଗଡଙ୍କୁ ୨୦ ହଜାର, ଦିଲ୍ଲୀପ ସାମନ୍ତରାୟ, ରାଣୋଳ, ସାନପଦର, ବୋଲଗଡଙ୍କୁ ୧୫ ହଜାର, ବନିତା ପାଲଟା ସିଂହ, ଅପାସିଆ, ବାବାରଦୁଲା ପାଟଣା, ବୋଲଗଡ ଙ୍କୁ ୨୦ ହଜାର ଏବଂ କୁଞ୍ଜ ବିହାରୀ ସୁବୁଦ୍ଧି, ଗୋଡ଼ାପାଟଣା, ସାଗର ବୁହା, ବୋଲ ଗଡଙ୍କୁ ୧୫ ହଜାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରଦାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ପଂଚାୟତ ପ୍ରତିନିଧି,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

## ଏସଏଚଭିଆରରେ ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

ଭୁବନେଶ୍ୱର, ୨୨/୬ (ନି.ପ୍ର): ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ ଟି ବିଦ୍ୟାଳୟକୁ ଚୟନ କରାଯାଇଛି । ଓଡ଼ିଶାର ପ୍ରାୟ ୨୦ ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା, ଯେଉଁଥିରୁ ୧୦ ଟି ବିଦ୍ୟାଳୟକୁ ଏସଏଚଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି । ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ବା ଏସଏଚଭିଆର ମୁଖ୍ୟତଃ ପରିମଳ ଏବଂ ପରିଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ । ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ ।


# ସାଳନ୍ଦୀ ସାହିତ୍ୟ ସଂଗମର ଆଳାପନ

## ‘ବାପା’ ସଭିଙ୍କ ପାଇଁ ଭରସାର ଗୋଟେ ନିବୁଜ ଲଫାପା




ଭଦ୍ରକ, ୨୨/୬ (ନି.ପ୍ର): ବାପା କେବଳ ଘରର କାନ୍ଥ କି ଛାତ ନୁହନ୍ତି; ସେ ଘରର ମଝି ଖୁଂଟ । ବାପା ସର୍ବଦା ଏକ ଛାୟାପ୍ରଦ ଦ୍ରୁମ ହେଲେ ବି ରହିଥାନ୍ତି ବିଲ ମଝିର ଏକୁଟିଆ ତାଳ ଗଛଟିଏ ପରି । ମାଆକୁ ନେଇ ସାରା ଦୁନିଆ ମୁଖରିତ ଥିଲାବେଳେ ବାପା ଆମ ପାଇଁ ଆଶା, ଭାଷା ଓ ଭରସାର ଏକ ନିବୁଜ ଲଫାପା ହୋଇ ରହିଥା’ନ୍ତି । ‘ବିଶ୍ୱ ପିତୃଦିବସ’ ଅବସରରେ ଆରଡ଼ି ଛକ, ଭଦ୍ରକ ସ୍ଥିତ ପ୍ରେମ ନଗର ସଭାକକ୍ଷରେ ଟାଇମପାଶ୍ ଆୟୋଜିତ ‘ସାଳନ୍ଦୀ ସାହିତ୍ୟ ସଂଗମ’ର ବାପା ଶୀର୍ଷକ ଆଳାପନ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି । ସାହିତ୍ୟ ସଂଗମର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାର ସଂଚାଳନ କରିଥିଲେ ସାଳନ୍ଦୀ ସାହିତ୍ୟ ସଂଗମର ନିର୍ଦ୍ଦେଶକ ସରୋଜ ବଳ ଓ ସ୍ୱାଗତ ସମ୍ଭାଷଣ ରଖିଥିଲେ ପ୍ରେମ ପୃଥିବୀର ସଂପାଦକ କୈଳାଶ ଚନ୍ଦ୍ର ପଣ୍ଡା । ମୁଖ୍ୟ ଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଡ. ବାସୁଦେବ ବାରିକ ଓ ତ୍ୟାଗଭୂମିର ସଭାପତି ଅଜୟ ନାୟକ ବାପାଙ୍କୁ ନେଇ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ’ବାପା: କିଛି କଥା, ବ୍ୟଥା ଓ କବିତା’ କ୍ରମରେ କିଶୋର ପାଣିଗ୍ରାହୀ, ମମତା ସାହୁ, ସାବିତ୍ରୀ କବି, ଅଭିଜିତ୍ ନାୟକ, ଅଶୋକ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ବହଳୀ, ପ୍ରମୋଦ ରାୟ, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର କବି, ବିସ୍ମୟ ବିହାରୀ ସାହୁ ଆଦି ବାପାଙ୍କୁ ନେଇ କଥା ଓ କବିତା ଉପସ୍ଥାପନ କରିଥିଲେ। ଆବହ ସଂଗୀତର ମୃଦୁ ମୂର୍ଚ୍ଛନା ଭିତରେ କବିତା ପାଠ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ସଭା ଶେଷରେ ଡ. ହରିପ୍ରିୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଶିଙ୍ଗା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଶ୍ରୀହୀନ ହେବାକୁ ବସିଲାଣି: ରାଜନେତାଙ୍କ ଦୃଷ୍ଟି ଆଢୁଆଳରେ




ବୈଶିଙ୍ଗା , ୨୨/୬ (ନି.ପ୍ର): ଶହେବର୍ଷ ତଳେ ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା କଦଳିଆ ପ୍ରଗଣା ଅଧିନ ୫୦ଖଣ୍ଡ ରାଜସ୍ୱ ଗ୍ରାମ ର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଏହାର କେନ୍ଦ୍ରସ୍ଥଳ ଭାବେ ବୈଶିଙ୍ଗା ଠାରେ ଏକ ଆଞ୍ଚଳିକ ଡାକ୍ତରଖାନା ସ୍ଥାପନା କରିଥିଲେ ।ଶହେ ବର୍ଷ ପରେ ମଧ ଆଜି ବି ସେହି ଆଞ୍ଚଳିକ ଡାକ୍ତରଖାନା ଭାବେ ପରିଗଣିତ ହେଉଛି । ଆବଶ୍ୟକୀୟ ଅଭିଜ୍ଞ ଡାକ୍ତର, ନର୍ସ, ଫାର୍ମାଶିଷ୍ଟ, ଡ୍ରେସର, ସ୍ୱିପର ନଥିବା ଆସୁଥିବା ରୋଗୀମାନେ ପ୍ରକାଶ କରିଛନ୍ତି। ଦୈନିକ ୨୫୦ ରୁ ୩୦୦ ରୋଗୀ ଆସୁଥିବା ବେଳେ ଖରା ବର୍ଷାରେ ଘଣ୍ଟା ଘଣ୍ଟାଧରି ସେମାନଙ୍କୁ ବାହାରେ ଠିଆ ହୋଇ ରହିବାକୁ ପଡୁଛି । ଡାକ୍ତର ଙ୍କର ସିଫ୍ଟ ଟାଇମ ନ ହେଲେ ଡ୍ୟୁଟିରେ ଆସନ୍ତି ନାହିଁ। ଆଉଟଡୋର ରେ ସିକ୍ୟୁରିଟି ରୋଗୀ ଙ୍କ ନାମ ସିରିୟାଲ କରୁ ଥିବାର ରୋଗୀମାନେ ପ୍ରକାଶ କରିଛନ୍ତି । ସେହିଭଳି ମେଡିସିନ ଦେବାପାଇଁ ଜଣେ ଫାର୍ମାସିଷ୍ଟ କାର୍ଯ୍ୟ ଚଳାଇଥିବା ଜଣାଯାଇଛି । ଫଳରେ ଜଣେ ଫାର୍ମାସିଷ୍ଟ ମନୋରଞ୍ଜନ ମିଶ୍ର ଙ୍କୁ ଏକୁଟିଆ ମେଡିସିନ ଡିଷ୍ଟ୍ରିବ୍ୟୁଟ କରିବା ପାଇଁ ହଇରାଣ ହେବାକୁ ପଡୁଛି । ଏଥିସହିତ କୁକୁର କାମୁଡା ରୋଗୀ ମଧ ଅଧିକ ସଂଖ୍ୟାରେ ଆସୁଥିବା କାରଣରୁ ଜଣେ ଫାର୍ମାସିଷ୍ଟ କୁ ନାକେଦମ ହେବାକୁ ପଡୁଛି । ସେହିଭଳି ଅଭିଜ୍ଞ ଡାକ୍ତର ବିନା ରୋଗୀମାନଙ୍କୁ ବାହାରକୁ ବଡ ଡାକ୍ତରଖାନା ଯିବାକୁ ପଡୁଛି ।ନୂଆ ସରକାର ଙ୍କ ର ସ୍ୱାସ୍ଥ୍ୟମନ୍ତ୍ରୀ ଡାଃ ମୁକେଶ ମହାଲିଙ୍ଗ ଙ୍କ ବୈଶିଙ୍ଗା ଡାକ୍ତରଖାନା ଗସ୍ତ ସମୟରେ ସମସ୍ତ ବିଷୟ ଅବଗତ କରାଯାଇଥିଲେ ମଧ ଅଦ୍ୟାବଧି କିଛି ପଦକ୍ଷେପ ନିଆ ଯାଇ ନ ଥିବା ଜଣାଯାଇଛି । ସ୍ୱାସ୍ଥ୍ୟ ସେବା ପ୍ରତି ଅଧିକ ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ମାନୁଆଲ ଏକ୍ସରେ ପାଇଁ ଖଇରା ସିଏଚସିରେ ହନ୍ତସନ୍ତ ରୋଗୀ

ଖଇରା, ୨୨/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନୁଆଲ ଏକ୍ସରେ କୁ ଅପସାରଣ କରାଯାଉନଥିବାରୁ ଏବେ ରୋଗୀ ହଇହଟ୍ଟା ହେଉଛନ୍ତି । ଅଧିକାଂଶ ସମୟରେ ବିଭାଗ ପକ୍ଷରୁ ଏକ୍ସରେ ଫିଲ୍ମ ମେଡିକାଲକୁ ପ୍ରଦାନ କରାଯାଉନଥିବାରୁ ଦୈନିକ ବହୁ ସଂଖ୍ୟାର ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି । ଘଟଣାକ୍ରମେ ଗତ ୮ଦିନ ହେଲା ଏକ୍ସରେ ଫିଲ୍ମ ଅଭାବ ଯୋଗୁଁ ଖଇରା କୁ ଆସୁଥିବା ହାଡଭଙ୍ଗା ରୋଗୀ ଏବେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏକ୍ସରେ ପାଇଁ ଖଇରା ଲୋକଙ୍କୁ ଖର୍ଚ୍ଚାନ୍ତ ହେଇ ସୋର ଏବଂ ଆଗରପଡା ଯିବାକୁ ପଡୁଛି । ବାଲେଶ୍ୱର ଜିଲାର ଅନ୍ୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡିଜିଟାଲ ଏକ୍ସରେ ମିଳିସାରିଥିବା ବେଳେ ଖଇରାରେ ଏ ପର୍ଯ୍ୟନ୍ତ ୩୦ବର୍ଷ ତଳର ମାନୁଆଲ ମ୍ୟାସିନକୁ ବଦଳାଇବାକୁ ଦୃଷ୍ଟି ଦିଆଯାଉନାହିଁ । ଯେଉଁଥିପାଇଁ ଏହି ପୁରୁଣା ମ୍ୟାସିନ ପାଇଁ ଫିଲ୍ମ ସହଜରେ ଉପଲବ୍ଧ ହେଉନାହିଁ । ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ନେବାରେ ମାନୁଆଲ ଏକ୍ସରେ ପାଇଁ ଏହି ସମସ୍ୟା ହେଉଛି । ମଙ୍ଗଳବାର ଜିଲାକୁ ୪ଶହ ଫିଲ୍ମ ଆସିଛି । ମଙ୍ଗଳବାର ଷ୍ଟାଫ ପଠାଇ ଆଣିବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

# ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୨୨/୬/୨୬: ଭଦ୍ରକ ତିହିଡି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୭୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୪୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୦ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୩ ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୨୬,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ମନୋଜ ରାଉତ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରମୋଦ ପ୍ରହରାଜ , ତିହିଡି ବ୍ଲକ ଅଧକ୍ଷା ଶ୍ରୀମତୀ ଅବନ୍ତୀ ଦାସ , ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ନିରଞ୍ଜନ ବାରିକ, ତହସିଲଦାର ଶ୍ରୀ ଶୁବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida